୨୦୨୭ ବିଶ୍ୱକପ ପରେ ବିରାଟଙ୍କ ଅବସର ଚର୍ଚ୍ଚାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ!



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୨୮୧ ● ୧୨ ନଭେମ୍ବର ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-281 ● 12th November 2026, Thursday ● Bhubaneswar

ସରକାରଙ୍କ ପକ୍ଷ ରଖିଲେ ମୁଖ୍ୟ ଶାସନ ସଚିବ

ଅପ୍ରତ୍ୟାଶିତ ବର୍ଷା ପାଇଁ ଗଞ୍ଜାମରେ ବନ୍ୟା ପରିସ୍ଥିତି

ଭୁବନେଶ୍ୱର,୧୧।୧୧
ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମରେ ବନ୍ୟା ପରିଚାଳନା ନେଇ ହୋଇଥିବା ଅଭିଯୋଗ ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉତ୍ତର ରଖିଛନ୍ତି। ବୁଧବାର ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ଅଭୂତପୂର୍ବ-ଅପ୍ରତ୍ୟାଶିତ ବର୍ଷା ପାଇଁ ଗଞ୍ଜାମ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲା। ଲଗାତାର ୩ ଦିନ ବର୍ଷା ପାଇଁ ଏପରି ପରିସ୍ଥିତି ସୃଷ୍ଟି ହେଲା। ପାତ୍ରପୁରରେ ଗୋଟିଏ ଦିନରେ ୫୪୬ ମିମି ବର୍ଷା ହୋଇଥିଲା। ପାତ୍ରପୁରରେ ତା ପୂର୍ବ ଦିନ ୮୯ ମିମି ଓ ପରଦିନ ୧୭୩ ମିମି ବର୍ଷା ହେଲା। ଏପରିକି ଆଉ କିଛି ସ୍ଥାନ ଇତିହାସରେ ସର୍ବାଧିକ ବର୍ଷାର ରେକର୍ଡ ବି କଲା। ୧୯୯୦ ଓ ୨୦୧୩ରେ ହୋଇଥିବା ପ୍ରବଳ ବର୍ଷାଠୁ ଏଥର ଅଧିକ ପରିମାଣର ବର୍ଷା ହୋଇଥିଲା। ୨୦୧୩ରେ ଫାଇଲିନ୍ ବର୍ଷା ଠାରୁ ବି ୬୫% ଅଧିକ ବର୍ଷା ଥିଲା। ଫାଇଲିନ୍ ସମୟରେ ଗୋଟିଏ ଦିନ ବର୍ଷା ଥିଲା, ମାତ୍ର ଏଥର ୩ ଦିନ ବର୍ଷା ହୋଇଥିଲା। ରଷିକୁଲ୍ୟା ଓ ବାହୁଦାର କ୍ୟାଚମେଣ୍ଟ ଏରିଆର ୧୦% ପାଣି ଡ୍ୟାମ୍‌କୁ ଯାଏ। ଅବଶିଷ୍ଟ ପାଣି ସିଧାସଳଖ ନଦୀକୁ ଯାଏ, ସେଥିରେ ଆଉ ନିୟନ୍ତ୍ରଣ ନାହିଁ। ମାତ୍ର ଡ୍ୟାମ୍‌ରୁ ଜଳ ନିଷ୍କାସନ ନେଇ ଯାହା କରାଯିବା କଥା କରାଯାଇଛି। ଏଥର ମଧ୍ୟ ଅନୁଧ୍ୟାନ କରି ଯନ୍ତ୍ରୀମାନେ ଡ୍ୟାମ୍‌ର ପାଣି ଖସାଇଥିଲେ। ଫାଇଲିନ୍ ସମୟରେ ଯେପରି ପାଣି କମା ଯାଇଥିଲା, ଏଥର ମଧ୍ୟ ହୋଇଛି। ଅଧିକ ଗେଟ୍ ଖୋଲି ଦିଆଯାଇଥିବା ଅଭିଯୋଗର ମଧ୍ୟ ଜବାବ ରଖିଛନ୍ତି ମୁଖ୍ୟ ଶାସନ ସଚିବ। ସେ କହିଛନ୍ତି ଯେ, ଡ୍ୟାମ୍ ନିରାପତ୍ତା ହେଉଛି ପ୍ରାଥମିକତା, ଏଥିରେ ରିସ୍କ ନେଇ ହେବନି। ଯେଉଁ ଅନୁସାରେ ପାଣି ଆସିଲା, ସେହି ଅନୁସାରେ ଗେଟ୍ ଖୋଲିଲେ। ବିଦ୍ୟୁତ ଓ ପିଇବା ପାଣି ଆଦି ନେଇ ସମସ୍ୟା ପ୍ରାୟତଃ ଦୂର ହୋଇସାରିଛି। ଅର୍ଣ୍ଣବ ପରବର୍ତ୍ତୀ ସମୟରେ ବିଦ୍ୟୁତ ଯୋଗାଣ ସ୍ଥିତିକୁ ସୁଧାରିବା ଦିଗରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଇଛି। ଇତିମଧ୍ୟରେ ଶତପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟାୟକୁ ଆସିଲାଣି ବୋଲି ସେ କହିଛନ୍ତି।



ଡ୍ୟାମ୍ ପରିଚାଳନାରେ ତ୍ରୁଟି ହୋଇନାହିଁ

ଅନ୍ୟପକ୍ଷରେ ଡ୍ୟାମ୍ ଜଳ ପରିଚାଳନା ବନ୍ୟା ପଛର ଆଉ ଏକ କାରଣ ହୋଇପାରେ ବୋଲି ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କରିଥିବା ଅଭିଯୋଗ ସମ୍ପର୍କରେ ସ୍ପଷ୍ଟୀକରଣ ରଖିଛି ଜଳସମ୍ପଦ ବିଭାଗ। ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ ରାଉତ ସାମ୍ବାଦିକ ସମ୍ମିଳନୀରେ ଡ୍ୟାମ୍ ପରିଚାଳନାରେ କୌଣସି ତ୍ରୁଟି ନଥିବା ଦର୍ଶାଇ କହିଛନ୍ତି ପୁନରୁଦ୍ଧାର କାର୍ଯ୍ୟ ଜୋରଦାର ଚାଲୁରହିଛି।

ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଦେଖାଦେଇଥିବା ହଠାତ୍ ପ୍ରବଳ ବର୍ଷା ଯୋଗୁଁ ଜଳଭଣ୍ଡାର ଗୁଡ଼ିକର ଜଳସ୍ତରରେ ଦ୍ରୁତ ବୃଦ୍ଧି ଘଟିବା ସହ ନଦୀ ଗୁଡ଼ିକରେ ଜଳପ୍ରବାହ ବୃଦ୍ଧି ପାଇଥିଲା। ଫଳସ୍ୱରୂପ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା କୌଣସି ମନୁଷ୍ୟକୃତ ପରିସ୍ଥିତି ନୁହେଁ, ବରଂ ଅତ୍ୟଧିକ ବୃଷ୍ଟିପାତର ପରିଣାମ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ବ୍ରହ୍ମପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରାଯାଇଛି।

ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ରେ ଓଡ଼ିଶାକୁ ଜାତୀୟ ସ୍ୱୀକୃତି

ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ପ୍ରଥମ



ଭୁବନେଶ୍ୱର,୧୧।୧୧
ନ୍ୟୁଜ୍‌ବ୍ୟୁରୋ

ସହରାଞ୍ଚଳର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୁସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ନିରନ୍ତର ପ୍ରୟାସକୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ରେ ଓଡ଼ିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବୁଧବାର ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଏହି ସଫଳତାରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି ପୁରୀ। ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି ଓଡ଼ିଶାର ପ୍ରଥମ ରାଜ୍ୟସ୍ତରୀୟ ସ୍ୱଚ୍ଛ ସହର ଭାବେ ଭୁବନେଶ୍ୱରକୁ ସ୍ୱୀକୃତି ମିଳିଥିବାବେଳେ, ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବର୍ଗର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ଆସିକା ପୌରପାଳିକା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ସଫଳତା ରାଜ୍ୟର ସହର ଓ ନଗରଗୁଡ଼ିକରେ ସ୍ୱଚ୍ଛତା, ଉନ୍ନତ ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ସୁପରିଚାଳନା ଏବଂ ଜନସାଧାରଣଙ୍କ ସକ୍ରିୟ ସହଭାଗିତାର ପ୍ରତିଫଳନ।

ଏହି ଜାତୀୟ ସ୍ୱୀକୃତି ଓଡ଼ିଶାର ସ୍ୱଚ୍ଛ, ସୁସ୍ଥ ଓ ବାସଯୋଗ୍ୟ ସହର ଗଠନ ଦିଗରେ ନିରନ୍ତର ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଏଥିସହ ରାଜ୍ୟ ସରକାର, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ସଫେଇ କର୍ମଚାରୀ ଓ ନାଗରିକମାନଙ୍କର ସମ୍ମିଳିତ ପ୍ରୟାସକୁ ମଧ୍ୟ ଏହା ସ୍ୱୀକୃତି ପ୍ରଦାନ କରିଛି। ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ସହ ନାଗରିକଙ୍କ ସହଭାଗିତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ଦିଗରେ ଏହି ପ୍ରୟାସ ଗୁରୁତ୍ୱ ବହନ କରୁଛି।

ସ୍ୱଚ୍ଛ ଭାରତ ମିଶନ୍-ସହରାଞ୍ଚଳ ଅଧୀନରେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ ହେଉଛି ଏହାର ଦଶମ ସଂସ୍କରଣ। ଏହା ବିଶ୍ୱର ସର୍ବବୃହତ୍ ସହରାଞ୍ଚଳ ସ୍ୱଚ୍ଛତା ଓ ପରିମଳ ମୂଲ୍ୟାୟନ କାର୍ଯ୍ୟକ୍ରମ ଭାବେ ପରିଚିତ। (ପୃଷ୍ଠା ୭ରେ)

ଆଜିର ମୁଖ୍ୟ ଖବର

- କୁଲଗାମରେ ସିଆରପିଏଫ୍ ପାଟ୍ରୋଲିଂ ଟିମ୍ ଉପରେ ଗୁଳିମାଡ଼, ଦୁଇ ଯବାନ ଆହତ।
- ତୁଷାରପାତ ପାଇଁ ବନ୍ଦ ହେଲା କେଦାରନାଥ ଧାମର କବାଟ।
- ଇରାନର ଧମକ ମଧ୍ୟରେ ଆମେରିକାର ଅର୍ଥ ସଚିବ ବେସେଣ୍ଟଙ୍କୁ ଘରୁ ସାମରିକ ଘାଟିକୁ ନିଆଗଲା।
- ଆମେରିକାର ପ୍ରତିନିଧି ସଭାରେ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଖାରଜ।
- ଗୌହାଟୀ ନିକଟସ୍ଥ ଡିଗାରୁଠାରେ କୋଲକାତା-ସାଇରାଙ୍ଗ ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ, ସମସ୍ତ ଯାତ୍ରୀ ସୁରକ୍ଷିତ।
- ରାଜ୍ୟରେ ଯୁକ୍ତ ୨ ଫର୍ମ ପୂରଣ ତାରିଖ ବଢ଼ାଇଲା ସିଏଚଏସଇ।
- ଯୁଦ୍ଧ କ୍ଷମତା ବୃଦ୍ଧି ପାଇଁ ୫୦୦ କୋଟି ଟଙ୍କା ବ୍ୟୟରେ ନୌସେନାର ଯୁଦ୍ଧ ଜାହାଜ ‘ବେତଓ୍ୱା’ର ମରାମତି କରାଯିବ।

ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଗବେଷଣା ଜରୁରୀ

ନୂଆଦିଲ୍ଲୀ,୧୧।୧୧

ଜଳବାୟୁ ପରିବର୍ତ୍ତନ, କୃଷିର ସ୍ଥିରତା, ଖାଦ୍ୟ ସୁରକ୍ଷା ଓ ପୋଷଣ ସମ୍ବନ୍ଧୀୟ ଆହ୍ୱାନର ମୁକାବିଲା ପାଇଁ ବୈଜ୍ଞାନିକ ଗବେଷଣା, ବ୍ୟାପକ ତଥ୍ୟ ଏବଂ ପ୍ରମାଣଭିତ୍ତିକ ନୀତି ପ୍ରଣୟନ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ଡ. ପି.କେ. ମିଶ୍ର ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ଜଳବାୟୁ ପରିବର୍ତ୍ତନକୁ ଏବେ କେବଳ ପରିବେଶ ସମ୍ବନ୍ଧୀୟ ସମସ୍ୟା ଭାବେ ଦେଖାଯାଇପାରିବ ନାହିଁ। କାରଣ ଏହାର ସିଧାସଳଖ ପ୍ରଭାବ କୃଷି ଉତ୍ପାଦନ, ଜଳ ଉପଲବ୍ଧତା, ଖାଦ୍ୟ ମୂଲ୍ୟ, ଜନସ୍ୱାସ୍ଥ୍ୟ ଓ ଲୋକଙ୍କ ଜୀବିକା ଉପରେ ପଡୁଛି।



ବୁଧବାର ଭାରତୀୟ ପରିଚାଳନା ସଂସ୍ଥାନ (ଆଇଆଇଏମ୍), କୋଝିକୋଡ଼ ଠାରେ ପରିବେଶ ଓ ବିକାଶ (ଇଏଫ୍‌ଡି) ନେଟୱର୍କର ୨୦ତମ ବାର୍ଷିକ ବୈଠକର ଉଦ୍‌ଘାଟନୀ ଅଧିବେଶନକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବୋଧିତ କରି ଡ. ମିଶ୍ର ଏହା କହିଛନ୍ତି। ସେ କହିଥିଲେ ଯେ, କେବଳ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ଆଧାରରେ ଖାଦ୍ୟ ସୁରକ୍ଷାର ଆକଳନ କରାଯିବା ଉଚିତ ନୁହେଁ। ଲୋକଙ୍କୁ ସୁଲଭ ମୂଲ୍ୟରେ ବିବିଧ ଓ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।

ସେ କହିଥିଲେ ଯେ, ଜଳବାୟୁଜନିତ ବାଧାବିଘ୍ନ ଯୋଗୁଁ ଡାଲି, ଫଳ, ପନିପରିବା, କ୍ଷୀର ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟପଦାର୍ଥର ଉପଲବ୍ଧତା ଏବଂ ମୂଲ୍ୟ ପ୍ରଭାବିତ ହୋଇ ପାରେ। ତେଣୁ କୃଷିରେ ବିବିଧକରଣ ଏବଂ ଜଳବାୟୁ ଅନୁକୂଳ ଖାଦ୍ୟ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଆବଶ୍ୟକ।

ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ କ୍ରମେ ୨୦୨୩କୁ ମିଳିତ ଜାତିସଂଘ ପକ୍ଷରୁ ଅନ୍ତର୍ଜାତୀୟ ମୋଟା ଶସ୍ୟ (ପୃଷ୍ଠା ୭ରେ)

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ପ୍ରଭାବିତ ପରିବାରଙ୍କୁ ମିଳିବ ୫୦ କେଜି ଚାଉଳ ସହ ୨୫୦୦ ଟଙ୍କା

ଭୁବନେଶ୍ୱର,୧୧।୧୧
ନ୍ୟୁଜ୍‌ବ୍ୟୁରୋ

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇ ପରିସ୍ଥିତି ଜଟିଳ ହୋଇଛି। ବନ୍ୟା ବିପନ୍ନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରଭାବିତ ପ୍ରତ୍ୟେକ ପରିବାରକୁ ୫୦ କେଜି ଚାଉଳ ସହ ୨୫୦୦ ଟଙ୍କା ଆର୍ଥିକ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ବନ୍ୟା ପାଣିରେ ଘର ବୁଡ଼ିଥିବା ପରିବାରକୁ ପୋଷାକ କିଣିବା ପାଇଁ ଆର୍ଥିକ ସହାୟତା ସହ ବାସନକୁସନ କିଣିବା ବାବଦରେ ୨୫୦୦ ଟଙ୍କା ମିଳିବ। ସେହିପରି ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତ ପରିବାରଙ୍କୁ ମଧ୍ୟ ସହାୟତା ରାଶି ପ୍ରଦାନ କରାଯିବ। ସମତଳ ଅଞ୍ଚଳରେ ଘର ଭାଙ୍ଗିଥିଲେ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ପାର୍ବତ୍ୟ ଅଞ୍ଚଳରେ ଘର ଭାଙ୍ଗିଥିଲେ ୧ ଲକ୍ଷ ୩୦ ହଜାର ଟଙ୍କା ସହାୟତା ମିଳିବ। ବନ୍ୟାରେ ଚାଷଜମି ଓ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ମଧ୍ୟ କ୍ଷତିପୂରଣ ଦିଆଯିବ। ଅଣଜଳସେଚିତ ଜମିରେ ଫସଲ କ୍ଷତି ହୋଇଥିଲେ ହେକ୍ଟର ପିଛା ୧୮ ହଜାର ଟଙ୍କା ଏବଂ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭ ହଜାର ଟଙ୍କା ମିଳିବ। ସେହିପରି ବାରମାସୀ ଫସଲ ନଷ୍ଟ ହୋଇଥିଲେ ହେକ୍ଟର ପିଛା ୨୨ ହଜାର ୫୦୦ (ପୃଷ୍ଠା ୭ରେ)

କଟକ ବାଲିଯାତ୍ରା ଉଦ୍‌ଘାଟନ କରିବେ ରାଷ୍ଟ୍ରପତି



କଟକ,୧୧।୧୧
ନ୍ୟୁଜ୍‌ବ୍ୟୁରୋ

ବିଶ୍ୱ ପ୍ରସିଦ୍ଧ ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟନ କରିବେ ରାଷ୍ଟ୍ରପତି। ଆସନ୍ତା ୨୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ କଟକ ବାଲିଯାତ୍ରା ଉଦ୍‌ଘାଟନ କରିବାର (ପୃଷ୍ଠା ୭ରେ)

ସୁନା ଦର

୨୪ କ୍ୟାରେଟ ସୁନା - ପ୍ରତି ଗ୍ରାମ ୧୪,୩୫୭ (+୧୧)
୨୨ କ୍ୟାରେଟ ସୁନା - ପ୍ରତି ଗ୍ରାମ ୧୩,୧୬୦ (+୧୦)
୧୮ କ୍ୟାରେଟ ସୁନା - ପ୍ରତି ଗ୍ରାମ ୧୦,୭୬୮ (+୯)

ରୂପା ଦର

ରୂପା - ପ୍ରତି ଗ୍ରାମ ୨୦୫ (+୦)

ଓଡ଼ିଶା-ଜାପାନ ଟୋଟୋରି ସହ ଚୁକ୍ତି ସ୍ୱାକ୍ଷର



ଭୁବନେଶ୍ୱର,୧୧।୧୧
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା-ଜାପାନ ମଧ୍ୟରେ ବନ୍ଧୁତ୍ୱର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଜାପାନର ଟୋଟୋରି ପ୍ରଦେଶ ସହ ଓଡ଼ିଶାର ଫ୍ରେଣ୍ଡସିପ୍ ଏଗ୍ରିମେଣ୍ଟ ସ୍ୱାକ୍ଷର ହୋଇଛି। ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଟୋଟୋରି ପ୍ରଦେଶର ରାଜ୍ୟପାଳ ଶିଞ୍ଜି ହିରାଇଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଛି। ଷ୍ଟାର୍ଟଅପ ଓଡ଼ିଶା ଓ ଟୋଟୋରିର ଶିଳ୍ପ ନିର୍ଦ୍ଦେଶକଙ୍କ ମଧ୍ୟରେ ଏବଂ ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଓ ଟୋଟୋରି (ପୃଷ୍ଠା ୭ରେ)

ପାଣିରେ ବୁଡ଼ି ଗୋଟିଏ ପରିବାରର ଚାରି ଭାଇ-ଉଭଣୀଙ୍କ ମୃତ୍ୟୁ

ଜୟପୁର,୧୧।୧୧

‘ଭାଇ ଦୂଜ’ ପର୍ବରେ ବଡ଼ ଅଘଟଣ। ପାଣିରେ ବୁଡ଼ିଯିବା ଫଳରେ ଚାରି ଭାଇ-ଉଭଣୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ତିନି ଭାଇ-ଭଉଣୀଙ୍କ ସମେତ ସମ୍ପର୍କୀୟ ଭାଇ ରହିଛି। ଗୋଟିଏ ପରିବାରର ଚାରି ଜଣ ପିଲାଙ୍କ ଅକାଳ ମୃତ୍ୟୁରେ ପୂରା ପରିବାରରେ ଶୋକର ଛାୟା ଖେଳିଯାଇଛି। ରାଜସ୍ଥାନର ବିକାନେର ଜିଲ୍ଲାର ଛତରଗଡ଼ ଅଞ୍ଚଳ ଅନ୍ତର୍ଗତ ୯ ଏଡବ୍ଲ୍ୟୁଏମ୍ ଗ୍ରାମରୁ ଏଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଛତରଗଡ଼ ଥାନା ଅଧିକାରୀ ନବନୀତ ସିଂହ କହିଛନ୍ତି ଯେ, ବୁଧବାର ଗୋଟିଏ ପରିବାରର ୪ ଜଣ ପିଲା ଏକାଠି ଖେଳୁଥିଲେ। (ପୃଷ୍ଠା ୭ରେ)



ଏକାଳ ପଖାଳ



ବନ୍ୟା ରାଜନୀତି ଜଲ୍‌ଦି ଛାଡ଼ି
ଜନଜୀବନକୁ ବଞ୍ଚା
ଯେମିତି ହେଉଛି ଗୋଡ଼ ଟଣାଟଣି
ଧରମ ଖାଇବ କଞ୍ଚା
ମନ ହୃଦୟ ତ ପଚା
ଗରିବ ଦୁଃଖରେ ଖେଳୁଛ ସେପାଇଁ
କରୁଛ କାମୁଡ଼ା କେଞ୍ଚା।

୧୨ ବର୍ଷ ପରେ ସୋନିଆ ଗାନ୍ଧୀଙ୍କ ବହିରେ ବଡ଼ ଖୁଲାସା !





ନୂଆଦିଲ୍ଲୀ,୧୧।୧୧

ଦୀର୍ଘ ୧୨ ବର୍ଷର ଅପେକ୍ଷା ପରେ ଶେଷରେ ସାମ୍ନାକୁ ଆସିଛି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଆତ୍ମଜୀବନୀ। ନିଜ ଜୀବନ, ରାଜନୈତିକ ଯାତ୍ରା ଓ ଗାନ୍ଧୀ ପରିବାର ସହ ଜଡ଼ିତ ଅନେକ ଘଟଣାକୁ ନେଇ ଲେଖାଯାଇଥିବା ଏହି ପୁସ୍ତକର ନାଁ ରହିଛି ‘Belonging: A Journey of Love’। ୫୪୪ ପୃଷ୍ଠାର ଏହି ପୁସ୍ତକରେ ସୋନିଆ ଗାନ୍ଧୀ ୨୦୦୪ରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ ନକରିବା ପଛର କାରଣଠାରୁ ଆରମ୍ଭ କରି ମନମୋହନ ସିଂହଙ୍କ ସରକାରରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ପର୍ଯ୍ୟନ୍ତ ଅନେକ ପ୍ରସଙ୍ଗରେ ନିଜ ପକ୍ଷ ରଖିଛନ୍ତି। ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି କେନ୍ଦ୍ରରେ କ୍ଷମତାକୁ ଆସିବା ସମୟରେ ସୋନିଆ ଗାନ୍ଧୀଙ୍କୁ ନେଇ ଦୁଇଟି ପୁସ୍ତକ ରାଜନୈତିକ ଚର୍ଚ୍ଚାକୁ ଜୋରଦାର କରିଥିଲା। ଏହାର ୧୨ ବର୍ଷ ପରେ ନିଜ ପୁସ୍ତକ ମାଧ୍ୟମରେ ସେ ସେହି ଅଭିଯୋଗଗୁଡ଼ିକର ଜବାବ ରଖିଛନ୍ତି। ବିଶେଷକରି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ କାର୍ଯ୍ୟାଳୟରେ ସେ ହସ୍ତକ୍ଷେପ କରୁଥିବା ଅଭିଯୋଗକୁ ସେ ସମ୍ପୂର୍ଣ୍ଣ ମିଥ୍ୟା ଓ ୨୦୦୪ରେ କାହିଁକି ଛାଡ଼ିଥିଲେ ପ୍ରଧାନମନ୍ତ୍ରୀ ପଦ? (ପୃଷ୍ଠା ୭ରେ)

ଦେଶରେ କୋଭିଡ୍-୧୯ର ନୂଆ ଭାରିଆଣ୍ଟ ପିଜେ.୨.୧

ନୂଆଦିଲ୍ଲୀ,୧୧।୧୧

ଉତ୍ତର ଆମେରିକା ସମେତ ଅନେକ ମହାଦେଶରେ ଦ୍ରୁତ ଗତିରେ କୋଭିଡ୍-୧୯ର ନୂଆ ଭାରିଆଣ୍ଟ ପିଜେ.୨.୧ ବ୍ୟାପିବାରେ ଲାଗିଛି। ଏହା ସ୍ୱାସ୍ଥ୍ୟ ଏଜେନ୍ସିମାନଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। ଏହା ପ୍ରଥମେ କାନାଡ଼ାର ଅଣ୍ଟାରିୟୋରେ ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ଆଠଟି ଦେଶରେ କାୟା ବିସ୍ତାର କରିଛି। ଆମେରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ୟୁରୋପ ଏବଂ ଏସୀୟ ଦେଶଗୁଡ଼ିକରେ ଏହା ବ୍ୟାପିଥିବା ରିପୋର୍ଟ କରାଯାଇଛି। ଦ୍ରୁତ ଗତିରେ ବ୍ୟାପୁଥିବା ଏହି ଭାରିଆଣ୍ଟ ସଂକ୍ରମଣର ଆଉ ଏକ ଲହର ସୃଷ୍ଟି କରିପାରିବ କି ନାହିଁ ସେ ବିଷୟରେ ଚିନ୍ତା



ସୃଷ୍ଟି ହୋଇଛି। ଏହି ଭାରିଆଣ୍ଟରେ ସ୍ପାଇକ୍ ପ୍ରୋଟିନରେ ଅସାଧାରଣ ଭାବରେ ଅଧିକ ସଂଖ୍ୟକ ମ୍ୟୁଟେସନ ଅଛି। ଏହା ଭାଇରସର ଏକ ଅଂଶ ଯାହା ଏହାକୁ ମାନବ କୋଷରେ ପ୍ରବେଶ କରିବାରେ ସାହାଯ୍ୟ କରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ଏଜେନ୍ସି ଗୁଡ଼ିକ ଏହି ପ୍ରକାରର ଦ୍ରୁତ ଗତିରେ ବ୍ୟାପିବାର ସମ୍ଭାବନା (ପୃଷ୍ଠା ୭ରେ)



ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଜଉଁରା ଭଉଁରା ପଞ୍ଚାୟତରେ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ସଞ୍ଚୟ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହନ ଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶିବିରରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପ୍ରଧାନ, ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ମ୍ୟାନେଜର, ସୋନପୁର ସତ୍ୟବ୍ରତ ପ୍ରଧାନ ଏବଂ ସୁବର୍ଣ୍ଣପୁର ଜିଲ୍ଲା ସାଇବର ସେଲ୍ର ସବ୍ଇନ୍ସପେକ୍ଟର ରବୀନ୍ଦ୍ର ସାହୁ, ଜଉଁରା ଭଉଁରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟମ ପୁରୋହିତ ମଧ୍ୟ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମଙ୍ଗଳ ପ୍ରଧାନ କନ୍ୟା ସନ୍ତାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ପରିଚାଳିତ ସୁକନ୍ୟା ସମୃଦ୍ଧି ଯୋଜନା ସମେତ ସ୍ୱଳ୍ପ ସଞ୍ଚୟର ବିଭିନ୍ନ ଯୋଜନା ଏବଂ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସତ୍ୟବ୍ରତ ପ୍ରଧାନ ଡାକଘରର ବିଭିନ୍ନ ଯୋଜନା ଓ ସେବା ସମ୍ପର୍କରେ ସୂଚନା ଦେଇ ସୁରକ୍ଷିତ ଓ ବିଶ୍ୱସନୀୟ ସଞ୍ଚୟ ପ୍ରଣାଳୀ ଗ୍ରହଣ କରିବାକୁ ଲୋକଙ୍କୁ ପ୍ରେରିତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ସାଇବର ସେଲ୍ର ସବ୍ଇନ୍ସପେକ୍ଟର ରବୀନ୍ଦ୍ର ସାହୁ ସମାଜରେ ଘଟୁଥିବା ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ଆଲୋଚନା କରି, ଏଥିରୁ କିପରି ସୁରକ୍ଷିତ ରହିବେ ସେ ବିଷୟରେ ଅବଗତ କରେଇଥିଲେ ଏବଂ ଏଭଳି ଅପରାଧର ଶିକାର ହେଲେ ଟୋଲ୍ ଫ୍ରି ନମ୍ବର ୧୯୩୦ରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି.)ର ମହିଳା ସଦସ୍ୟ, ବ୍ୟାଙ୍କ ମିତ୍ର ଏବଂ ଜଉଁରା ଭଉଁରା ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରୟାସକୁ ସୁଦୃଢ଼ କରିବା ସହ ଲୋକଙ୍କୁ ବିଭିନ୍ନ ଠକ ସଞ୍ଚୟ ସଂସ୍ଥା (ଚିଟ୍ଫଣ୍ଡ)ର ପ୍ରତାରଣାରୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମରେ ସଞ୍ଚୟ ବୃକ୍ଷ ମଧ୍ୟ ରୋପଣ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଆର୍ଥିକ ସେବା ଓ ସଞ୍ଚୟ କାର୍ଯ୍ୟାଳୟ, ସୁବର୍ଣ୍ଣପୁରର କିରାଣୀ ସଞ୍ଜୟ କୁମାର ବାରିକ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏଜେଣ୍ଟ ସଞ୍ଜୟ ତ୍ରିପାଠୀ ଏବଂ ସୁଶୀଲ ସାହୁ ଶିବିରରେ ସହଯୋଗ କରିଥିବା ବେଳେ ଶିବିର ଶେଷରେ ବରିଷ୍ଠ ଏଜେଣ୍ଟ ନବଘନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ରାଜରାଜେଶ୍ୱରୀ ପୀଠରେ ଶ୍ରୀଚଣ୍ଡୀ ଯଜ୍ଞ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଚିନ୍ତାମଣିପୁର ଗ୍ରାମର ଆରାଧ୍ୟା ଗ୍ରାମଦେବତୀ ମା' ରାଜରାଜେଶ୍ୱରୀଙ୍କ ଶକ୍ତି ପୀଠରେ ପବିତ୍ର ଦୀପାବଳି ଅବସରରେ ବିଶ୍ୱମଙ୍ଗଳ ନିମନ୍ତେ ଶ୍ରୀଚଣ୍ଡୀ ଯଜ୍ଞ ଆଧ୍ୟାତ୍ମିକ ପରିବେଶରେ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ବୈଦିକ ବ୍ରାହ୍ମଣ ଗୌରାଙ୍ଗ ଚରଣ ଷଡଙ୍ଗୀ ଓ ଦିଲ୍ଲୀପ କୁମାର ପ୍ରହରାଜଙ୍କ ପ୍ଳୁତ ପବିତ୍ର ମନ୍ତ୍ର ଧ୍ୱନି ସହିତ ରୀତିନୀତି ଅନୁଯାୟୀ ଶ୍ରୀଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦେବଦତ୍ତ କର ଓ ଅଲିଶା ରଣା ଯଜ୍ଞରେ କର୍ତ୍ତା ଓ କର୍ତ୍ତୀ ଭାବେ ଆହୁତି ପ୍ରଦାନ କରିଥିଲେ। ସୁଶାନ୍ତ କୁମାର ସାହୁ, ବଟକୃଷ୍ଣ ଦାସ, ଅକ୍ଷୟ ଫଗୁଣ, ଦେବେନ୍ଦ୍ର ବେହେରା, କେଶବ ସୁନିଆ ଦାଶ, ସୁଶାନ୍ତ ବାରିକ ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ଗ୍ରାମବାସୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ଚୌଦ୍ୱାର ସ୍ଥିତ ବଧୀ ପୀଠରେ ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଐତିହାସିକ ପ୍ରସିଦ୍ଧ ପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିବା ସହିତ ମା'ଙ୍କ ଅର୍ଶୀବାଦ ଭିକ୍ଷା କରିଥିଲେ। ଇଂ. ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ବଧୀପୀଠ ନିକଟ ଶ୍ମଶାନ କାଳୀ ପୀଠ ଓ ହିଙ୍ଗୁଳାଇ ରୋଡ଼ ସ୍ଥିତ କାଳୀ ମନ୍ଦିରରେ ମା' ଶ୍ୟାମାଙ୍କ ପୂଜା ଅନୁଷ୍ଠିତ ହେବା ସହିତ ଚୌଦ୍ୱାର ଥର୍ମାଲ ରୋଡ଼ ଓ ମୁଣ୍ଡମାଳ ମଠ ସାହିରେ କାଳୀଙ୍କ ମୃଣ୍ମୟ ପ୍ରତିମା ଜାକ ଜମକରେ ପୂଜା ହୋଇଛି।

ଅଧାପନ୍ତରିଆ ଅବସ୍ଥାରେ ରାସ୍ତା ନିର୍ମାଣ:ଜୀବନଯାତ୍ରା ବାଧାପ୍ରାପ୍ତ

ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ



ଗ୍ରାମାଞ୍ଚଳରେ ଉନ୍ନତ ଯାତାୟାତ ବ୍ୟବସ୍ଥା ପାଇଁ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଲଖନପୁର ବ୍ଲକର ନାଚେନମୁରା-ଟେଙ୍ଗେନାମାଲ ରାସ୍ତାର ଅଧୁରା କାମ ଏବେ ସାଧାରଣଙ୍କ ପାଇଁ ସମସ୍ୟା ପାଲଟିଛି। ରାସ୍ତା ନିର୍ମାଣକୁ ଦୁଇ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ଅବଶିଷ୍ଟ କାମ ଆରମ୍ଭ ହୋଇନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଲଖନପୁର ବ୍ଲକ ପଲସଦା ଗ୍ରାମପଞ୍ଚାୟତର ନାଚେନମୁରା ଠାରୁ କତରବଗା ପଞ୍ଚାୟତର ଦର୍ରିଢ଼ିପା, ସୁଖାଡିହି, ବାଉସେନପାଲି ଓ ମଚିଦା ପଞ୍ଚାୟତର ବରଝା ଦେଇ ଟେଙ୍ଗେନାମାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨୦୨୧ ଆର୍ଥିକ ବର୍ଷରେ ୨ କୋଟି ୫୯ ଲକ୍ଷ ୭୪ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ପରେ ଏକ ଠିକା ସଂସ୍ଥାକୁ କାମ ଦାୟିତ୍ୱ ଦିଆଯାଇଥିଲା। ଏହି ରାସ୍ତାର ବରଝା ଠାରୁ ସୁଖାଡିହି, ଦର୍ରିଢ଼ିପା ଦେଇ ଏନ୍ଏଚ୍-୪୯ର ବାଉସେନପାଲି (କ) ଛକ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇଛି। ତେବେ ବରଝା ଠାରୁ ଟେଙ୍ଗେନାମାଲ ଏବଂ ଏନ୍ଏଚ୍-୪୯ ଠାରୁ ନାଚେନମୁରା ପର୍ଯ୍ୟନ୍ତ ରାସ୍ତା କାମ ଏଯାବତ୍ ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ଗ୍ରାମବାସୀ, ଛାତ୍ରଛାତ୍ରୀ, ଚାଷୀ ଓ ରୋଗୀମାନେ ଯାତାୟାତରେ ଦୁର୍ଦ୍ଦଶା ଭୋଗୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଦର୍ରିଢ଼ିପା ନିକଟସ୍ଥ ନାଳା ଉପରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବ୍ରିଜ୍ ନିର୍ମାଣ ଶେଷ ହୋଇଛି। ମାତ୍ର ବ୍ରିଜ୍କୁ ଉଭୟ ପାର୍ଶ୍ୱର ରାସ୍ତା ସହ ସଂଯୋଗ କରାଯାଇନଥିବାରୁ ଏହା ଲୋକଙ୍କ କାମରେ ଆସୁନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବ୍ରିଜ୍ଟି ପୂର୍ବ-ପଶ୍ଚିମ ଦିଗରେ ନିର୍ମାଣ ହୋଇଥିବା ବେଳେ ରାସ୍ତା ଉତ୍ତର-ଦକ୍ଷିଣ ଦିଗରେ ରହିଛି। ଏହା ସହିତ ଦୁଇ ପାର୍ଶ୍ୱରେ ରୟତି ଜମି ଥିବାରୁ ରାସ୍ତାକୁ ବ୍ରିଜ୍ ସହ ସଂଯୋଗ କରିବାରେ ସମସ୍ୟା ଉପୁଜିଛି। ଏହାର ପରିଣାମ ସ୍ୱରୂପ ଦୁଇ ବର୍ଷରୁ ଅଧିକ ସମୟ ଧରି ରାସ୍ତା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ବ୍ରିଜ୍ ଥାଇ ମଧ୍ୟ ଲୋକେ ବାଧ୍ୟ ହୋଇ ଅସ୍ଥାୟୀ ପୋଲ ଦେଇ ଯାତାୟାତ କରୁଛନ୍ତି। ବର୍ଷା ସମୟରେ ନାଳାରେ ପାଣି ବଢ଼ିଲେ ଏହି ଅସ୍ଥାୟୀ ପୋଲ ଦେଇ ଯିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡୁଛି। ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷା, ଚାଷୀଙ୍କ ଯାତାୟାତ ଓ ରୋଗୀଙ୍କ ଚିକିତ୍ସା ସେବା ପ୍ରଭାବିତ ହେଉଛି। ସରକାରୀ ଅର୍ଥରେ ବ୍ରିଜ୍ ନିର୍ମାଣ ହୋଇଥିଲେ ମଧ୍ୟ ତାହା ରାସ୍ତା ସହ ସଂଯୋଗ ହୋଇନଥିବା ଘଟଣାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ତେଣୁ ରୟତି ଜମି ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରି ରାସ୍ତାର ଅବଶିଷ୍ଟ କାର୍ଯ୍ୟ ଶୀଘ୍ର ଶେଷ କରିବା ସହ ବ୍ରିଜ୍କୁ ରାସ୍ତା ସହ ସଂଯୋଗ କରି ଯାତାୟାତ ପାଇଁ ଖୋଲିଦେବାକୁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୟନ୍ତୀ ସମାରୋହ



ବରଗଡ଼, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାର ଠାରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୟନ୍ତି ମହା ସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୁନ୍ତରା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜଗଦୀଶ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପଣ୍ଡିତ ପାଣିଗ୍ରାହୀଙ୍କ ସ୍ମୃତି ଚାରଣ କରିଥିଲେ। ସୁମନ୍ତ ପାଣିଗ୍ରାହୀ, ପ୍ରଫେସର ରଘୁନାଥ ମେହେର ମଞ୍ଚାସୀନ ଅତିଥି ଯୋଗ ଦେଇଥିଲେ। ଡ. ସ୍ମିତା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ମେହେର ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ରୋହିତ ଦାଶ, ବିଶିଷ୍ଟ ସମାଜସେବୀ ସତ୍ୟନାରାୟଣ ପଣ୍ଡା, ପ୍ରମେୟ ଖବର କାଗଜର ବରଗଡ଼ ଜିଲ୍ଲା ପ୍ରସାର ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ସାମ୍ବାଦିକ ସୁରେନ୍ଦ୍ର ହୋତା, ବ୍ରହ୍ମା କୁମାରୀ ଜ୍ୟୋସ୍ନା ଭଉଣୀ, ଡ. ସଂଜୀତ ମିଶ୍ର, ସୌଦାମିନୀ ପାଣିଗ୍ରାହୀ ଏବଂ ସ୍ୱର୍ଗତ ପାଣିଗ୍ରାହୀଙ୍କ ପରିବାରବର୍ଗଙ୍କ ସମେତ ଅଶୋକ ମହାପାତ୍ର, ପ୍ରଦେଶୀ ବାରିକ, ପତିତପାବନ ସାହୁ, ଉମେଶ ପ୍ରଧାନ, କ୍ଷୀରେଶ୍ୱର ଗଡତିଆ, ତେଜୁରୁ ବାରିକ, କିଶୋର ପଣ୍ଡା, ଭାଗ୍ୟଲକ୍ଷ୍ମୀ ଦୋରା, ସୁରେନ୍ଦ୍ର ପଣ୍ଡା, ଦୁଖି ସେବକ ସାହୁ, କଲ୍ୟାଣୀ ମିଶ୍ର, ସରୋଜ କୁମାର ପଣ୍ଡା, ରମେଶ ଚନ୍ଦ୍ର ସିକନ୍ଦର ଓ ଆହୁରି ଅନେକ ଯୋଗଦାନ କରିଥିଲେ।

ଅନ୍ତର୍ଜାତୀୟ ତାଇକୋଣ୍ଡୋ ପ୍ରତିଯୋଗୀତାରେ ବରଗଡ଼ ଜିଲ୍ଲାକୁ ୨ ପଦକ



ବରଗଡ଼, ନ୍ୟୁଜ୍ ବ୍ୟୁରୋ

ତ୍ରିଦିବସୀୟ ଅନ୍ତର୍ଜାତୀୟ ତାଇକୋଣ୍ଡୋ ପ୍ରତିଯୋଗୀତା ନେପାଳର ଚିତ୍ୱାନ ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗୀତାରେ ୧୯ଟି ଦେଶରୁ ପାଖାପାଖି ଏଗାର ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ବରଗଡ ଜିଲ୍ଲାରୁ ଦୁଇ ଜଣ ପ୍ରତିଯୋଗୀଙ୍କୁ ସମ୍ପାଦକ ତଥା କୋଚ ବିଜୟୀ କୁମାର ଭୋଇଙ୍କ ନେତୃତ୍ୱରେ ଅନ୍ୱେଷା ଗର୍ତିଆ (କ୍ୟାଡଟ) ୪୬ କିଲୋଗ୍ରାମ ବର୍ଗରେ ଓ ମେଘନା ମହନ୍ତ (ସବ୍ଜୁନିୟର) ୩୧ କିଲୋଗ୍ରାମ ବର୍ଗରେ ଭାରତକୁ ପ୍ରତିନିଧିତ୍ୱ କରି କାଂଶ୍ୟ ପଦକ ହାସଲ କରିଛନ୍ତି। ଉକ୍ତ ବିରଙ୍ଗନାଙ୍କ ବିଜୟ ନେଇ ଦେଶର ବିଭିନ୍ନ ପ୍ରାନ୍ତରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟୁଛି। ଜିଲ୍ଲା ସଂଘର ସଭାପତି ନବକିଶୋର ପାଣିଗ୍ରାହୀ, ଉପସଭାପତି ଆଶୁତୋଷ ରଥ, କୋଷାଧ୍ୟକ୍ଷା ଶ୍ରୀୟା ମିଶ୍ର ସମେତ ବରଗଡ ବାସୀ ଉକ୍ତ ପଦକ ଅଧିକାରୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଇଛନ୍ତି।

ରାଜ୍ୟସ୍ତରୀୟ ସ୍କୁଲ ମିଟ୍ ଖୋକରେ ଏମ୍ଏସ୍ ଏକାଡେମୀ ରନର୍ସଅପ୍




ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ରାଜ୍ୟସ୍ତରୀୟ ସ୍କୁଲ ମିଟ୍ ଖୋକ ଖେଳରେ ତିର୍ତ୍ତୋଲ ଏମ୍ ଏସ୍ ଏକାଡେମୀ ରନର୍ସଅପ୍ ହୋଇଛନ୍ତି। ସୁନ୍ଦରଗଡ଼ କୁତୁରା ଠାରେ ଆୟୋଜିତ ସ୍କୁଲ୍ ମିଟ୍ ଖୋକରେ ରାଜ୍ୟର ବାଳକ ଦଳ ପକ୍ଷରୁ ୩୧ଟି ଟିମ୍ ଏବଂ ବାଳିକା ଦଳ ପକ୍ଷରୁ ୩୦ଟି ଟିମ୍ ଭାଗ ନେଇଥିଲେ। ବାଳିକା ଦଳ ପକ୍ଷରୁ ସେମିଫାଇନାଲ ପୁରୀ ଏବଂ ଜଗତସିଂହପୁର (ତିର୍ତ୍ତୋଲ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର (ତିର୍ତ୍ତୋଲ) ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ସେହିପରି ବାଳକ ଦଳ ପକ୍ଷରୁ ସେମିଫାଇନାଲ୍ ଖେଳ କଟକ ସହିତ ଜଗତସିଂହପୁର (ତିର୍ତ୍ତୋଲ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର (ତିର୍ତ୍ତୋଲ) ଫାଇନାଲ୍କୁ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲ୍ ଖେଳ ବାଳିକା ଦଳ ପକ୍ଷରୁ ଜଗତସିଂହପୁର (ତିର୍ତ୍ତୋଲ) ଏବଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର (ତିର୍ତ୍ତୋଲ) ରନର୍ସଅପ୍ ହୋଇଥିଲା। ସେହିପରି ବାଳକ ଦଳ ପକ୍ଷରୁ ଜଗତସିଂହପୁର (ତିର୍ତ୍ତୋଲ) ଏବଂ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର (ତିର୍ତ୍ତୋଲ) ରନର୍ସଅପ୍ ହୋଇଥିଲା। ତିର୍ତ୍ତୋଲ ଏମ୍ଏସ୍ ଏକାଡେମୀର ପୂର୍ବତନ କ୍ରୀଡ଼ା ଶିକ୍ଷକ ଭୁବନ ମୋହନ ଦାସ ଏବଂ ଶିଶିର ଦାସ କ୍ରୀଡ଼ା ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ। ତିର୍ତ୍ତୋଲରୁ ଶିକ୍ଷକ ପ୍ରତାପ କୁମାର ବେହେରା, ଆଦର୍ଶ ଦାସ, ଶ୍ରଦ୍ଧାମୟୀ ରାଉତ, ସସ୍ମିତା ନାୟକ, ଅନନ୍ତ ପ୍ରତାପ ପ୍ରମୁଖ ପରିଚାଳନା କରିଥିଲେ।


ଦିବ୍ୟାଙ୍ଗ ଶିଶୁ ଓ ଅସହାୟ ମହିଳାଙ୍କ ସହିତ ଦୀପାବଳି ପାଳିଲେ ଏଡିଏମ୍

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ



ଆଲୋକର ପର୍ବ ଦୀପାବଳି କେବଳ ଆଲୋକର ଉତ୍ସବ ନୁହେଁ, ଏହା ପ୍ରେମ, ସ୍ନେହ, ସହାନୁଭୂତି ଓ ମାନବିକତାର ମହାନ ପର୍ବ। ଏହି ପର୍ବର ପ୍ରକୃତ ଆନନ୍ଦ ଅନ୍ୟମାନଙ୍କ ମୁହଁରେ ହସ ଫୁଟାଇବା ଓ ଅସହାୟଙ୍କ ସହିତ ଖୁସି ବାଣ୍ଟିବାରେ ନିହିତ ରହିଛି। ଏହି ମହତ୍ ଭାବନାକୁ ସାକାର କରି ବୌଦ୍ଧ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରଓ୍ୱାନ ଦିବ୍ୟାଙ୍ଗ ଶିଶୁ ଓ ଅସହାୟ ମହିଳାମାନଙ୍କ ଗହଣରେ ଦୀପାବଳି ପାଳନ କରି ଏକ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଅବସରରେ ଶ୍ରୀ ଦରଓ୍ୱାନ ବୌଦ୍ଧର ବୁଟୁପାଲି ସ୍ଥିତ ଦୃଷ୍ଟିବାଧିତ ଓ ଶ୍ରବଣ ବାଧିତ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଦ୍ୟାଳୟ ସେବା ସଦନ ପରିଦର୍ଶନ କରି ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସହ ଦୀପାବଳିର ଖୁସି ବାଣ୍ଟିଥିଲେ। ସେମାନଙ୍କୁ ମିଷ୍ଟାନ୍ନ ଓ ବାଣ ବଣ୍ଟନ କରିବା ସହିତ ସେମାନଙ୍କ ସହ ଦୀପ ପ୍ରଜ୍ୱଳନ କରିଥିଲେ। ଶିଶୁମାନଙ୍କ ସହ ଆନନ୍ଦମୟ ମୁହୂର୍ତ୍ତ ବିତାଇ ସେମାନଙ୍କ ମନରେ ଉତ୍ସାହ ଓ ଖୁସି ଭରିଦେଇଥିଲେ। ସେହିପରି ବୌଦ୍ଧ ସ୍ଥିତ ଶକ୍ତି ସଦନ ଠାରେ ଆଶ୍ରୟ ନେଇଥିବା ଅସହାୟ ଓ ନିରାଶ୍ରୟ ମହିଳା, ଅବିବାହିତ ମାତୃତ୍ୱର ସମ୍ମୁଖୀନ ହୋଇଥିବା ମହିଳା ତଥା ମାନବ ଚାଲାଣରୁ ଉଦ୍ଧାର ପାଇଥିବା ମହିଳାମାନଙ୍କ ସହିତ ମଧ୍ୟ ସେ ଦୀପାବଳି ପାଳନ କରିଥିଲେ। ସେମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ସହ ଆତ୍ମୀୟତା ଓ ସହାନୁଭୂତିର ବାର୍ତ୍ତା ଦେଇଥିଲେ।


ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀ



ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଭାରତୀୟ ଜନତା ପାର୍ଟିର ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ତରଫରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ନୟନ କିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ଚୌଦ୍ୱାର ଧୂମାବତୀ ଛକ ସ୍ଥିତ ହୋଟେଲ ଗାଲାକ୍ସିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ସୌମେନ୍ଦ୍ର ଜେନା ଓ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଉଦ୍‌ବୋଧନ ଦେଇ ଏସ୍ଆଇଆର୍ ତଥା ଭୋଟର ତାଲିକାର ସୁଦ୍ଧତା, ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକର ବିଶ୍ୱସନୀୟତା, ସାମ୍ବିଧାନିକ ମୂଲ୍ୟବୋଧ ଓ ନିର୍ବାଚନୀ ପ୍ରକ୍ରିୟା ସମ୍ପର୍କରେ ବିରୋଧୀ ଦଳ ଗୁଡ଼ିକର ଏଜେଣ୍ଡା ସମ୍ପର୍କରେ ବିସଦ ଆଲୋଚନା କରି ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଡା. ବିଚିତ୍ରାନନ୍ଦ ସ୍ୱାଇଁ, ଅବସରପ୍ରାପ୍ତ ଡିଏସ୍ପି ଆଦିକନ୍ଦ ବିହାରୀ, ଦିବ୍ୟଜ୍ୟୋତି ପାଣି, ଶରତ ଚନ୍ଦ୍ର ଖୁଣ୍ଟିଆ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁ, ଅକ୍ଷୟ କୁମାର ମିଶ୍ର, ନିର୍ମଳ କୁମାର ରାଉତ, ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ରମେଶ ଚନ୍ଦ୍ର ମହାରଣା, ଅଶ୍ୱନୀ ମହାକୁଡ଼ଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭାଜପା କଟକ ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ଉପ ସଭାପତି ଭାଗୀରଥୀ ଦଳାଇ, ଅଜିତ୍ କୁମାର ସୁବୁଦ୍ଧିରାୟ, ରଶ୍ମିରଞ୍ଜନ ପ୍ରଧାନ, ପ୍ରଶାନ୍ତ କୁମାର ହୋତା, ଦାମୋଦର ନାୟକ, ମମତା ବେହେରା, ଅନୀଲ ଦଳାଇ, ପ୍ରସାରଜ୍ୟୋତି କୁମାର, ତ୍ରିଲୋଚନ ସାହୁ, ସୁରଥ ରାଉତ, ସ୍ମୃତି ବିଶ୍ୱାଳ, ସୁଜାତା ସାହୁ, ସରିତା ଶୁକ୍ଳ, ଅମୂଲ୍ୟ ଦାସଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ନେତୃ ମଣ୍ଡଳୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

କନ୍ୟା ଭ୍ରୁଣ ହତ୍ୟା ବନ୍ଦ ନେଇ ପଥପ୍ରାନ୍ତ ନାଟକ



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରା ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରି ଜନସାଧାରଣଙ୍କୁ କନ୍ୟା ସନ୍ତାନ ସମ୍ପର୍କରେ ସଚେତନତା କରାଇଥିଲା। ଏହି ସଚେତନତା ରଥକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। କନ୍ୟା ଭ୍ରୁଣ ହତ୍ୟା, ବାଲ୍ୟ ବିବାହ ବନ୍ଦ କରିବା, ନାରୀ ଶିକ୍ଷା ଓ ନାରୀ ସମ୍ମାନ ବିଷୟରେ ପଥପ୍ରାନ୍ତ ନାଟକ ଓ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜରେ ନାରୀ ଶିକ୍ଷା, ନାରୀ ସମ୍ମାନ, କନ୍ୟା ଭ୍ରୁଣ ହତ୍ୟା ସମ୍ପର୍କରେ ଓ ସୁସ୍ଥ ସମାଜ ଗଢିବାରେ କନ୍ୟା ଓ ନାରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏଥି ସହିତ ଚଳିତ ବର୍ଷ ଜିଲ୍ଲାରେ ସର୍ବାଧିକ ନମ୍ବର ରଖିଥିବା ଦଶମ ଶ୍ରେଣୀ ଛାତ୍ରୀଙ୍କୁ କନ୍ୟା ସନ୍ତାନ ହିସାବରେ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଓ ସବିତାରାଣୀ ସିଂ, ଜିଲ୍ଲା ସଂଯୋଜକ ଲଲାଟେନ୍ଦୁ ଭୋଇ ମଞ୍ଚ ପରିଚାଳନା କରିଥିବାବେଳେ ଉର୍ମଳାକାନ୍ତ ଦାସ, ଶୁଶାନ୍ତ କୁମାର ବାରିକ, ସୁନିଲ୍ କୁମାର ମଲ୍ଲିକ, ଅବନ୍ତୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

ଆଇନ୍ ସେବା ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

"ଜାତୀୟ ଆଇନ୍ ସେବା ଦିବସ" ଉପଲକ୍ଷେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଦେବାଶିଷ ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ ଓ ସର୍ବ ପ୍ରଥମେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଦେବାଶିଷ ଦାଶ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଉଦ୍ଦେଶ୍ୟ ଓ ଲକ୍ଷ ତଥା ଆଇନ୍ ସେବା ଦିବସର ମହତ୍ୱ ବିଷୟରେ ଛାତ୍ର ଛାତ୍ରୀଙ୍କୁ ବୁଝାଇଥିଲେ, ତତ୍ ସହିତ ମାଗଣା ଆଇନ୍ ସେବା, ପୀଡିତ କ୍ଷତି ପୂରଣ ଆଇନ୍, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ଏବଂ ନ୍ୟାୟ ସଂଯୋଗ ଉପରେ ସବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତା ସାହୁ ଶିଶୁ ମଙ୍ଗଳ କମିଟିର ସଦସ୍ୟ ଯୋଗଦେଇ POCSO ଆଇନ୍ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା ଯୋଗ ଦେଇଥିଲେ।

ବିଦ୍ୟାଳୟ ପ୍ରଗତି କାର୍ଯ୍ୟର ସମୀକ୍ଷା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ରାଥପୁର ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରଥପୁରରେ ୭ ନଭେମ୍ବର ୨୦୨୬ ତାରିଖରେ ବିଦ୍ୟାଳୟର ପ୍ରଗତିର ସମୀକ୍ଷା ଏବଂ ଏହାର ସାମଗ୍ରିକ ବିକାଶ ନିମନ୍ତେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଉପରେ ଆଲୋଚନା କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟି (VMDC)ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଭାପତି ତଥା ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିଷେକ କୁମାର ଭୁଏ, ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ସୁଭାଷ ଚନ୍ଦ୍ର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ (PWD) ସୁଶ୍ରୀ ସସ୍ମିତା ମହାନନ୍ଦ, ବିଶିଷ୍ଟ ଶିକ୍ଷାବିତ୍ ଇନ୍ଦ୍ରଜିତ ପରୁଆ, ବିଏମ୍ପୁର ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ଏବଂ ସଂଗଠନର ମନୋନୀତ ପ୍ରତିନିଧି ଡକ୍ଟର ପ୍ରଫୁଲ୍ଲ ରଥ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ନରେନ୍ଦ୍ର କୁମାର ବାରିକ ଏହି ବୈଠକର ସଂଯୋଜନା କରିଥିଲେ। ସୁରେନ୍ଦ୍ର ମେହେର, ସଭାପତି ତଥା ବୀରମହାରାଜପୁର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକଟି ପରିଚାଳିତ ହୋଇଥିଲା। ଓଏଭି ରାଠାପୁରର ଉପ-ପ୍ରଧାନଶିକ୍ଷକ ବିଷ୍ଣୁପ୍ରସାଦ ଜେନା ଆବାହକ ଭାବେ ବୈଠକର କାର୍ଯ୍ୟଧାରା ଆଗେଇ ନେବା ସହିତ "ବିଦ୍ୟାଳୟର ଏକ ଝଲକ" ଶୀର୍ଷକରେ ବିଦ୍ୟାଳୟର କାର୍ଯ୍ୟକଳାପ, ସଫଳତା ଓ ସାମଗ୍ରିକ ପ୍ରଗତି ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା-୨୦୨୬-୨୭ ପାଇଁ ନୂତନ ପଞ୍ଜୀକରଣ ନିମନ୍ତେ ଆବେଦନ ଆହ୍ୱାନ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା'ରେ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନଙ୍କ ନୂତନ ପଞ୍ଜୀକରଣ ନିମନ୍ତେ ଆବେଦନ ଆହ୍ୱାନ କରାଯାଇଛି। ଏହି ଯୋଜନାରେ ପୂର୍ବରୁ ସାମିଲ ହୋଇନଥିବା ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନେ ନିଜର ଆବେଦନ ଅନ୍ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ। ଏଥିନିମନ୍ତେ ବିଭାଗ ପକ୍ଷରୁ ନଭେମ୍ବର ୯ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅନ୍ଲାଇନ୍ ଆବେଦନ ପୋର୍ଟାଲ ଖୋଲା ରହିବ। ଆବେଦନ କରିବାକୁ ଇଚ୍ଛୁକ ସାମ୍ବାଦିକମାନେ ବିଭାଗର ନିର୍ଦ୍ଧାରିତ ନିୟମାବଳୀ ଓ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ସହ ଅନ୍ଲାଇନ୍ରେ ଆବେଦନ କରିବେ। ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସେମାନଙ୍କ ପରିବାରକୁ ଚିକିତ୍ସାଜନିତ ଆର୍ଥିକ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ପଦକ୍ଷେପ। ତେଣୁ ଜିଲ୍ଲାର ସମସ୍ତ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକ ଏହି ସୁଯୋଗର ସଦୁପଯୋଗ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନ୍ଲାଇନ୍ ଆବେଦନ କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଜଗତସିଂହପୁର ପକ୍ଷରୁ ଅନୁରୋଧ କରାଯାଇଛି।




କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ରଥକୁ ଜିଲ୍ଲାପାଳ ରଘୁରାମ ଆର୍.ଆଇ.ଆର୍ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲାକୁ ଶିଶୁଶ୍ରମିକ ମୁକ୍ତ କରିବା ପାଇଁ ଆମର ସଂକଳ୍ପ କରାଯାଇ ଏ ଉପଲକ୍ଷେ ଉଦ୍‌ଘାଟିତ ରଥଟି ଜିଲ୍ଲାର ୯ଟି ବ୍ଲକ ବୁଲି ଜନସାଧାରଣଙ୍କୁ ୧୪ ବର୍ଷ ପୂର୍ଣ୍ଣ କରିନଥିବା ଶିଶୁଙ୍କୁ ଶ୍ରମିକ ଭାବରେ ନିଯୁକ୍ତି କରିବା ଏକ ଅପରାଧ ଅଟେ। ଶିଶୁମାନଙ୍କୁ କୌଣସି ପ୍ରକାରର ବୃତି ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ କିଶୋରଙ୍କୁ ବିପଦ ଶଙ୍କୁଳ ବୃତି ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧତବ୍ୟ ଅପରାଧ ଅଟେ। କୌଣସି ବ୍ୟକ୍ତି ଏଭଳି ଶିଶୁମାନଙ୍କୁ କାର୍ଯ୍ୟରେ ନିୟୋଜନ କଲେ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା ଓ କାରାଦଣ୍ଡ ଭୋଗିବାକୁ ପଡିବ। ଏହି ସଚେତନତା ରଥ ଉଦ୍‌ଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କ ସହିତ ପ୍ରଭାସୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା ଶ୍ରମ ଅଧିକାରୀ ଅଶୋକ କୁମାର ମୁର୍ମୁ, ସହକାରୀ ଶ୍ରମ ଅଧିକାରୀ ଆଶୁତୋଷ ପଟେଲ, କନିଷ୍କା ନାରାୟଣ, ଜ୍ୟୋତିରଞ୍ଜନ ପରିଡ଼ା, ସାହିଲ୍ ପାତ୍ର, ମୋନାଲିସା ଦାସଙ୍କ ସମେତ ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥଟି ଏକ ସପ୍ତାହ ଧରି ଜିଲ୍ଲାର ପ୍ରତ୍ୟେକ ବ୍ଲକ, ପ୍ରତ୍ୟେକ ପଞ୍ଚାୟତ ବୁଲି ଜନସାଧାରଣଙ୍କୁ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ସଚେତନ କରିବ।


ନିଶାଦ୍ରବ୍ୟ ଠାରୁ ଦୂରେଇ ରହି ସୁସ୍ଥ ଜୀବନଶୈଳୀ ଆପଣେଇବାକୁ ପରାମର୍ଶ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ



ନଭେମ୍ବର ୭ ଜାତୀୟ କର୍କଟ ସଚେତନତା ଦିବସ ଅବସରରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସେଣ୍ଟୁରିଅନ୍ ବିଶ୍ୱବିଦ୍ୟାଳୟ, ରାୟଗଡ଼ାର ସ୍କୁଲ୍ ଅଫ୍ ନର୍ସିଂ ପକ୍ଷରୁ ଏକ କର୍କଟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବି.ଏସ୍.ସି. ନର୍ସିଂ ତୃତୀୟ ସେମିଷ୍ଟରର ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସାଧାରଣ ଜନତାଙ୍କୁ କର୍କଟ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଏବଂ ଚିକିତ୍ସା ସମ୍ପର୍କରେ ସଚେତନ କରିଥିଲେ। ଚଳିତ ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା United by Unique (ବିବିଧତା ମଧ୍ୟରେ ଏକତା)। କାର୍ଯ୍ୟକ୍ରମରେ ସ୍ତନ କର୍କଟ, ଗର୍ଭାଶୟ ଗ୍ରୀବା କର୍କଟ, ମୁଖ ଗହ୍ୱର କର୍କଟ, ଫୁସଫୁସ୍ କର୍କଟ ଆଦି ବିଭିନ୍ନ ପ୍ରକାରର କର୍କଟ ରୋଗ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏହା ସହିତ ତମାଖୁ ଓ ମଦ୍ୟ ପାନରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣେଇବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଏବଂ ରୋଗର ପ୍ରାରମ୍ଭିକ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ଗର୍ଭାଶୟ ଗ୍ରୀବା କର୍କଟର ପ୍ରତିରୋଧ ପାଇଁ HPV ଟିକାକରଣ ଏବଂ ନିୟମିତ ସ୍କ୍ରିନିଂର ଆବଶ୍ୟକତା ବିଷୟରେ ମଧ୍ୟ ସଚେତନ କରାଯାଇଥିଲା। କର୍କଟ ରୋଗ ସମ୍ପର୍କିତ ଅନ୍ଧବିଶ୍ୱାସ, ଭୟ ଓ ସାମାଜିକ କୁସଂସ୍କାର ଦୂର କରିବା ସହ ଏହାର ଶୀଘ୍ର ଚିହ୍ନଟ ଓ ସମୟୋଚିତ ଚିକିତ୍ସା ଦ୍ୱାରା ରୋଗୀଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ଛାତ୍ରଛାତ୍ରୀମାନେ ବାର୍ତ୍ତା ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ କର୍କଟ ରୋଗ ପ୍ରତି ସଚେତନତା ବୃଦ୍ଧି କରିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାର ଓ ସମାଜରେ ଏହି ସଚେତନତାର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ସ୍କୁଲ୍ ଅଫ୍ ନର୍ସିଂ, ସେଣ୍ଟୁରିଅନ୍ ବିଶ୍ୱବିଦ୍ୟାଳୟ, ରାୟଗଡ଼ା ପକ୍ଷରୁ ଏଭଳି ଜନସଚେତନତାମୂଳକ ପଦକ୍ଷେପ ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଏବଂ କର୍କଟ ରୋଗର ପ୍ରତିରୋଧ ଦିଗରେ ଏକ ସକାରାତ୍ମକ ପ୍ରୟାସ ଭାବେ ପରିଗଣିତ ହୋଇଥିଲା।

ଧାମନଗର ବ୍ଲକରେ ୬ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ



ଧାମନଗର, ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ ଏବଂ ଯୁଗୋପଯୋଗୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ତୃତୀୟ ପର୍ଯ୍ୟାୟରେ ଧାମନଗର ବ୍ଲକର ୬ଟି ବିଦ୍ୟାଳୟର ଶିଳାନ୍ୟାସ କରାଯାଇଛି। କେନ୍ଦୁଝର ଠାରୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ରାଜ୍ୟ ବ୍ୟାପୀ ୬୩୦ଟି ସ୍କୁଲର ଶିଳାନ୍ୟାସ କରିଥିବାବେଳେ ଧାମନଗର ଅଞ୍ଚଳରେ ଏହାକୁ ନେଇ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ଏହି ଯୋଜନା ଅଧୀନରେ ଆଭାସୀ ମାଧ୍ୟମରେ ନିମ୍ନଲିଖିତ ୬ଟି ବିଦ୍ୟାଳୟର ଆଧୁନିକୀକରଣ ପାଇଁ ଶିଳାନ୍ୟାସ କରାଯାଇଛି। ସେଗୁଡ଼ିକ ହେଲା ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଟସାହି ଶହୀଦନଗର ନୋଡାଲ ହାଇସ୍କୁଲ, କୋରୁଆ ଗୋବିନ୍ଦପୁର ନୋଡାଲ ହାଇସ୍କୁଲ (ଗୋବିନ୍ଦପୁର), ଅସୁରାଳିର ଦେଶବନ୍ଧୁ ନୋଡାଲ ୟୁପି ସ୍କୁଲ, ହସନାବାଦର ଗୋପବନ୍ଧୁନଗର ହାଇସ୍କୁଲ ଓ ଅର୍ଜ୍ଜୁନପୁର ଜୟକିଷାନ ନୋଡାଲ ହାଇସ୍କୁଲ। ଶହୀଦନଗର ହାଇସ୍କୁଲ ପରିସରରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଥିଲେ। ଧାମନଗରରେ ଶିକ୍ଷାର ବିକାଶ ତଥା ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ସରକାର ଗ୍ରହଣ କରିଥିବା ଏହି ପଦକ୍ଷେପ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାପରେ ମନ୍ତ୍ରୀ ଅସୁରାଳି ସ୍ଥିତ ଦେଶବନ୍ଧୁ ନୋଡାଲ୍ ୟୁପି ସ୍କୁଲରେ ପହଞ୍ଚି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ନଭେମ୍ବର ୨୦୨୬ ଗୁରୁବାର



କୁଳଦୀପ ରଥଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ୨୫ ନଭେମ୍ବରକୁ ଘୁଞ୍ଚିଲା

କଟକ, ନ୍ୟୁଜ୍ ବ୍ୟୁରୋ

ଯୌନ ନିର୍ଯାତନା ଅଭିଯୋଗ ସଂପର୍କିତ ମାମଲାରେ ଆଗୁଆ ଜାମିନ ଆବେଦନ କରିଥିବା କୁଳଦୀପ ରଥଙ୍କ ଗିରଫ ହେବା ଆଶଙ୍କାକୁ ନେଇ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ଅଭିଯୋଗରେ ଉଲ୍ଲେଖିତ ଅପରାଧଗୁଡ଼ିକ ପାଇଁ ସର୍ବାଧିକ ଦଣ୍ଡବିଧାନ ସାତ ବର୍ଷରୁ କମ୍ ଥିବାରୁ ଅନ୍ତରୀଣ ସମୟରେ ଗିରଫ ହୋଇ ଜେଲ୍ ଯିବାର ଆଶଙ୍କା ଯୁକ୍ତିଯୁକ୍ତ ନୁହେଁ ବୋଲି ଅଦାଲତ ମତ ଦେଇଛନ୍ତି। ତେବେ ଆଗୁଆ ଜାମିନ ଆବେଦନ ଉପରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ରାୟ ପ୍ରକାଶ ପାଇନାହିଁ। ଜଷ୍ଟିସ୍ ଭି. ନରସିଂହଙ୍କ ଖଣ୍ଡପୀଠରେ ଜି.ଆର୍. କେସ୍ ନଂ ୭୦୭/୨୦୨୬ ଏବଂ ଚୌଦ୍ୱାର ଥାନା କେସ୍ ନଂ ୭୧୩/୨୦୨୬ ସଂପର୍କିତ ଏହି ଆବେଦନର ଶୁଣାଣି ହୋଇଥିଲା। ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୭୫(୨), ୩୫୧(୨) ଏବଂ ୩(୫) ଅନୁଯାୟୀ ଏହି ମାମଲା ରୁଜୁ ହୋଇଛି। ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲାର କେସ୍ ଡାଏରୀ ଉପସ୍ଥାପନ କରିବା ପାଇଁ ଅଧିକ ସମୟ ଲୋଡ଼ାଯାଇଥିଲା। ଏହାକୁ ଗ୍ରହଣ କରି ହାଇକୋର୍ଟ ଆସନ୍ତା ନଭେମ୍ବର ୨୫ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଅଦାଲତ ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ Arnesh



Kumar vs State of Bihar ଏବଂ Satender Kumar Antil vs Central Bureau of Investigation ମାମଲାରେ ପ୍ରଦତ୍ତ ରାୟର ଉଲ୍ଲେଖ କରିଥିଲେ। ସାତ ବର୍ଷରୁ କମ୍ ଦଣ୍ଡବିଧାନ ଥିବା ଅପରାଧରେ ଗିରଫ ସମ୍ପର୍କିତ ଆଇନ୍‌ଗତ ନିର୍ଦ୍ଦେଶାବଳୀକୁ ଅନୁଧ୍ୟାନ କରି ଆବେଦନକାରୀଙ୍କ ଗିରଫ ଆଶଙ୍କା ନେଇ ଉଠାଯାଇଥିବା ଯୁକ୍ତି ଅନ୍ତରୀଣ ଭାବେ ଗ୍ରହଣୀୟ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ। ସୂଚନାଯୋଗ୍ୟ, ଚୌଦ୍ୱାର ସର୍କଲ୍ ଜେଲ୍‌ର ଜଣେ ପୂର୍ବତନ ମହିଳା ଜେଲର ଅକ୍ଟୋବର ୩୧ ତାରିଖରେ ଏହି ଅଭିଯୋଗ ଆଣିଥିଲେ। ତାଙ୍କ ଅଭିଯୋଗରେ ପୂର୍ବତନ ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଏବଂ କୁଳଦୀପ ରଥଙ୍କ ନାମ ରହିଛି। ଅଭିଯୋଗ ଅନୁସାରେ, ୨୦୨୫ ଜୁଲାଇ ମାସରେ ରଥ ତାଙ୍କୁ ଯୋଗାଯୋଗ କରିଥିଲେ ଏବଂ ପରବର୍ତ୍ତୀ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ କଟକର ଦୁଇଟି ହୋଟେଲରେ ନାଥଙ୍କ ସହ ଏକାନ୍ତରେ ସାକ୍ଷାତ କରିବାକୁ କହିଥିବା ସେ ଅଭିଯୋଗ କରିଛନ୍ତି। ମାତ୍ର ସେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିବା ଦାବି କରିଛନ୍ତି। ଏଥିସହ ବିଭାଗୀୟ ସ୍ତରରେ ହଇରାଣ ହରକତ, କ୍ୟାରିୟର ନଷ୍ଟ କରିବାର ଧମକ, ପରିବାରକୁ ଧମକ ଏବଂ ଚୌଦ୍ୱାର ଜେଲ୍‌ରୁ ଦୁଇ ଜଣ ବିଚାରାଧୀନ କଏଦୀ ଫେରାର୍ ହେବା ସଂପର୍କିତ ଅନ୍ୟ ଏକ ମାମଲାକୁ ନେଇ ଚାପ ପକାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏହି ବିବାଦ ପରେ ସୁଶାନ୍ତ କୁମାର ନାଥଙ୍କୁ ଜେଲ୍ ଡିଜି ପଦରୁ ବଦଳି କରାଯାଇ ଗୃହ ବିଭାଗରେ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତ କରାଯାଇଥିଲା। ଅନ୍ୟପଟେ ନାଥ ଓ ରଥ ଉଭୟେ ମାମଲାର ଅପରାଧିକ କାର୍ଯ୍ୟାନୁଷ୍ଠାନ ରଦ୍ଦ କରିବା ପାଇଁ ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ କୁଳଦୀପ ରଥଙ୍କ ଆଗୁଆ ଜାମିନ ଆବେଦନ ଉପରେ ହାଇକୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା ରହିଛି। ନଭେମ୍ବର ୨୫ ତାରିଖର ଶୁଣାଣି ଏହି ମାମଲାର ପରବର୍ତ୍ତୀ ଦିଗ ନିର୍ଦ୍ଧାରଣ କରିବ।

ବର୍ଷେ ହେଲା ଗ୍ରାମରାସ୍ତା ବନ୍ଦ ଯାତାୟାତ ବାଧାପ୍ରାପ୍ତ



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧୬ ନମ୍ବର ୱାର୍ଡରେ ବିଭିନ୍ନ ସ୍ଥାନରେ ଅଚଳ ଗାଡି ରଖିବା ସହିତ ଇଟା, ବାଲି, ଗୋଡି, ରଡ୍ ଏବଂ ଘରର ଆସବାବପତ୍ର ମୁଖ୍ୟ ରାସ୍ତାରେ ପକାଇ ରଖିଥିବାରୁ ଯାତାୟାତରେ ବହୁ ଅସୁବିଧା ହେଉଛି। ଏପରିକି ଜରୁରୀ କାଳୀନ ଗାଡି ଗୁଡିକ ମଧ୍ୟ ଯାତାୟାତ କରିପାରୁନାହିଁ। ମସ୍‌ଜିଦ୍ ଛକ ସାମ୍ନାରେ ଥିବା ରାସ୍ତା ଏବଂ ଅଣ୍ଡି ହୋଟେଲ୍ ସାମ୍ନାରେ ଥିବା ରାସ୍ତାଗୁଡିକ ଦୀର୍ଘ ବର୍ଷେ ହେଲା ଯାତାୟାତ ହୋଇପାରୁନାହିଁ। ସ୍ଥାନୀୟ ଅଞ୍ଚଳର ଘରମାଲିକ ମାନେ ରାସ୍ତାରେ ବର୍ଷ ବର୍ଷ ଧରି ବାଲି ଗୋଡି ପକାଇ ରଖିଥିବା ପୌର ନିର୍ବାହୀ ଅଧିକାରୀ, ପୌରଅଧକ୍ଷା ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହି ରାସ୍ତା ଗୁଡିକର ଉଭୟ ପାର୍ଶ୍ୱରେ ତିନିଫୁଟରୁ ପାଞ୍ଚ ଫୁଟ ମାଡି ଘର କରିଥିବାବେଳେ ରାସ୍ତା ଉପରେ ବାଲି ଗୋଡି ଜମା କରି ରଖିଥିବା ସାମଗ୍ରୀ ଗୁଡିକୁ ତୁରନ୍ତ ହଟାଇବା ପାଇଁ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ହାଇୱା ଧକ୍କାରେ ଯୁବକ ମୃତ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥରେ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ମଙ୍ଗଳବାର ମଧ୍ୟାହ୍ନରେ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଭଉଁରିଆ ଗ୍ରାମର ସହିଦ ଆଲମଙ୍କ ପୁତ୍ର ରସିଦ (୨୫) ବାଇକ୍‌ରେ ନୀଳାଞ୍ଚଳ ଇସ୍ପାତ କାରଖାନାକୁ ନିଜ କାର୍ଯ୍ୟରେ ଯାଉଥିବାବେଳେ ଜେନାପୁର ଥାନା ପୋଲିସ ଭ୍ୟାନ୍‌କୁ ପଛରୁ ପିଟି ରାସ୍ତା ଉପରେ ଛିଟିକି ପଡିଥିଲା। ତାଙ୍କ ଉପରେ ପଛରୁ ଆସୁଥିବା ହାଇୱା ଚଢି ଯିବାଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ଘଟଣାର ତଦନ୍ତ କରୁଛି।

୧୩ରୁ ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କ ଓଡ଼ିଶା ଗସ୍ତ



ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୩ ତାରିଖରୁ ଆଧ୍ୟାତ୍ମିକ ଓ ମାନବବାଦୀ ଗୁରୁ ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଜୀବନ ସଭାପତି ଶ୍ରୀ ଶ୍ରୀ ରବିଶଙ୍କର ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କର ଏହି ଗସ୍ତ କାଳରେ ଓଡ଼ିଶା ସରକାର ତାଙ୍କୁ 'ରାଜ୍ୟ ଅତିଥି' ମାନ୍ୟତା ପ୍ରଦାନ କରିଛନ୍ତି। ସେ ତାଙ୍କର ଗସ୍ତ ସମୟରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସ୍ଥିତ ନିଜ କୁଟୀରରେ ଅବସ୍ଥାନ କରିବେ। ଏଥିସହ ଆସନ୍ତା ୧୫ ତାରିଖ ହେବାକୁ ଥିବା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ଉତ୍ସବରେ ମଧ୍ୟ ଯୋଗଦେବେ। ଏହି ସମୟରେ ବିଶ୍ୱବିଦ୍ୟାଳୟରେ ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେ ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମିତ ଆଇକନିକ୍ ଟାୱାରକୁ ମଧ୍ୟ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟ ସରକାରଙ୍କ ସହଯୋଗରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁଥିବା ଯୁବ ଉତ୍ସବ କାର୍ଯ୍ୟକ୍ରମ 'ଉମଙ୍ଗ'ରେ ମଧ୍ୟ ଯୁବ ପିଢ଼ିଙ୍କୁ ସମ୍ବୋଧିତ କରିବେ। ଏଥିରେ ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ବହୁ ବିଦ୍ୟାର୍ଥୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ବରଗଡ଼ ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ-୨୦୨୬

ପ୍ରଥମ ଦିବସରେ ଲୋକଗୀତ ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ



ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ବରଗଡ଼ର ମିଳିତ ଆନୁକୂଲ୍ୟରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬' ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ (ଯୁବୋତ୍ସବ) ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଆଶିଷ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଯୁବକଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ, ସମ୍ବଲପୁର ଓ ବଲାଙ୍ଗିରରୁ ବିଶିଷ୍ଟ ବିଚାରକ ମଣ୍ଡଳୀ ଗଣ ଉପସ୍ଥିତ ଥିଲେ। ଆୟୋଜକ ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ମହୋତ୍ସବର ପ୍ରଥମ ଦିନରେ ଲୋକଗୀତ ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଲୋକଗୀତ ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଭାଗ ନେଇଥିଲେ। ଏଥିରେ ବରଗଡ଼ ପୌରପରିଷଦ ପ୍ରଥମ ସ୍ଥାନ, ବରଗଡ଼ ବ୍ଲକ୍ ଦ୍ୱିତୀୟ ସ୍ଥାନ ଏବଂ ସୋହେଲା ବ୍ଲକ୍ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଲୋକନୃତ୍ୟ ପ୍ରତିଯୋଗିତାରେ ମୋଟ୍ ୧୩ଟି ଦଳ ଅଂଶଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। ଏଥିରେ ବରଗଡ଼ ପୌରପରିଷଦ ପ୍ରଥମ ସ୍ଥାନ, ପଦ୍ମପୁର ବ୍ଲକ୍ ଦ୍ୱିତୀୟ ସ୍ଥାନ ଏବଂ ପଦ୍ମପୁର ଏନ୍ଏସି (NAC) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସନ୍ଧ୍ୟାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଶାସନିକ ଅଧିକାରୀ, କ୍ରୀଡ଼ା ଓ ସଂସ୍କୃତି ବିଭାଗର କର୍ମଚାରୀ ଏବଂ ଜିଲ୍ଲାର ଅନେକ ଯୁବକଳାକାର ଓ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ଗଣତନ୍ତ୍ରରେ ନିର୍ବାଚନ ଆୟୋଗର ନିରପେକ୍ଷତା ହେଉଛି ଜନବିଶ୍ୱାସର ମୂଳ ଆଧାର

ଆଠଗଡ଼, ନ୍ୟୁଜ୍ ବ୍ୟୁରୋ

ଆଠଗଡ଼ ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ 'ଭୋଟ ବଞ୍ଚାଅ – ସମ୍ବିଧାନ ବଞ୍ଚାଅ – ଦେଶ ବଞ୍ଚାଅ' କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବ୍ଲକ କଂଗ୍ରେସ ସଭାପତି କିରଣ ବିହାରୀ ଖଟୁଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ସୁବାସ ମହାନ୍ତି, ସମ୍ମାନିତ ଅତିଥି ଭାବେ ଆଠଗଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁଦର୍ଶନ ସାହୁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି କିଶୋର ସାମନ୍ତରାୟ, କଟକ ଜିଲ୍ଲା ପଛୁଆବର୍ଗ ପ୍ରକୋଷ୍ଠର ଅଧ୍ୟକ୍ଷ ବିଶ୍ୱରଞ୍ଜନ ଜେଠୀ, କଂଗ୍ରେସ ନେତା ଶିଶିର କୁମାର ମିଶ୍ର ଏବଂ ଆଠଗଡ଼ ନଗର କଂଗ୍ରେସ ସଭାପତି ଅଶୋକ ଦାସ ପ୍ରମୁଖ ଯୋଗଦେଇଥିଲେ। ପୂର୍ବାହ୍ନରେ ସମସ୍ତ କଂଗ୍ରେସ କର୍ମୀ ପଦଯାତ୍ରାରେ ଏନ୍ଏସି କଲ୍ୟାଣୀ ମଣ୍ଡପରୁ ବାହାରି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା



ମହାତ୍ମା ଗାନ୍ଧୀ ଓ ଆଠଗଡ଼ ଆମ୍ବେଦକର ଭବନ କାର୍ଯ୍ୟାଳୟରେ ଥିବା ବାବାସାହେବ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତତ୍ପରେ ସଭା କାର୍ଯ୍ୟକ୍ରମ ଆରମ୍ଭରୁ ରାଜ୍ୟ ତଥା ଜିଲ୍ଲା ଓ ବ୍ଲକ୍ କଂଗ୍ରେସ କମିଟିରେ ସ୍ଥାନ ପାଇଥିବା ଆଠଗଡ଼ ନିର୍ବାଚନ ମଣ୍ଡଳୀର ନୂତନ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୋଟ ବଞ୍ଚାଅ – ସମ୍ବିଧାନ ବଞ୍ଚାଅ – ଦେଶ ବଞ୍ଚାଅ ଶୀର୍ଷକ ବିଷୟ ବସ୍ତୁ ଉପରେ କର୍ମୀ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ସଭାରେ ବକ୍ତାମାନେ ଦେଶର ବର୍ତ୍ତମାନର ରାଜନୈତିକ ସ୍ଥିତି, ଭୋଟରଙ୍କ ଅଧିକାର ଓ ସମ୍ବିଧାନର ସୁରକ୍ଷା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ଦେଶର ଗଣତନ୍ତ୍ର ଓ ନିର୍ବାଚନୀ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ଗୁରୁତର ପ୍ରଶ୍ନ ଉଠୁଥିବା ପରିପ୍ରେକ୍ଷୀରେ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ନିରପେକ୍ଷତା ଓ ଜବାବଦେହିତା ଉପରେ ପ୍ରଶ୍ନ ଉଠାଯାଇଥିଲା। ଗଣତନ୍ତ୍ରରେ ନିର୍ବାଚନ ଆୟୋଗର ନିରପେକ୍ଷତା ହେଉଛି ଜନବିଶ୍ୱାସର ମୂଳ ଆଧାର। ଯେଉଁଠାରେ ଜନବିଶ୍ୱାସ ଉପରେ ପ୍ରଶ୍ନ ଉଠେ, ସେଠାରେ ଜବାବଦେହିତା ନିଶ୍ଚିତ ହେବା ଆବଶ୍ୟକ। କଂଗ୍ରେସର ଦାବି କେବଳ ଇସ୍ତଫାରେ ସୀମିତ ନୁହେଁ; କଂଗ୍ରେସର ଲକ୍ଷ୍ୟ ହେଉଛି ଏକ ସ୍ୱଚ୍ଛ, ନିରପେକ୍ଷ ଓ ଜନବିଶ୍ୱାସଯୋଗ୍ୟ ନିର୍ବାଚନୀ ବ୍ୟବସ୍ଥାର ପୁନଃସ୍ଥାପନ। ସାମ୍ବିଧାନିକ ସଂସ୍ଥା ଗୁଡିକୁ କରାୟତ କରି ଇଡି, ସିବିଆଇ ଭୟ ଦେଖାଇ ଅନ୍ୟ ଦଳର ବିଧାୟକ, ସାଂସଦ କିଣୁଥିବା ଦଳ ଏବେ ମୁଖ୍ୟ ନିର୍ବାଚନ ଆୟୋଗକୁ ହାତ କରି ଜନତାଙ୍କ ଭୋଟ ଚୋରି କରୁଛି। ଯୋଉ ଦଳ ହିନ୍ଦୁ ମୁସଲିମ ରାଜନୀତି କରି ଦେଶରେ ହିଂସାର ବାତାବରଣ ସୃଷ୍ଟି କରିଛି ସେହି ବିଜେପି ଦଳ ଏବେ ରାଜରାସ୍ତାରେ ଗଣତନ୍ତ୍ର ବଞ୍ଚାଅ – ଆରାଜକତା ହଟାଅ ଆନ୍ଦୋଳନ କରୁଛି ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଲଜ୍ୟାଜନକ ବୋଲି ବକ୍ତାମାନେ କହିଥିଲେ ଏବଂ ଏହା ବିଜେପି ଶାସନର ଅପାରଗତାକୁ ପ୍ରତିଫଳିତ କରୁଛି ବୋଲି ଦର୍ଶାଇଥିଲେ। ଏଥିସହିତ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଲୋକପ୍ରିୟତାକୁ ସହିନପାରି ବିଜେପି ଈର୍ଷାନ୍ୱିତ ହୋଇ ଅଯଥା ଆନ୍ଦୋଳନ କରୁଥିବା ସେମାନେ ଅଭିଯୋଗ କରିଥିଲେ। ଆଗାମୀ ଦିନରେ କଂଗ୍ରେସକୁ ପୁଣିଥରେ ସୁସଂଗଠିତ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ଗ୍ରାମାଞ୍ଚଳରେ ଦଳୀୟ କର୍ମୀମାନେ ଲୋକଙ୍କ ନିକଟତର ହେବା ସହ ସେମାନଙ୍କ ସମସ୍ୟା ଓ ଅଭାବ ଅସୁବିଧାରେ ସାମିଲ ହେବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ।

ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥର ଜାରକା ଏସ୍‌ଆର୍ ମାର୍କେଟ୍ ନିକଟରେ ଜଣେ ମହିଳା ରାସ୍ତାପାର ହେଉଥିବା ସମୟରେ ଟ୍ରକ୍ ଧକ୍କାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ରାତି ୮ଟା ସମୟରେ ଏହି ମିର୍ଜାପୁର ପଞ୍ଚାୟତ ମୁଣ୍ଡମାଳ ଗ୍ରାମର ନିଶାକର ପୃଷ୍ଟିଙ୍କ ସ୍ତ୍ରୀ ଭାରତୀ ପୃଷ୍ଟି (୪୩) ଜାରକା ସତ୍‌ସଙ୍ଗ ମନ୍ଦିର ନିକଟରେ ଭଦ୍ରକ ବସ୍‌ରୁ ଓହ୍ଲାଇ ରାସ୍ତା ପାର୍ ହେଉଥିବା ବେଳେ ତାଙ୍କ ଉପରେ ମିନି ଟ୍ରକ୍ ମାଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି। ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିତଦନ୍ତ କରୁଛି। ଜାରକା ଛକ ଏବେ ନିଜର ଅସ୍ତିତ୍ୱ ହରାଇ ବସିଲାଣି। ଦ୍ରୁତ ଗାମୀ ବସ୍ ସବୁ ସତ୍‌ସଙ୍ଗ ବିହାର ନିକଟରେ ରହୁଥିବା ବେଳେ ଓଭରବ୍ରିଜ୍ ତଳେ ସ୍ଥାନୀୟ ବସ୍ ସବୁ ରହି ଯାତ୍ରୀ ଉଠାଉଛନ୍ତି। ଫଳରେ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ୧ କିମି ରାସ୍ତା ଚାଲି ଚାଲି ଯାଉଥିବା ଦେଖାଯାଉଛି। ଜାରକା ପାଇଁ ସ୍ଥାୟୀ ବସ୍ ଷ୍ଟାଣ୍ଡ ଦିଗହରା ହେଲାଣି । ଏଥିପ୍ରତି ପ୍ରଶାସନ ଓ ରାଜନେତାମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସମ୍ବଲପୁରରେ 'ଲୋକତନ୍ତ୍ର ବଞ୍ଚାଓ – ଅରାଜକତା ହଟାଓ' ପଦଯାତ୍ରା

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ 'ଲୋକତନ୍ତ୍ର ବଞ୍ଚାଓ – ଅରାଜକତା ହଟାଓ' ପଦଯାତ୍ରା ଏବଂ ଜନସଭାରେ ଯୋଗଦେଇ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣତନ୍ତ୍ର ସୁରକ୍ଷା ଏବଂ ଅରାଜକତା ବିରୁଦ୍ଧରେ ମହାଜାଗରଣର ଆହ୍ୱାନ ଦେଇଛନ୍ତି। ଶ୍ରୀ ପ୍ରଧାନ ପ୍ରଥମେ ଦଳର ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ଜନସାଧାରଣ, ମାତୃଶକ୍ତି ଓ ଯୁବସାଥୀଙ୍କ ସହ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଦେଶ ଓ ରାଜ୍ୟର ରାଜନୈତିକ ପରିସ୍ଥିତିକୁ ନେଇ କଂଗ୍ରେସ ଏବଂ ଇଣ୍ଡି ମେଣ୍ଟକୁ କଡ଼ା ସମାଲୋଚନା କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଏହି ପଦଯାତ୍ରା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ସମଗ୍ର ଦେଶରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଏକ ମହାସଂଗ୍ରାମ ଅଟେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଦେଶ ଯେତେବେଳେ ବିଶ୍ୱର ପଞ୍ଚମ ଅର୍ଥନୀତିରୁ ଆହୁରି ଉପରକୁ ଉଠୁଛି ଏବଂ ଦ୍ରୁତ ଗତିରେ ବିକାଶ କରୁଛି, ସେତେବେଳେ ଜନସମର୍ଥନ ହରାଇଥିବା କିଛି ହତାଶ ରାଜନୈତିକ ଦଳ ଏହାକୁ ସହ୍ୟ କରିପାରୁନାହାନ୍ତି। ନିଜର କ୍ରମାଗତ



ପରାଜୟ ଓ ରାଜନୈତିକ ଦେବାଳିଆପଣକୁ ଲୁଚାଇବା ପାଇଁ କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ଆଜି 'ଭୋଟ୍ ଚୋରି'ର ହଟଚମଟ ସୃଷ୍ଟି କରୁଛନ୍ତି। ସଂସଦ ଠାରୁ ଆରମ୍ଭ କରି ସଡ଼କ ପର୍ଯ୍ୟନ୍ତ ଏହି ନେତାମାନେ ଅଙ୍ଗୁର ନମିଳିଲେ ତାହାକୁ ଖଟା ବୋଲି କହିବା ସଦୃଶ କେବଳ ମିଥ୍ୟା ବାହାନା ଖୋଜୁଛନ୍ତି। ଏହା କେବଳ ସେମାନଙ୍କର କ୍ରମାଗତ ପରାଜୟ ଓ ରାଜନୈତିକ ବିଫଳତାକୁ ଲୁଚାଇବାର ଏକ ନିନ୍ଦନୀୟ ଷଡ଼ଯନ୍ତ୍ର ମାତ୍ର। ନିର୍ବାଚନରେ ଜିତିଲେ ଇଭିଏମ୍ ଓ ନିର୍ବାଚନ ଆୟୋଗ ଭଲ ଲାଗୁଥିବା ବେଳେ ହାରିଗଲେ ସେହି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବଦ୍‌ନାମ୍ କରିବାର ଏମାନଙ୍କର ଦୋମୁହାଁ ନୀତିକୁ ଦେଶବାସୀ ଭଲ ଭାବରେ ବୁଝିସାରିଛନ୍ତି। ନିର୍ବାଚନ ତାଲିକା ସଂଶୋଧନ ସମୟରେ ବିରୋଧୀଙ୍କ ହୋ-ହାଲ୍ଲାକୁ କଡ଼ା ସମାଲୋଚନା କରି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ଯେ, ମୃତ ବ୍ୟକ୍ତି, ଠିକଣା ବଦଳାଇଥିବା ଏବଂ ବେଆଇନ୍ ଅନୁପ୍ରବେଶକାରୀଙ୍କ ଭରସାରେ କଂଗ୍ରେସ କ'ଣ ନିର୍ବାଚନ ଜିତିବାକୁ ଚାହୁଁଛି ? ଦେଶର ୧୪୦ କୋଟି ଜନସାଧାରଣଙ୍କ ଉପରେ ଆସ୍ଥା ନରଖି ନାଗରିକତା ନଥିବା ଲୋକଙ୍କୁ ସୁରକ୍ଷା ଦେବାର ଏହି ଚକ୍ରାନ୍ତକୁ କେବେବି ବରଦାସ୍ତ କରାଯିବନାହିଁ। ଦେଶରେ ପ୍ରଜାତନ୍ତ୍ର ଓ ନିର୍ବାଚନ ଆୟୋଗ ରହିଛି ବୋଲି ଆଜି ଜଣେ ଗରିବ ଓଡ଼ିଆ ଜନଜାତି ଘରର ଝିଅ ଦେଶର ରାଷ୍ଟ୍ରପତି ଏବଂ ଗରିବ ଘରର ପିଲା ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। କିନ୍ତୁ ସାମନ୍ତବାଦୀ ନେହେରୁ-ଗାନ୍ଧୀ ପରିବାର ଏହାକୁ ସହି ନପାରି ଦେଶରେ ଅରାଜକତା ଓ ରିଜିମ୍ ଚେଞ୍ଜର କଥା କହୁଛନ୍ତି। ସେ ଆହୁରି କହିଥିଲେ, ଓଡ଼ିଶାର ସ୍ୱାଭିମାନ, ଅସ୍ମିତା ଏବଂ ସମଗ୍ର ଦେଶରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଆୟୋଜିତ ଏହି ପଦଯାତ୍ରାକୁ ଜନସାଧାରଣଙ୍କ ବିପୁ ସମର୍ଥନ ରହିଛି। ଓଡ଼ିଶାର ଗାଁ ଗଣ୍ଡାରୁ ଆରମ୍ଭ କରି ପ୍ରତିଟି ଘରେ ମାଆ ସମଲେଶ୍ୱରୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଏହି ବାର୍ତ୍ତା ପହଞ୍ଚାଇବାକୁ ହେବ ଯେ, 'ମୋଦୀ କେଉଁଆଡେ ବି ଯିବେନାହିଁ ଏବଂ ଦେଶର ବିକାଶ ଯାତ୍ରା ଅହରହ ଜାରି ରହିବ। ଏହି ପଦଯାତ୍ରା ମାଧ୍ୟମରେ ରାଜ୍ୟରୁ ସମସ୍ତ ପ୍ରକାର ଅରାଜକତାକୁ ମୂଳପୋଛ କରି ଏକ ସଶକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଜଣାଇଛନ୍ତି। ଏହି ପଦଯାତ୍ରାରେ ଓଡ଼ିଶାର ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ସାମିଲ ହୋଇଥିଲେ।

ଜଗତସିଂହପୁର ବିଜେଡ଼ି ପଦଯାତ୍ରାରେ ଶଙ୍ଖମୟ ହେଲା ସାରା ସହର



ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁରରେ ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ପୂର୍ବତନ ବିଧାୟକ ତଥା ବିଜେଡ଼ି ଜିଲ୍ଲା ସଭାପତି ସଭାପତି ପ୍ରଶାନ୍ତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ବିଜେଡ଼ିର ରାଜ୍ୟ ଉପସଭାପତି ତଥା ଜଗତସିଂହପୁରର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଯୋଗ ଦେଇଥିଲେ। ଏହି ପଦଯାତ୍ରା ମାଧ୍ୟମରେ ଜନସାଧାରଣଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ, ସେମାନଙ୍କ ସମସ୍ୟା ଓ ଅଭାବ ଅସୁବିଧା ବୁଝିବା ସହିତ ବିଜୁ ଜନତା ଦଳର ନୀତି, ଆଦର୍ଶ ଓ ଜନକଲ୍ୟାଣମୂଳକ ଚିନ୍ତାଧାରାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ଜନସମ୍ପର୍କ ପଦଯାତ୍ରା ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବା ସହ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ସହ ଯୋଡ଼ି ହେବାର ଏକ ଉତ୍ତମ ପ୍ରୟାସ। ଜନସେବା, ଜନସମ୍ପର୍କ ଓ ଲୋକଙ୍କ ସ୍ୱାର୍ଥର ସୁରକ୍ଷାକୁ ପ୍ରାଥମିକତା ଦେଇ ବିଜେଡ଼ି ନିଜର ସାଂଗଠନିକ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବାର ସଂକଳ୍ପ ନେଇଛି। ବିଶେଷ କରି ରାଜ୍ୟରେ ବଢୁଥିବା ନାରୀ ନିର୍ଯ୍ୟାତନା ଓ ଦରଦାମ୍ ବୃଦ୍ଧି ବିରୁଦ୍ଧରେ ଲୋକମାନଙ୍କୁ ଏକାଠି ହୋଇ ସରକାର ବିରୁଦ୍ଧରେ ଲଢେଇ କରିବାକୁ ଚିରଞ୍ଜୀବ ବିଶ୍ୱାଳ ଆହ୍ୱାନ ଦେଇଥିଲେ, ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଜଗତସିଂପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ଜିଲ୍ଲା ବିଜେଡ଼ି ଉପସଭାପତି ଦୀପ୍ତି ଦାସ, ବରିଷ୍ଠ ବିଜେଡ଼ି ନେତା ଦୋଳ ଗୋବିନ୍ଦ ଦାଶ, ବିଜେଡ଼ି ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ବ୍ଲକ ସଭାପତି କାଳନ୍ଦୀ ପତି, ତିର୍ତ୍ତୋଲ ବ୍ଲକ ୧ ନମ୍ବର ଜୋନ୍ ପୂର୍ବତନ ଜିଲ୍ଲାପରିଷଦ ସନାତନ ଦଳାଇ, ବିଶିଷ୍ଟ ବିଜେଡ଼ି ନେତା ସୁରେନ୍ଦ୍ର ମହାପାତ୍ର, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ, ରାଜ୍ୟ ଛାତ୍ର ବିଜେଡ଼ି ଉପସଭାପତି ସୁନୀଲ ମାଟିଆ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ସୁମିତ ଲେଙ୍କା, ଜିଲ୍ଲା ବିଜେଡ଼ି ଛାତ୍ର ସଭାପତି ରାଜେଶ ମିଶ୍ର, ଅବନୀକାନ୍ତ ଦାଶ, ଜିଲ୍ଲା ପାରିଷଦ ସଭ୍ୟ ବିବେକାନନ୍ଦ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ରାଉଳ, ବରିଷ୍ଠ ବିଜେଡ଼ି ନେତା ସୁଜିତ ଘୋଷ, ରାଜେନ୍ଦ୍ର ଲେଙ୍କା, ପୂର୍ବତନ ପାରିଷଦ ଦିଲ୍ଲୀପ ସିଂହ, ପୂର୍ବତନ ପାରିଷଦ ସୁବାସ ସାହୁ, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ପାରିଷଦ ମନୋଜ ମହାନ୍ତି, ସୋନାଲି ସିଂହ, ସିଦ୍ଧାର୍ଥ ତ୍ରିପାଠୀ, ଛାତ୍ର ନେତା ରାଜେଶ ମହାପାତ୍ର, ଅନିଲ ଦାସ, ରାକେଶ ରାଉତ, ଆଶିଷ ଗୋଛାୟତ, ଛାତ୍ର ନେତା ସାଗର ଷଡ଼ଙ୍ଗୀ, ଆଦ୍ୟାଶକ୍ତି ଦାସ, ବିଶ୍ୱଜିତ ପ୍ରଧାନ, ସୁଭାଶିଷ ପଣ୍ଡା, ସୂର୍ଯ୍ୟକାନ୍ତ ଗୋଛାୟତ, ବାଦଲ ଖୁଣ୍ଟିଆ, ପୁଷ୍ପାଞ୍ଜଳି ଶତପଥୀ, ପିଙ୍କୁ ପ୍ରଧାନ, ଶୁଭସ୍ମିତା ସେଠି, ପ୍ରିୟଦର୍ଶିନୀ ସେଠି, ଦିବ୍ୟା ମହାନ୍ତି, ଅମନ ମହାପାତ୍ର, ରାଜଶ୍ରୀ ଶତପଥି, ତପସ୍ୱିନୀ ସାହୁ, ଓମ ପ୍ରକାଶ ସାହୁ ପ୍ରମୁଖ ପାଞ୍ଚ ହଜାରରୁ ଅଧିକ କର୍ମୀ ଯୋଗ ଦେଇଥିଲେ।

ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

୯ / ୮	୭	ଶ୍ରୀ ୬ / ଶୁକ୍ରା
୧୦ମ	୧୮ / ୮	୪
୧୧ କେତୁ / ୧୨ଷ୍ଟ	ବୁରଲ	୩ / ର ୨

ସନ- ୧୪୩୪ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୧୨।୧୧।୨୦୨୬, କାର୍ତ୍ତିକ ଦ୨୭ନ, ଗୁରୁବାର

ସୂର୍ଯ୍ୟୋଦୟ- ଘ ୫।୫୫।୨୦ ଚନ୍ଦ୍ରୋଦୟ- ଦିଘ୮।୨୯।୨୪

ତୃତୀୟା ସଂଘ ୬।୧୧ ପର୍ଯ୍ୟନ୍ତ। ଜ୍ୟେଷ୍ଠା ନକ୍ଷତ୍ର ଦିଘ ୨।୨୦ ପର୍ଯ୍ୟନ୍ତ । ବିଛା ଚନ୍ଦ୍ର ଦିଘ ୨।୨୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। ଦିଘ ୨।୨୦ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** ଦିଘ ୨।୨୦ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ସଂଘ ୬।୧୧ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୮ ଗତେ ଦିଘ ୭।୩୦ ମଧ୍ୟେ ।




ମେଷ: ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେନାହିଁ। ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ। ଚଞ୍ଚଳତାର ଶିକାର ହୋଇପାରନ୍ତି। ପାରିବାରିକ ସହଯୋଗ ଲାଭ କରିବେ। ଦେହ ଓ ମନ ଭଲ ରହିବ।



ବୃଷ: ମନରେ ଶତ ସିଂହର ବଳ ଆସିବ। ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା। ଆୟର ପଥ ପରିଷ୍କାର ହେବ। ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ। ପାରିବାରିକ ସୁଖ ଲାଭ କରିବେ ।



ମିଥୁନ: ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ। ସାମୟିକ ବ୍ୟସ୍ତତା ଦେଖାଦେବ। ଭୋଗ ବିଳାସରେ ବିଘ୍ନ ଘଟିବ। କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତି ଲାଭ ହେବ।



କର୍କଟ: ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ। ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ। ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା। ଘରେ ଆନନ୍ଦ ଦେଖାଦେବାର ସୂଚନା।




ସିଂହ: ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ସାଧାରଣ କଥା ବୃହତ ହେବ। ପରିବାରରୁ ସମର୍ଥନ ଲାଭ କରିବେ। ମନ ଅସ୍ଥିର ରହିବ।



କନ୍ୟା: ଯାହା କଲେ ତାହା ଖୁସିରେ ହୋଇପାରିବ। ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ। କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆୟରେ ଉନ୍ନତି ହେବ। ମହିଳାମାନେ ଗର୍ବୀ ହେବେ।



ତୁଳା: ମନରେ ଅଭିମାନ ଆସିବ। କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ। ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା। ପରିବାରରେ ତୃପ୍ତି ଲାଭ। ବ୍ୟୟର ମାତ୍ରା ବଢ଼ିବ ।



ବିଛା: ମନରେ ଅସ୍ଥିରତା ଦେଖାଦେବ ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ କଳହ ଦେଖା ଦେଇପାରେ। କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ।



ଧନୁ: ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚାର ଶିକାର ହେବେ। ତଥାପି କର୍ମ ପ୍ରାପ୍ତି ଆନନ୍ଦ ଦେବ। ଆୟ ପୂର୍ବ ପରି ସ୍ଥିର ରହିବ। ଘରେ ଗତିରୋଧର ସମ୍ମୁଖୀନ ହେବେ।



ମକର: ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ। କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁ ସହଯୋଗ ମିଳିବ। ଆୟ ମଧ୍ୟମ ହେବ। ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।



କୁମ୍ଭ: ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ। କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ। ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ। ପରିବାରରେ ଅସହଯୋଗ ଦେଖାଦେବ। ବନ୍ଧୁ ଦର୍ଶନର ସୁଯୋଗ।



ମୀନ: କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ। ଦୂରଯାତ୍ରା କରି ସୁଫଳ ପାଇପାରିବେ। ପରିବାରରୁ ସତ୍ ପରାମର୍ଶ ମିଳିବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ।



ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଭାବେ ଅନିରୁଦ୍ଧ ପ୍ରଧାନଙ୍କ ଦାୟିତ୍ୱ ଗ୍ରହଣ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଭାବେ ଅନିରୁଦ୍ଧ ପ୍ରଧାନ ଯୋଗଦେଲେ। ପୂର୍ବରୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ଅନିରୁଦ୍ଧ ପ୍ରଧାନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଅଞ୍ଜଳିନା ପ୍ରଧାନଙ୍କୁ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲାପାଳ ଦେବାଶିଷ ସିଂହଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମେହେର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

ପୃଥିବୀକୁ ମାଡ଼ି ଆସୁଛି ସୌର ଝଡ଼

ଭାରତର ପ୍ରଥମ ସୌର ମିଶନ ଆଦିତ୍ୟ-ଏଲ୍‌ୱାନ୍ ସୂର୍ଯ୍ୟରେ ସଂଘଟିତ ଏକ ଶକ୍ତିଶାଳୀ ବିସ୍ଫୋରଣ ବା କୋରୋନାଲ ମାସ୍ ଇଜେକ୍ସନ୍-ସିଏମ୍‌ଇର ଅଧ୍ୟୟନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଆଶ୍ଚର୍ଯ୍ୟଚକିତ ଆବିଷ୍କାର କରିଛି । ଏଥିରେ ସଂଲଗ୍ନ ଭିଇଏଲ୍‌ସି (ଭିଜିବଲ ଏମିସନ୍ ଲାଇନ୍ କୋରୋନାଗ୍ରାଫ୍) ଉପକରଣ ଜାଣିବାକୁ ପାଇଛି, ସୂର୍ଯ୍ୟରୁ ନିର୍ଗତ ଏହି ବିପଦପୂର୍ଣ୍ଣ ବିସ୍ଫୋରଣ ମହାକାଶରେ ଚତୁଃପାର୍ଶ୍ୱରେ ସମାନ ରୂପେ ନୁହେଁ, ବରଂ ଅସମାନ ରୂପେ ବ୍ୟାପେ । ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକ୍ସର ବୈଜ୍ଞାନିକମାନେ ୫ ଅଗଷ୍ଟ ୨୦୨୪ରେ ରେକର୍ଡ ହୋଇଥିବା ଏକ ତୀବ୍ର ସୌର ବିସ୍ଫୋରଣର ତଥ୍ୟକୁ ବିଶ୍ଳେଷଣ କରିବା ପରେ ଏବେ ଏ ବିଷୟରେ ସ୍ପଷ୍ଟ କରିଛନ୍ତି । ଅଧ୍ୟୟନର ତଥ୍ୟ ଆଷ୍ଟ୍ରୋଫିଜିକାଲ ଜର୍ଣ୍ଣାଲ ଲେଟର୍ସରେ ପ୍ରକାଶ ପାଇଛି । ପୂର୍ବରୁ ବୈଜ୍ଞାନିକଙ୍କ ଧାରଣା ଥିଲା, ସୌର ବିସ୍ଫୋରଣ ସୂର୍ଯ୍ୟଠୁ ନିର୍ଗତ ହେବା ପରେ ଗୋଲାକାର ଫେଣ ଭଳି ସମସ୍ତ ଦିଗକୁ ସମାନ ରୂପେ ବିସ୍ତାର କରେ । କିନ୍ତୁ ଆଦିତ୍ୟ-ଏଲ୍‌ୱାନ୍ ଓ ନାସାର ସୋଲାର ଡାଇନାମିକ୍ସ ଅବ୍‌ଜର୍ଭେଟୋରୀ (ନାସା ଏସ୍‌ଡିଓ)ର ୩ଡି ତଥ୍ୟରୁ ଜଣାପଡ଼ିଲା, ଏହି ବିସ୍ଫୋରଣ ଝୁଲିବା ଭଳି, ବିକୃତ ଓ ଅସମାନ ଥିଲା । ବିସ୍ଫୋରଣ ସମୟରେ ସୂର୍ଯ୍ୟରୁ ନିର୍ଗତ ପ୍ଲାଜ୍‌ମା ସେକେଣ୍ଡ ପିଛା ହାରାହାରି ୧,୧୩୫ କିମି ବେଗରେ ଆଗକୁ ବଢୁଥିଲା । କିନ୍ତୁ ଏହାର ଭିନ୍ନ ଭିନ୍ନ ଅଂଶର ଗତି ଏକା ଭଳି ନ ଥିଲା । କିଛି ସୌର ପଦାର୍ଥ ମହାକାଶ ଯାନ ଭଳି ଦ୍ରୁତ ବେଗରେ ଆସୁଥିବା ବେଳେ ଆଉ କିଛି ତା'ଠୁ ଦୂରକୁ ଯାଉଥିଲା । ଆଦିତ୍ୟ-ଏଲ୍‌ୱାନ୍‌ର ଭିଇଏଲ୍‌ସି ଉପକରଣ ଡୋପ୍ଲର ପ୍ରଭାବର ଉପଯୋଗ କରି ପ୍ଲାଜ୍‌ମାରୁ ନିର୍ଗତ ଆଲୋକର ତରଙ୍ଗଦୈର୍ଘ୍ୟରେ ପରିବର୍ତ୍ତନକୁ ମାପିଲା । ଏହା ଦ୍ୱାରା ବୈଜ୍ଞାନିକମାନେ କେବଳ ଗୋଟିଏ ଚିତ୍ର ଦେଖିବା ବଦଳରେ ପ୍ରଥମ ଥର ବିସ୍ଫୋରଣର ଲୁକ୍କାୟିତ ୩ଡି ଢାଞ୍ଚା ଓ ଗତିକୁ ଗଭୀର ଭାବେ ବୁଝିବାର ସୁଯୋଗ ପାଇଲେ । ଏହି ସୌର ବିସ୍ଫୋରଣ ପୃଥିବୀ ଆଡ଼କୁ ଆସିଲେ, ଆମ ମହାକାଶ ଜଳବାୟୁକୁ ଖୁବ୍ ପ୍ରଭାବିତ କରିପାରେ । ବିସ୍ଫୋରଣର ଅସମାନ ବିସ୍ତାରକୁ ବୁଝି କେଉଁ ସୌର ଝଡ଼ କେତେ ବେଗରେ ଓ କେଉଁ ଦିଗରେ ପୃଥିବୀକୁ ଆସୁଛି, ବୈଜ୍ଞାନିକମାନେ ଏଣିକି ଠିକ୍ ଅନୁମାନ କରିପାରିବେ । ଯଦି କୌଣସି ଶକ୍ତିଶାଳୀ ସୌର ଝଡ଼ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସହ ଧକ୍କା ହୁଏ, ତେବେ ଆମ ସାଟେଲାଇଟ୍, ଜିପିଏସ୍ ନାଭିଗେସନ୍, ମୋବାଇଲ ନେଟ୍‌ୱର୍କ ଓ ବିଜୁଳି ଗ୍ରିଡ୍‌କୁ ଅଚଳ କରିପାରେ । ଏହି ଆବିଷ୍କାର ସାହାଯ୍ୟରେ ଆମେ ସାଟେଲାଇଟ୍ ଓ ଯୋଗାଯୋଗ ପ୍ରଣାଳୀଗୁଡ଼ିକୁ ସମୟ ପୂର୍ବରୁ ସୁରକ୍ଷିତ କରିପାରିବା ।



ପ୍ରଫେସର ଇମିରିଟସ୍ ଡା.ଚତୁର୍ଭୁଜ ଭୂୟାଁ
ନିର୍ଦ୍ଦେଶକ ଗବେଷଣା ଓ ବିକାଶ
(ଆଇ.ଆଇ.ପି.ଏସ୍)
ମୋ-୯୫୫୬୭୫୨୨୧୨

ଓଲୁଅର ଔଷଧି ଉପଯୋଗ–୧

ଓଲୁଅ ସାଧାରଣତଃ ଗାଁ ଗହଳରେ ଅଧିକ ପରିବା ଆକାରରେ ଖାଆନ୍ତି । ଆମ ଓଡିଶାରେ ସହର ବଜାରରେ କାଁ ଭାଁ ଦେଖିବାକୁ ମିଳେ । ଏହାକୁ ପରିବା ଆକାରରେ ବ୍ୟବହାର କରିବା ପାଇଁ ଟିକିଏ କଷ୍ଟ କରିବାକୁ ପଡେ । ସାଧାରଣ ଭାବରେ ପରିବା ଭଳି ରାନ୍ଧି ଖିଆଯାଏ ନାହିଁ । କଞ୍ଚା ପାକ ନକରି ଖାଇଲେ ପାଟି, ଜିଭ, ଗଳା କୁଣ୍ଡାଇ ହୁଏ । ଖାଇବା ପାଇଁ ଓଲୁଅ ପରିପକ୍ୱ ଉତ୍ପନ୍ନ ସମୟ ହେବା ଆବଶ୍ୟକ । ଓଲୁଅକୁ ସାଧାରଣତଃ ଗାଁ ଗଣ୍ଡାରେ ଧାନ ଭିତରେ ସିଝାଇ ଖରାରେ ଖଣ୍ଡ ସୁଖାଇ, ପରିବାରେ ଆମ୍ବିଳ, ଭରତା, ଭଜା, ତରକାରୀରେ ପରିବା ସହିତ ମିଶାଇ ଇତ୍ୟାଦି ସ୍ୱାଦପୂର୍ଣ୍ଣ କରି ଖିଆଯାଏ । ଓଲୁଅ ମାଟି ତଳେ ମାଟିଆଳୁ ଭଳି କିନ୍ତୁ ଏହା ଅଧିକ ଗୋଲାକାର ପିଣ୍ଡ ହୋଇଥାଏ । ପରିବା ବ୍ୟତିତ ଏହାର ଏକାଧିକ ଔଷଧି ତତ୍ତ୍ୱ ରହିଛି ଯାହାକୁ ପରିବା ଆକାରରେ ଖାଇଲେ ଅଗୋଚରରେ ଆମେ ମଧ୍ୟ ଉପକାର ପାଉଛେ । ଏହି ପରିବାଟି ଦିନକୁ ଦିନ ହଜିଯାଉଥିବା କିମ୍ବା କମ ପ୍ରୟୋଜନରେ ଆସିବା କିମ୍ବା ଅନ୍ୟାନ୍ୟ ପରି ଏହାର ଚାହିଦା ସେତେ ଦେଖାଯାଏ ନାହିଁ । ତେଣୁ ଏପରି ଏକ ପେଟ ସଫା କରିବା ପରିବା, ଯେକି ଏକାଧିକ ରୋଗରେ ପ୍ରୟୋଗ କରି ଉପଶମ ମିଳିଥାଏ, ତାକୁ ଉପେକ୍ଷା ନକରି ସର୍ବସାଧାରଣ ଗୋଚରକୁ ଆଣିବା ପ୍ରୟାସ ଅଟେ ।

ବିଭିନ୍ନ ନାମ– ଓଲୁଅକୁ ବିଭିନ୍ନ ନାମରେ ଓ ଭାଷାରେ ଜାଣନ୍ତି । ଏହାକୁ ଓଲୁଅ ସୁରଣ, ଜମିକନ୍ଦ ଓଡିଆରେ, ଇଂରାଜୀରେ ଏଲିଫ୍ୟାଣ୍ଟ ଫୁଟ ଜାମ(elephant foot yam) ବା ହ୍ୱାଇଟ ସ୍ପଟ ଜିଆଣ୍ଟ ଅରୁମ(white spot giant arum) , ଲାଟିନ ନାମ ଆମୋରଫାଲସ ପାଇନି ଫୋଲିଅସ(amorphallus paeonifolius)-ବଙ୍ଗଳା-ଓଲ, ହିନ୍ଦି, ଗୁଜୁରାଟି, ମରାଠି- ସୁରଣ, ବିହାରୀ, ଓଉଲ, ତ୍ରିପୁରା-ବେତାମା, କାନାଡି-ସୁବର୍ଣ୍ଣଗଦ(suvarnagadde),କେରଳି-ଚେନା, ତାମିଲ- ଚେନାଇକିଳୁଂଗୁ ବା କାରାକରନାଇକିଜାଙ୍ଗୁ, ତେଲୁଗୁ- କାଣ୍ଡ ଗଡା(kanda gadda)ଏବଂ ନେପାଳି- କାନ, ସରୁଣ ଓଉଲ କହନ୍ତି । ସଂସ୍କୃତରେ- ଅଶୋଘ୍ନ, କନ୍ଦୁଳ, ବାତାରି, ଦୁର୍ନାମାରି, ସ୍ଥୁଳକନ୍ଦ, ଚିତ୍ରବସ୍ତ, ବନୋଭାବ, ତୀବ୍ରକନ୍ଦ ଇତ୍ୟାଦି ।

ଉତ୍ପନ୍ନ– ଏହା ଏକ ଗ୍ରୀଷ୍ମ ବା ଉଷ୍ମମଣ୍ଡଳୀୟ (tropical plant)ଗୁଳ୍ମଗଛ । ଦକ୍ଷିଣ ଏସିଆ ଦ୍ୱୀପରୁ ଉତ୍ପନ୍ନ । ଦକ୍ଷିଣ ପୂର୍ବ ଏସିଆ ମହାଦ୍ୱୀପରେ ଏହାର କନ୍ଦକୁ ଖାଦ୍ୟ ପଦାର୍ଥ ଏବଂ ବିଭିନ୍ନ ପ୍ରକାର ପରିବା ଖାଦ୍ୟ ସାଧନ କରି ଖାଆନ୍ତି । କିନ୍ତୁ ଏବେ ଏହି ପରିବାକୁ ବିଭିନ୍ନ ଦେଶରେ ନେପାଳ, ବଙ୍ଗଳା, ଶ୍ରୀଲଙ୍କା ଓ ଭାରତ ଦେଶରେ ତଥା ବିଶେଷତଃ ଦକ୍ଷିଣ ଭାରତରେ ଅଧିକ ଖାଆନ୍ତି । ଏପ୍ରିଲ ମେ ମାସରେ ମାଟିରେ କିମ୍ବା ମାଟି କୁଣ୍ଡରେ ମାଟି, ଗୋବରଖତ, ପାଣି ଦେଇ ଓଲୁଅ ପିଣ୍ଡକୁ ଛୋଟ ପିଣ୍ଡ(ଖଣ୍ଡ କରି) ପୋତି ଦିଅ । ମାଟିରେ ହଳଦୀ, କାଠଗୁଣ୍ଡାଦି ଦେଲେ ଭଲ । ଛୋଟ ଖଣ୍ଡ ଓଲୁଅଟି ପ୍ରାୟତଃ ୫୦୦ଗ୍ରା-୧କିଲୋଗ୍ରାମ ହେବା ଉଚିତ । ପୋତିବା ପରେ ମାଟି ଘୋଡାଇ ଦିଅ । ଗଜା ବାହାରିବା ପାଇଁ ପ୍ରାୟତଃ ୩୦-୪୫ ଦିନ ଲାଗିଥାଏ । ପାଣି, ଗୋବର, ସାରଆଦି ଦେଲେ ଉତ୍ତମ ଓଲୁଅ ଉତ୍ପନ୍ନ ହୁଏ । ୬-୮ମାସରେ ପକ୍ୱ(mature)ଓଲୁଅର କାଣ୍ଡ, ପତ୍ର, ହଳଦିଆ ପଡେ ଓ ଶୁଖିଯାଏ, ସେତେବେଳେ ଖୋଳି ବାହାର କରନ୍ତି । ଏହାକୁ ଛାତ ଉପରେ, ବଗିଚାରେ, ବାଡିରେ, ଜମିରେ କିମ୍ବା ମାଟି କୁଣ୍ଡରେ ଲଗାଇ ପାରନ୍ତି । ଏହି ଗୁଳ୍ମର ଲମ୍ବା ୨ମିଟର ପର୍ଯ୍ୟନ୍ତ ବା ୬-୭ ଫୁଟ ଏବଂ ଓଲୁଅଟି(tuber)ଅଧିକରୁ ଅଧିକ ୧୫ କିଲୋ ପର୍ଯ୍ୟନ୍ତ ହୋଇପାରେ, ଯାହା ମାଟି ଖତ ଉପରେ ନିର୍ଭର କରେ ।

ଔଷଧି ତତ୍ତ୍ୱ– ରାସାୟନିକ ସଂଗଠନ(phytochemical constitution) ରେ ବିଟୁଲିନିକ(betulinicacid) ଅମ୍ଳ, ବିଟା-ସିଟୋଷ୍ଟେରୋଲ),ଲୁପିଓଲ, ଷ୍ଟିଗ୍ମା ଷ୍ଟେରୋଲ(stigmasterol),ଗ୍ଲୁକୋଜ, ଆଲକଲିଏଡ, ଫ୍ଲେଭୋନଏଡ୍‌ସ, ଟାର୍ନିନ(tanins)ଏବଂ ଫେନୋଲିକ(phenolic compounds)ପୌଷ୍ଟିକ ତତ୍ତ୍ୱ(nutritional value)ଭାବରେ, ଶକ୍ତି(energy)ମେ୧୬.୭ calories, ପୁଷ୍ଟିସାର(protein)୦.୫୪% ରହିଛି ।

ପ୍ରୟୋଗ ଏବଂ ନିଷେଧ(indication & contraindication)-ସ୍ନେହ-୦.୭ gm, ଗ୍ଲୁକୋମାନନ(glucomannan)୪୫%, ଆମିନୋ ଅମ୍ଳ(amino acid)୭.୮%, ପାଉଁଶତତ୍ତ୍ୱ(ash value)-ମେ୭.୩୫%, ଜଳ(water soluble asha)୩.୯% ଏବଂ ଅମ୍ଳ ଅଦ୍ରବଣ(acid insoluble) ମେ୧.୪୭% ଗବେଷଣା ବିଶ୍ଳେଷଣରୁ ଜଣାପଡେ । ଏହି ଓଲୁଅ କନ୍ଦରେ ସକ୍ରିୟ ହଜମକାରକ ଉପାଦାନ, ଟ୍ରିକୋଣ୍ଟେନି (tricontane), ଲୁପିଏଲ(lupeal), ଗ୍ଲୁକୋଜ(glucose), ଗାଲାକ୍ଟୋଜ(galactose), ରାମ୍ନୋଜ(rhamnose),ଚୂନ(calcium ovalate), ଏବଂ ଜାଇଲୋଜ(xylose)ଇତ୍ୟାଦି ମିଳିଥାଏ । ଏତେଗୁଡିଏ ରାସାୟନିକ ତତ୍ତ୍ୱ ବା ଉପାଦାନ ଥିବା ପରିବାକୁ ଆମେ ଖାଦ୍ୟରେ ନେଲେ ଶରୀରରେ ଅନେକ ଉପକାର ବିଶେଷତଃ ଖାଦ୍ୟ ସଂସ୍ଥାନ(digestive system)ଉତ୍ତମ ସକ୍ରିୟ ରହେ ।

ପ୍ରୟୋଗ ନିର୍ଦ୍ଦେଶ ଏବଂ ନିଷେଧ-(indication & contraindication) ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଦୃଷ୍ଟିରୁ -ସୁରଣ-ଉଷ୍ଣବୀଜ ଏବଂ କଟୁରସ(hot potency & pungent taste)ଯୋଗୁଁ ସାଧାରଣତଃ ବାତ ଏବଂ କଫଦୋଷ ଉତ୍ପନ୍ନ ରୋଗରେ ପ୍ରୟୋଗ କରାଯାଏ । ଏହା ପିତ୍ତ ଏବଂ ରକ୍ତଦୋଷ ଉତ୍ତେଜକ ଯୋଗୁଁ ପିତ୍ତ ପ୍ରକୃତିର ବ୍ୟକ୍ତିମାନଙ୍କ ଏବଂ ପିତ୍ତଦୋଷ ଉତ୍ପନ୍ନ ରୋଗରେ ପ୍ରୟୋଗ କରିବା ପାଇଁ ନିଷେଧ କରାଯାଇଛି । ଆବଶ୍ୟକ ହେଲେ ସତର୍କ ସାବଧାନ ସହିତ ପ୍ରୟୋଗ କରାଯାଏ । ଏହି ପ୍ରୟୋଗ ଏବଂ ନିଷେଧ ବ୍ୟତିତ ଓଲୁଅ କନ୍ଦ କଞ୍ଚା କିମ୍ବା ଜଙ୍ଗଲି(raw & wild tuber)କନ୍ଦରେ ଚୂନ ଦାନା(calcium oxalate crystal)ଥିବାରୁ ଖାଇଲେ ଗଳା, ପାଟି କୁଣ୍ଡାଇ ହେବା, ଜଳିବା, ପାଟିଘା(throat/oral-irritation, stching & burning)ହୋଇଥାଏ । ଏଣୁ ଏହି କନ୍ଦକୁ /ଖଣ୍ଡକୁ ତେନ୍ତୁଳି ପାଣି କିମ୍ବା ଚୂନ(lime)ପାଣିରେ କିମ୍ବା ଧାନ ମଝିରେ/ହାଣ୍ଡିରେ ସିଝାଇ (boil)କରି ଖିଆଯାଏ । ସିଝାଇ ଖରାରେ ସୁଖାଇ ଖଣ୍ଡ, ଖଣ୍ଡ କାଟି ବିଭିନ୍ନ ପ୍ରକାର ସ୍ୱାଦ ଖାଦ୍ୟଦ୍ରବ୍ୟ କିମ୍ବା ଔଷଧିରେ ବ୍ୟବହାର କରାଯାଏ ।

ସୁରଣ ଔଷଧି ଗୁଣ– ଏହାର ଅନେକ ଔଷଧି ଗୁଣ ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଲେଖା ଅଛି । ଏପରି ଗୁଣମାନଙ୍କ ଦ୍ୱାରା ବିଭିନ୍ନ ରୋଗ ସହିତ ସ୍ୱାସ୍ଥ୍ୟ (different-diseases)ଏବଂ ସଂସ୍ଥାନ(system)ରେ କାମ କରି ରୋଗର ଉପଶମ ଏବଂ ଆରୋଗ୍ୟ କରିଥାଏ ।

ରସ-(taste)-ରସ ସ୍ୱାଦରେ କଟୁ(pangent)ବା ରାଗ ବା ତିଖା ଏବଂ କଷାୟ(astrigent)ବା କଷା ଲାଗେ ।

ଗୁଣ(qualities)-ଲଘୁ(light)ବା ହାଲୁକା, ରୁକ୍ଷ(dry)ବା ଶୁଷ୍କ କରେ ତୀକ୍ଷ୍ଣ(acute) ଭାବେ କାମ କରେ ।

ବୀର୍ଯ୍ୟ-(potency or active principle)-ଦ୍ରବ୍ୟର ବୀର୍ଯ୍ୟରେ ଉଷ୍ଣ (hot) ବା ଥଣ୍ଡା ବିରୋଧରେ କାମ କରେ ।

ବିପାକ(metabolic effect or after digestion result)-ଏହା ଔଷଧି ବା ଖାଦ୍ୟ ଆକାରରେ ନେଲେ ପାକ ପରେ ଶରୀରକୁ ଉଷ୍ଣତା ଦେଇଥାଏ । ତେଣୁ ଥଣ୍ଡା(cold)ଯୋଗୁଁ ରୋଗରେ କାମ ଦିଏ ।

ଦ୍ରବ୍ୟ କର୍ମ-(action of drug)-ଔଷଧ ଭାବରେ ବ୍ୟବହାର କଲେ ଏହା ଆୟୁର୍ବେଦ ବର୍ଣ୍ଣିତ ଦୋଷଜ ରୋଗ କଫ ଏବଂ ବାତ ଦୋଷରୁ ଉତ୍ପନ୍ନ ରୋଗ ଆରୋଗ୍ୟ କରିଥାଏ ।

ପ୍ରଭାବ-(specific effect or imperical action)ଏହି ସୁରଣ ଦ୍ରବ୍ୟର ଔଷଧି ତତ୍ତ୍ୱର ପ୍ରଭାବରେ ଅର୍ଶ(hemorrloids) ଆରୋଗ୍ୟ ହେବା ସମ୍ଭାବନା ଥାଏ ।

ପ୍ରକାର-(types of surana)-ସୁରଣ ୨ପ୍ରକାର ମିଳେ । ଶ୍ୱେତ ବା ଧଳାସୁରଣ ଏବଂ ରକ୍ତିମା ସୁରଣ ମିଳେ ।ଶ୍ୱେତସୁରଣ ଅଧିକ ରୁଚିବର୍ଦ୍ଧକ । ପୁନରପି ଜଙ୍ଗଲିସୁରଣ(wild type)ଏବଂ ଘରୋଇ ପରିବା ଯୋଗ୍ୟ ଓଲୁଅ ମିଳିଥାଏ । ଜଙ୍ଗଲି ସୁରଣ ବ୍ୟବହାର ଉପଯୋଗୀ ହୁଏ ନାହିଁ । **(କ୍ରମଶଃ)**

ଲକ୍ଷ୍ମୀଧର ପ୍ରଧାନ
ଅଧ୍ୟାପକ, ରାଜନୀତି ବିଜ୍ଞାନ
ବିଜୁପଟ୍ଟନାୟକ କନିଷ୍ଠ
ମହାବିଦ୍ୟାଳୟ
ଆଶ୍ରମପାଟଣା,
ଜଗତସିଂହପୁର
ମୋ-୮୯୧୭୫୮୨୬୪୭

ସମ୍ବିଧାନ ଦିବସ-ଏକ ଅନୁଶୀଳନ

ପ୍ରତ୍ୟେକ ସ୍ୱାଧୀନ ଓ ଗଣତାନ୍ତ୍ରିକ ରାଷ୍ଟ୍ରର ନିଜସ୍ୱ ସମ୍ବିଧାନ ଥାଏ । ରାଷ୍ଟ୍ରର ମୌଳିକ ନୀତି ନିୟମର ସମାହାରକୁ ସମ୍ବିଧାନ କୁହାଯାଏ । ଆମ ସମ୍ବିଧାନ ଭାରତ ଶାସନର ବିଧି, ବିଧାନ, ସଂକଳ୍ପ ପତ୍ର ମାର୍ଗଦର୍ଶିକା ହେବା ସହିତ ରାଷ୍ଟ୍ରର ଦର୍ପଣ, ଜାତକ ଏବଂ ଆତ୍ମା ଅଟେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହୋଇଥିଲେ ମଧ୍ୟ ଆମ ଦେଶକୁ ଶାସନ କରିବା ପାଇଁ ଏକ ସମ୍ବିଧାନର ଆବଶ୍ୟକତା ଥିଲା । ଯେକୌଣସି ଦେଶର ସମ୍ବିଧାନ ନିଜ ଦେଶର ପରିବେଶ, ପରିସ୍ଥିତି ଓ ସମୟ ଅନୁସାରେ ତିଆରି ହୋଇଥାଏ। ଏହି କାରଣରୁ ଗୋଟିଏ ଦେଶର ସମ୍ବିଧାନ ଅନ୍ୟ ଦେଶର ସମ୍ବିଧାନ ଠାରୁ ଭିନ୍ନ ହୋଇଥାଏ । ସମ୍ବିଧାନ ବିଭିନ୍ନ ପ୍ରକାର ଅଟେ, ଲିଖିତ, ଅଲିଖିତ, ନମନୀୟ, ଅନମନୀୟ । ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନ ପ୍ରଥମ ଲିଖିତ ଓ ଅନମନୀୟ ହୋଇଥିବାବେଳେ ଇଂଲଣ୍ଡର ସମ୍ବିଧାନ ଅଲିଖିତ ଓ ନମନୀୟ ଅଟେ । ଆମ ସମ୍ବିଧାନ ଲିଖିତ ଏବଂ ନମନୀୟ ଓ ଅନମନୀୟ ମଧ୍ୟରେ ସମନ୍ୱୟ ଅଟେ। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଭାରତର ସମ୍ବିଧାନ ଗୃହୀତ ହୋଇଥିଲା ଅର୍ଥାତ ଏହିଦିନ ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରି ତାହା ଦେଶବାସୀଙ୍କ ପାଇଁ ଅର୍ପଣ କରାଯାଇଥିଲା । ପୂର୍ବରୁ ଏହା ଜାତୀୟ ଆଇନ ଦିବସ ଭାବେ ପାଳନ ହୋଇ ଆସୁଥିବା ବେଳେ ୨୦୧୫ ମସିହା ଅକ୍ଟୋବର ୧୧ ତାରିଖରେ ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦି ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ । ତଦନୁଯାଇ ଏହା ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଅଛି।

ଭାରତୀୟ ସମ୍ବିଧାନର ପ୍ରାରମ୍ଭରେ ଏକ ପ୍ରସ୍ତାବନା ରହିଛି । ପ୍ରସ୍ତାବନା ସମ୍ବିଧାନର ଏକ ସଂକ୍ଷିପ୍ତ ରୂପ ଅଟେ । ଏଥିରେ ସମ୍ବିଧାନର ଲକ୍ଷ୍ୟ, ଅଭିପ୍ସା, ଆକାଂକ୍ଷା ଓ ଆଇନଗତ ଭିତ୍ତି ସମ୍ବନ୍ଧରେ ସୂଚନା ଦିଆଯାଇଛି। ପ୍ରସ୍ତାବନା ଘୋଷଣା କରେ ଯେ – ଆମେ ଭାରତବାସୀ, ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ସଂସ୍ଥାପିତ କରିବା ପାଇଁ ଏବଂ ଏହାର ସମସ୍ତ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ପ୍ରଦାନ କରିବା ସହିତ ଚିନ୍ତା, ମତପ୍ରକାଶ, ଧାରଣା, ଧର୍ମବିଶ୍ୱାସ ଓ ଉପାସନାର ସ୍ୱାଧୀନତା, ପଦମର୍ଯ୍ୟାଦା ଓ ସୁଯୋଗର ସମାନତା ପ୍ରଦାନ କରିବା ଏବଂ ବ୍ୟକ୍ତିର ମର୍ଯ୍ୟାଦା ଓ ଜାତିର ଏକତା ଓ ଅଖଣ୍ଡତା ସୁନିର୍ଶ୍ଚିତ କରିବା ପୂର୍ବକ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରିବା ନିମନ୍ତେ ସତ୍ୟନିଷ୍ଠ ଭାବରେ ସଂକଳ୍ପ କରି ଆମ୍ଭମାନଙ୍କ ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ଛବିଶ ତାରିଖରେ ଏତଦ ଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକାର, ପ୍ରଣୟନ ଓ ସମର୍ପଣ କଲୁ । ମୂଳ ସମ୍ବିଧାନରେ ସମାଜବାଦୀ, ଧର୍ମ ନିରପେକ୍ଷତା ଓ ସଂହତି ଶବ୍ଦ ନଥିଲା । ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ପ୍ରସ୍ତାବନାରେ ଏହି ତିନୋଟି ଶବ୍ଦକୁ ଯୋଡାଯାଇଛି । ପ୍ରସ୍ତାବନା ଅନୁଯାୟୀ ଭାରତୟର ସାର୍ବଭୌମ କ୍ଷମତା ଲୋକ ମାନଙ୍କ ହସ୍ତରେ ନ୍ୟସ୍ତ । ସମ୍ବିଧାନ ନିର୍ମାଣ କାର୍ଯ୍ୟ ନାଗରିକମାନଙ୍କ ଦ୍ୱାରା ବିଶେଷ ଭାବରେ ଗଠିତ ଏକ ପ୍ରତିନିଧି ମୂଳକ ସମ୍ବିଧାନ ସଭା ଦ୍ୱାରା ହୋଇଥିଲା । ସାଧାରଣ ଅର୍ଥରେ ଯେଉଁ ସଭା ଦେଶର ସମ୍ବିଧାନକୁ ନିର୍ମାଣ କରେ ତାକୁ ସମ୍ବିଧାନ ସଭା କୁହାଯାଏ । ୧୯୪୬ ମସିହା କ୍ୟାବିନେଟ ମିଶନ ଯୋଜନା ଭାରତରେ ଗୋଟିଏ ସମ୍ବିଧାନ ସଭା ଗଠନ କରି ସମ୍ବିଧାନ ପ୍ରଣୟନ ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ସୁପାରିଶ ଅନୁସାରେ ୧୯୪୬ ମସିହା ଜୁଲାଇ ମାସରେ ସମ୍ବିଧାନ ସଭା ପାଇଁ ନିର୍ବାଚନ ହୋଇଥିଲା । ଏଥିରେ କଂଗ୍ରେସ ୨୦୫, ମୁସଲିମ ଲିଗ ୭୩, ଅକାଳି ଦଳର ୦୩, ଏବଂ ୧୮ ଜଣ ସ୍ୱାଧୀନ ସଦସ୍ୟ ନିର୍ବାଚିତ ହୋଇଥିଲେ । ମୁସଲିମ ଲିଗର ୦୩ ସଦସ୍ୟ ଏବଂ ଅକାଳି ଦଳର ୦୩ ସଦସ୍ୟ କଂଗ୍ରେସକୁ ପ୍ରାପ୍ତ ହେବାରୁ ମୋଟ ୨୧୧ ଜଣ କଂଗ୍ରେସ ସଦସ୍ୟ ଥିଲେ। ସମ୍ବିଧାନ ସଭାର ପ୍ରଥମ ବୈଠକ ୨ ଡିସେମ୍ବର ୧୯୪୬ ମସିହାରେ ଅନୁଷ୍ଠିତ ହୋଇଥିଲା । ସମ୍ବିଧାନ ସଭାରେ ସମ୍ବିଧାନର ଏକ ଚିଠା ପ୍ରସ୍ତୁତ କରିବା ପାଇଁ ୨୯ ଅଗଷ୍ଟ ୧୯୪୭ରେ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ୭ଜଣ ସଦସ୍ୟଙ୍କୁ ନେଇ ଏକ ଚିଠା କମିଟି ଗଠନ କରାଯାଇଥିଲା । ଏହି କମିଟିର ଅନ୍ୟ ସଦସ୍ୟ ମାନେଥିଲେ ଏନ ଗୋପାଳସ୍ୱାମୀ ଆୟଙ୍ଗର, ଆଲାଦି କ୍ରିଷ୍ଣସ୍ୱାମୀ ଆୟର, ମହମ୍ମଦ ସଦୁଲା, କେ. ଏମ୍. ମୁନସୀ, ବି.ଏଲ. ମିତର ଏବଂ ଡି.ପି. ଖେତାନ । କିନ୍ତୁ ଅଳ୍ପ ଦିନରେ ବି.ଏଲ. ମିତଲଙ୍କ ସ୍ଥାନରେ ଏନ ମାଧବନ ରାଓଙ୍କୁ ନିଆଗଲା । ୧୯୩୯ରେ ବି.ପି. କ୍ଷେତନଙ୍କ ସ୍ଥାନରେ ଟି.ଟି. କୃଷ୍ଣମାଚାରିଙ୍କୁ ନିଆଗଲା । ସମ୍ବିଧାନ ସଭା ୧୯୪୬ ଡିସେମ୍ବର ୯ ତାରିଖରୁ ୧୯୪୯ ମସିହା ନଭେମ୍ବର ୨୬ତାରିଖ ପର୍ଯ୍ୟନ୍ତ ମୋଟ ୨ ବର୍ଷ ୧୧ ମାସ ୧୭ ଦିନ କଠିନ ପରିଶ୍ରମ କରି ସମ୍ବିଧାନ ପ୍ରସ୍ତୁତ କରିଥିଲେ । ଏଥିପାଇଁ ୧୧ଟି ଅଧିବେଶନ ଏବଂ ୧୬୫ ଦିନ ବୈଠକ ବସିଥିଲା । ଶେଷରେ ୩୯୫ଟି ଧାରା ୮ଟି ପରିଶିଷ୍ଟ ୨୨ ଭାଗ ବିଶିଷ୍ଟ ଭାରତ ସମ୍ବିଧାନ ପ୍ରଣୟନ କରାଗଲା । ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ମୌଲନା ଅବୁଲ କଲାମ ଆଜାଦ, ଚକ୍ରବର୍ତ୍ତୀ ରାଜଗୋପାଳଚାରି, ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ, ବାଳ ଗୋବିନ୍ଦ ଖେର, ବାବୁ ପୁରୁଷୋତ୍ତମ ଦାସ ଟଣ୍ଡନ, ଆଚାର୍ଯ୍ୟ କୃପାଳିନୀ ଭଳି କଂଗ୍ରେସର ପ୍ରାୟ ସମସ୍ତ ବଡ ବଡ ନେତାମାନେ ସମ୍ବିଧାନ ସଭାର ସଦସ୍ୟ ଥିଲେ । କଂଗ୍ରେସ ବ୍ୟତୀତ ଅନ୍ୟ ଦଳର ବିଶିଷ୍ଟ ନେତାମାନେ ଥିଲେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ, ଡକ୍ଟର ଶ୍ୟାମ ପ୍ରସାଦ ମୁଖାର୍ଜୀ, ପଣ୍ଡିତ ହୃଦୟନାଥ କୁଞ୍ଜରୁ, ଡକ୍ଟର ଜୟ କର ଓ ପ୍ରଫେସର କେ.ଟି. ସାହା । ମହିଳା ସଦସ୍ୟ ମାନଙ୍କ ମଧ୍ୟରୁ ସରୋଜିନୀ ନାଇଡୁ, ହଂସା ମେହଟ୍ଟା ଏବଂ ଦୁର୍ଗାବାଇ ଦେଶମୁଖ ପ୍ରମୁଖ ଥିଲେ । ସମ୍ବିଧାନ ପ୍ରଣେତାଗଣ ଆମ ସମ୍ବିଧାନ ପ୍ରଣୟନ ପୂର୍ବରୁ ପୃଥିବୀର ଅନ୍ୟ ଦେଶର ସମ୍ବିଧାନକୁ ଅଧ୍ୟୟନ କରି ସେଥିରୁ ଭଲ ଭଲ ବିଷୟକୁ ଆଣି ଆମ ସମ୍ବିଧାନରେ ସ୍ଥାନିତ କଲେ । ଯଥା– ଇଂଲଣ୍ଡ ସମ୍ବିଧାନରୁ ନାମମାତ୍ର ରାଷ୍ଟ୍ରମୁଖ୍ୟ, ପ୍ରଧାନମନ୍ତ୍ରୀ ମୂଳକ ଶାସନ, ସଂସଦୀୟ ଗଣତନ୍ତ୍ର, ଆଇନ ପ୍ରଣୟନ ପ୍ରଣାଳୀ, ଏକକ ନାଗରିକତା, ଶକ୍ତିଶାଳୀ ନିମ୍ନସଦନ, କ୍ୟାବିନେଟ, ଆଇନର ଶାସନବ୍ୟବସ୍ଥା ଆଦି ଗ୍ରହଣ କରିଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା ସମ୍ବିଧାନରୁ ସଂଘୀୟ ବ୍ୟବସ୍ଥା, ମୌଳିକ ଅଧିକାର, ଲିଖିତ ସମ୍ବିଧାନ, ସ୍ୱାଧୀନ ନ୍ୟାୟପାଳିକା, ସୁପ୍ରିମ କୋର୍ଟ, ନ୍ୟାୟିକ ପୁନରବଲୋକନ କ୍ଷମତା, ରାଷ୍ଟ୍ରପତିଙ୍କ ବହିଷ୍କାର, ଉପରାଷ୍ଟ୍ରପତି ବ୍ୟବସ୍ଥା ଆଦି ଆସିଛି । କାନାଡାରୁ ଦୃଢ କେନ୍ଦ୍ର ସରକାର, ଅବଶିଷ୍ଟ କ୍ଷମତା ଆସିଥିବାବେଳେ, ଅଷ୍ଟ୍ରେଲିଆରୁ ଯୁଗ୍ମ ତାଲିକା, ସ୍ୱାଧୀନ ବାଣିଜ୍ୟ ବ୍ୟବସାୟ ଆସିଅଛି । ସେହିଭଳି ଫ୍ରାନ୍ସରୁ ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଭଳି ଗଣତାନ୍ତ୍ରିକ ମୂଲ୍ୟବୋଧ ଗ୍ରହଣ କରାଯାଇଥିବା ବେଳେ ଶୋଭିଏତ ୟୁନିଅନରୁ ନାଗରିକଙ୍କ ପାଇଁ ମୌଳିକ କର୍ତ୍ତବ୍ୟ, କେନ୍ଦ୍ରୀୟ ଯୋଜନା କମିଶନ, ସମାଜିକ, ଅର୍ଥନୀତିକ ଓ ରାଜନୀତିକ ନ୍ୟାୟ ଆଦି ଗ୍ରହଣ କରାଯାଇଛି । ଆୟରଲାଣ୍ଡ ସମ୍ବିଧାନରୁ ରାଷ୍ଟ୍ରୀୟ ନିର୍ଦ୍ଦେଶ ନାମା ନୀତି ଅଣାଯାଇଛି । ଆମ ସମ୍ବିଧାନ ବିଭିନ୍ନ ଲକ୍ଷଣ ତଥା ବୈଶିଷ୍ଟ୍ୟକୁ ନେଇ ପ୍ରଣୟନ କରାଯାଇଛି । ସେଗୁଡିକ ହେଲା – ଦୀର୍ଘତମ ଲିଖିତ ସମ୍ବିଧାନ, ଐକିକ ସଂଘବାଦ, ନମନୀୟ ଓ ଅନମନୀୟ ମଧ୍ୟରେ ସମନ୍ୱୟ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର, ସଂସଦୀୟ ଶାସନ ବ୍ୟବସ୍ଥା, ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ, ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି, ସୁସଂହତ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟପାଳିକା, ଧର୍ମ ନିରପେକ୍ଷ ରାଷ୍ଟ୍ର ଦୁର୍ବଳ ବର୍ଗଙ୍କ ସୁରକ୍ଷା, ଏକକ ନାଗରିକତା, ସାର୍ବଜନିନ ସାବାଳକ ଭୋଟ ବ୍ୟବସ୍ଥା, ଜରୁରୀ ବ୍ୟବସ୍ଥା, ତ୍ରିସ୍ତରୀୟ ସରକାର, ଜନମଙ୍ଗଳ ରାଷ୍ଟ୍ର ଇତ୍ୟାଦି । ମୌଳିକ ଅଧିକାର ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକଙ୍କ ପାଇଁ ରକ୍ଷା କବଚ । ଏହାଦ୍ୱାରା ବ୍ୟକ୍ତିକୁ ଯେଉଁ ସ୍ୱାଧୀନତା ମିଳେ ସିଏ ସେଥିରେ ସର୍ବବିଧ ଉନ୍ନତି ସାଧନ କରେ । ମୌଳିକ ଅଧିକାର ରାଜନୈତିକ ଗଣତନ୍ତ୍ର ତଥା ନ୍ୟାୟ ପ୍ରତିଷ୍ଠା କରୁଥିବା ବେଳେ ରାଷ୍ଟ୍ରୀୟ ନିର୍ଦ୍ଦେଶ ମୂଳକ ନୀତି ସାମାଜିକ ଓ ଅଥନୈତିକ ଗଣତନ୍ତ୍ର ତଥା ନ୍ୟାୟ ପ୍ରତିଷ୍ଠା କରିଥାଏ । ବର୍ତ୍ତମାନ ଭାରତର ନାଗରିକମାନେ ଛଅଗୋଟି ମୌଳିକ ଅଧିକାର ଯଥା – ସମାନତା ଅଧିକାର, ସ୍ୱାଧୀନତା ଅଧିକାର, ଶୋଷଣ ବିରୁଦ୍ଧରେ ଅଧିକାର, ଧର୍ମ ସ୍ୱାଧୀନତା ଅଧିକାର, ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର ସମ୍ବିଧାନିକ ପ୍ରତିକାର ଅଧିକାର ଆଦି ଉପଭୋଗ କରୁଛନ୍ତି। ଏଥି ସହିତ ଏଗାରଟି ମୌଳିକ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି । ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଅଗଷ୍ଟ ପନ୍ଦର ଓ ଜାନୁଆରୀ ଛବିଶି ପରି ନଭେମ୍ବର ଛବିଶ ତାରିଖ ହେଉଛି ଏକ ଅବିସ୍ମରଣୀୟ ଦିବସ। ଏହିଦିନ ଆମ ଦେଶର ସମ୍ବିଧାନ ପ୍ରସ୍ତୁତ କାର୍ଯ୍ୟ ଶେଷ ହୋଇଥିଲା । ଇତି ମଧ୍ୟରେ ଆମେ ସମ୍ବିଧାନ ତିଆରିର ୭୬ ବର୍ଷ ଅତିକ୍ରମ କରିଛୁ । ସମ୍ବିଧାନ କାର୍ଯ୍ୟକାରୀ ହେବା ଦିନ ଠାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏହି ନୀତି ଗୁଡିକୁ ପ୍ରୟୋଗ କରି ଅନେକ ସଫଳତା ହାସଲ କରିଛନ୍ତି । ଏହାଦ୍ୱାରା ଦେଶରେ ଅନେକ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ପରିବର୍ତ୍ତନ ହୋଇଛି । ଭାରତୀୟ ସମ୍ବିଧାନ ଭାରତ ଶାସନ ସଂହିତା ଭାବେ ସର୍ବମାନ୍ୟ । ଭାରତୀୟ ସମ୍ବିଧାନର ନିର୍ମାତାମାନେ ସଂଶୋଧନର ଆବଶ୍ୟକତା ପ୍ରତି ଅବଗତ ଥିଲେ । ତେଣୁ ଏହାର ସଂଶୋଧନ ପ୍ରଣାଳୀ ୩୬୮ଧାରାରେ ବର୍ଣ୍ଣିତ ହୋଇଛି । ସମ୍ବିଧାନ ପ୍ରଣୟନ ଦିନ ଠାରୁ ହିସାବକୁ ନେଲେ ୨୮ ସେପ୍ଟେମ୍ବର ୨୦୨୩ସୁଦ୍ଧା ଭାରତୀୟ ସମ୍ବିଧାନ ୧୦୬ଥର ସଂଶୋଧନ ହୋଇସାରିଛି । ଏହା ଗ୍ରହଣୀୟ ନୁହେଁ । କାରଣ ସୁପ୍ରିମ କୋର୍ଟଙ୍କ ରାୟ ଅନୁସାରେ ସଂସଦ ସମ୍ବିଧାନର ମୌଳିକ ଢାଞ୍ଚାକୁ ସଂଶୋଧନ ବା ପରିବର୍ତ୍ତନ କରିପାରବ ନାହିଁ ସେଥିପାଇଁ ଏହା ଅଲଙ୍ଘ୍ୟ ଓ ଅକାଟ୍ୟ ଦଲିଲ ଅଟେ । ଏହା ଭାରତ ଶାସନର ଗୀତା, ବାଇବେଲ ଓ କୋରାନ ଅଟେ । ତେଣୁ ଏଥିପ୍ରତି ଆମ ସାଂସଦମାନେ ଓ ସରକାର ସଜାଗ ରହିବା ଆବଶ୍ୟକ ।



ସୌଜନ୍ୟ କୁମାର ପରିଡା
ଲକ୍ଷ୍ମୀନାରାୟଣ ବଜାର,
ବାରୋଛକ କେନ୍ଦ୍ରାପଡ଼ା,
ମୋ : ୮୨୪୯୯୪୩୨୪୭

ଭୋଜି ଖାଇବ ସମାଜ, ଋଣ ଶୁଝିବ ପରିବାର—ଏ କି ପରମ୍ପରା, ନା ସାମାଜିକ ଶୋଷଣ ?

ମଣିଷର ଜୀବନ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ସୁଖଦୁଃଖ, ଆଶା, ଆକାଂକ୍ଷା ଓ ଅନୁଭୂତିର ସମାହାର । ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ରହିଛି ଏକ ସ୍ୱତନ୍ତ୍ର ଆନନ୍ଦ, ଏକ ଭିନ୍ନ ଅନୁଭବ ଓ ଏକ ନୂଆ କାହାଣୀ । କିନ୍ତୁ ଆଜିର ସମାଜରେ ଏକ ଅଜବ ମାନସିକତା ଧୀରେ ଧୀରେ ଆମ ସାମାଜିକ ଜୀବନକୁ ଗ୍ରାସ କରିବାରେ ଲାଗିଛି । ମଣିଷର ଖୁସି ହେଉ କି ଦୁଃଖ, ଜନ୍ମ ହେଉ କି ମୃତ୍ୟୁ, ଚାକିରି ମିଳୁ କି ବିବାହ ହେଉ—ପ୍ରତ୍ୟେକ ଅବସରରେ ଯେପରି ଭୋଜି ଦେବା ଏକ ସାମାଜିକ ବାଧ୍ୟବାଧକତାରେ ପରିଣତ ହୋଇଯାଇଛି । ଏହା କେବଳ ଖାଦ୍ୟ ଆୟୋଜନର ପ୍ରସଙ୍ଗ ନୁହେଁ; ଏହା ଆମ ସମାଜର ଚିନ୍ତାଧାରା, ମାନବିକତା ଓ ପ୍ରାଥମିକତାକୁ ନେଇ ଏକ ଗମ୍ଭୀର ଆତ୍ମସମୀକ୍ଷାର ବିଷୟ । ଛୁଆ ଜନ୍ମ ହେଲା ତ ପାର୍ଟି ଦିଅ, ଚାକିରି ମିଳିଲା ତ ପାର୍ଟି ଦିଅ, ବାହାଘର ହେଲା ତ ଭୋଜି ଦିଅ, ଆଉ ମରିଗଲେ ଶ୍ରାଦ୍ଧ ଭୋଜି ଦିଅ ! ଅର୍ଥାତ୍, ଜୀବନର ପ୍ରତ୍ୟେକ ମୋଡ଼ରେ ସମାଜକୁ ଯେପରି ଖାଇବା ହିଁ ଦରକାର; ତୁମ ପକେଟ୍ ଖାଲି ଥାଉ କି ଭର୍ତ୍ତି, ଘରେ ଟଙ୍କା ଥାଉ କି ନ ଥାଉ, ଋଣ କରିବାକୁ ପଡୁ କି ନ ପଡୁ, ଭୋଜି ହେବା ଦରକାର ! ଆଉ ସବୁଠାରୁ ମଜା କଥା ହେଉଛି, ଏତେ ଆଦରରେ ଖାଇସାରିବା ପରେ ବି କେହି କେହି କହିବେ—'ଲୁଣ ଟିକେ କମ୍ ଥିଲା', 'ମିଠାଟା ଭଲ ନଥିଲା', 'ଅମୁକଙ୍କ ଭୋଜି ଏହାଠାରୁ ଭଲ ଥିଲା!' ଏହି କଥାଗୁଡ଼ିକ ଶୁଣିବାକୁ ହାସ୍ୟରସାତ୍ମକ ଲାଗିପାରେ, କିନ୍ତୁ ଏହା ପଛରେ ଲୁଚି ରହିଛି ଏକ ତିକ୍ତ ସାମାଜିକ ବାସ୍ତବତା । ପ୍ରଶ୍ନ ହେଉଛି, ଆମେ ନିଜ ଖୁସି ପାଇଁ ବଞ୍ଚୁଛୁ ନା ସମାଜକୁ ଖୁସି କରିବା ପାଇଁ ବଞ୍ଚୁଛୁ ? ଆମ ଜୀବନର ନିଷ୍ପତ୍ତି ଆମର ଆବଶ୍ୟକତା ଓ ସାମର୍ଥ୍ୟ ଅନୁସାରେ ହେବା ଉଚିତ, ନା ଅନ୍ୟମାନେ କ'ଣ କହିବେ ସେହି ଭୟରେ ହେବା ଉଚିତ ? ଆଜି ଅନେକ ପରିବାର ଆର୍ଥିକ ଅଭାବ ମଧ୍ୟରେ ଜୀବନ ଅତିବାହିତ କରୁଛନ୍ତି । କାହା ପାଇଁ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଯୋଗାଡ଼ କରିବା କଷ୍ଟକର, କାହା ପାଇଁ ଘରର ଔଷଧ ଖର୍ଚ୍ଚ ଏକ ବଡ଼ ଚିନ୍ତା, ଆଉ କାହା ପାଇଁ ଦୁଇବେଳା ଖାଦ୍ୟ ଯୋଗାଡ଼ କରିବା ହିଁ ସଂଘର୍ଷ । ତଥାପି ସାମାଜିକ ପ୍ରତିଷ୍ଠା ଓ ଲୋକଲଜ୍ଜାର ଭୟରେ ସେମାନେ ନିଜ ସାମର୍ଥ୍ୟଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହୁଅନ୍ତି । ବେଳେବେଳେ ଋଣ କରି ଭୋଜି ଦିଅନ୍ତି, ଧାରକରଜ କରି ଆଡ଼ମ୍ବର କରନ୍ତି, କେବଳ ଏଇଥିପାଇଁ ଯେ ସମାଜ ତାଙ୍କୁ କଞ୍ଜୁସ୍ କିମ୍ବା ଅସମର୍ଥ ବୋଲି ନ କହୁ । କିନ୍ତୁ ଏହି ସମାଜ କ'ଣ ସେହି ପରିବାରର ଋଣ ଶୁଝିବାକୁ ଆସେ ? ଭୋଜିରେ ଖାଇ ଚାଲିଯାଉଥିବା ଲୋକମାନେ କ'ଣ ପରେ ତାଙ୍କ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଦିଅନ୍ତି ? ଘରେ କେହି ଅସୁସ୍ଥ ହେଲେ କିମ୍ବା ପରିବାର ଆର୍ଥିକ ସଙ୍କଟରେ ପଡ଼ିଲେ, ସମାଲୋଚନା କରୁଥିବା ସମସ୍ତେ କ'ଣ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ? ଯଦି ନୁହେଁ, ତେବେ କେବଳ ଲୋକଙ୍କୁ ଦେଖାଇବା ପାଇଁ ନିଜ ପରିବାରର ଭବିଷ୍ୟତକୁ ବିପଦରେ ପକାଇବା କେତେଦୂର ଯୁକ୍ତିସଙ୍ଗତ ? ବିବାହ ଦୁଇଟି ହୃଦୟ ଓ ଦୁଇଟି ପରିବାରର ମିଳନ । ଏହା ଭଲପାଇବା, ବିଶ୍ୱାସ ଓ ନୂଆ ଜୀବନର ଆରମ୍ଭ । କିନ୍ତୁ ଯେତେବେଳେ ବିବାହର ମୂଲ୍ୟ ଆଡ଼ମ୍ବର, ଦାମୀ ମଣ୍ଡପ, ଶହ ଶହ ଅତିଥି ଓ ବ୍ୟୟବହୁଳ ଭୋଜିରେ ମପାଯାଏ, ସେତେବେଳେ ଏହାର ପ୍ରକୃତ ଉଦ୍ଦେଶ୍ୟ ପଛରେ ପଡ଼ିଯାଏ । ଅନ୍ୟ ଜଣେ ଲକ୍ଷେ ଟଙ୍କା ଖର୍ଚ୍ଚ କଲେ ଆମେ ଦୁଇ ଲକ୍ଷ ଖର୍ଚ୍ଚ କରିବା, ଅନ୍ୟ ଘରେ ପାଞ୍ଚଶହ ଲୋକ ଖାଇଲେ ଆମ ଘରେ ହଜାରେ ଲୋକ ଖାଇବା— ଏହା କି ପ୍ରକୃତ ସମ୍ମାନ, ନା ଏକ ଅନାବଶ୍ୟକ ପ୍ରତିଯୋଗିତା? ଏହି ପ୍ରଶ୍ନ ଆହୁରି ସମ୍ବେଦନଶୀଳ ହୋଇଯାଏ ମୃତ୍ୟୁ ପରେ ହେଉଥିବା ଶ୍ରାଦ୍ଧ ଭୋଜି ପ୍ରସଙ୍ଗରେ । ପ୍ରିୟଜନଙ୍କୁ ହରାଇବାର ଦୁଃଖ ଯେକୌଣସି ପରିବାର ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ସେହି ସମୟରେ ପରିବାରକୁ ଆବଶ୍ୟକ ସାନ୍ତ୍ୱନା, ସ୍ନେହ ଓ ସହଯୋଗ । ଏପରି ସମୟରେ ଯଦି ଲୋକଲଜ୍ଜା କିମ୍ବା ସାମାଜିକ ଚାପ ଯୋଗୁଁ ପରିବାରକୁ ଋଣ କରି ଭୋଜି ଦେବାକୁ ପଡ଼େ, ତେବେ ଆମକୁ ନିଜ ବିବେକକୁ ପଚାରିବାକୁ ହେବ— ଆମେ ସତରେ ଶୋକାକୁଳ ପରିବାରର ଦୁଃଖ ବୁଝୁଛୁ, ନା ଆମର ଆଶା ପୂରଣ କରିବାକୁ ସେମାନଙ୍କୁ ବାଧ କରୁଛୁ ? ଆମର ଧାର୍ମିକ ବିଶ୍ୱାସ ଓ ପରମ୍ପରାର ନିଜସ୍ୱ ମହତ୍ତ୍ୱ ଅଛି । ତାହାକୁ ସମ୍ମାନ ଦେବା ନିଶ୍ଚିତ ଭାବେ ଆବଶ୍ୟକ । କିନ୍ତୁ ପରମ୍ପରା ପାଳନ କରିବାର ଅର୍ଥ ଅନ୍ୟକୁ ଆର୍ଥିକ ଚାପରେ ପକାଇବା ନୁହେଁ । ଶ୍ରଦ୍ଧା କେବଳ ଭୋଜିରେ ଖର୍ଚ୍ଚ ହୋଇଥିବା ଟଙ୍କାରେ ମାପ କରାଯାଇପାରିବ ନାହିଁ । ମୃତ ବ୍ୟକ୍ତିଙ୍କ ଭଲ କାମକୁ ମନେ ରଖିବା, ତାଙ୍କ ଆଦର୍ଶକୁ ଅନୁସରଣ କରିବା ଓ ଅସହାୟଙ୍କୁ ସାହାଯ୍ୟ କରିବା ମଧ୍ୟ ଶ୍ରଦ୍ଧାର ଏକ ମହତ୍ତ୍ୱପୂର୍ଣ୍ଣ ରୂପ । ସମାଜର ଆଉ ଏକ ବିଡ଼ମ୍ବନା ହେଉଛି, ଯେଉଁମାନଙ୍କୁ ଖୁସି କରିବା ପାଇଁ ଜଣେ ନିଜ ସାମର୍ଥ୍ୟଠାରୁ ଅଧିକ ଖର୍ଚ୍ଚ କରେ, ସେମାନଙ୍କ ମଧ୍ୟରୁ କେହି କେହି ଖାଇସାରିବା ପରେ ସମାଲୋଚନା କରିବାକୁ ପଛାନ୍ତି ନାହିଁ । ଖାଦ୍ୟରେ ଲୁଣ କମ୍ ଥିଲା, ତରକାରି ଭଲ ନଥିଲା, ମିଠାର ମାନ ଠିକ୍ ନଥିଲା—ଏପରି ମନ୍ତବ୍ୟ ଦେବା ପୂର୍ବରୁ ଆମେ କେବେ ଭାବୁଛୁ କି ଆୟୋଜକ ନିଜ ସାମର୍ଥ୍ୟ ଅନୁସାରେ କେତେ ପରିଶ୍ରମ କରିଥିବେ? ଅତିଥି ହେବାର ଅର୍ଥ କେବଳ ଖାଇବା ନୁହେଁ; ଆୟୋଜକଙ୍କ ଭାବନା ଓ ପରିସ୍ଥିତିକୁ ସମ୍ମାନ ଦେବା ମଧ୍ୟ ଅଟେ । ତେବେ ଏହାର ସମାଧାନ କ'ଣ? ସମାଧାନ ଭୋଜି କିମ୍ବା ପରମ୍ପରାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ନୁହେଁ । ସମାଧାନ ହେଉଛି ଆମ ମାନସିକତାରେ ପରିବର୍ତ୍ତନ ଆଣିବା । ଯେଉଁମାନେ ନିଜ ଖୁସିରେ ଭୋଜି ଦେବାକୁ ଚାହାନ୍ତି ଓ ସାମର୍ଥ୍ୟ ରଖନ୍ତି, ସେମାନେ ନିଶ୍ଚୟ ଆୟୋଜନ କରନ୍ତୁ । କିନ୍ତୁ ଯେଉଁମାନେ ଆର୍ଥିକ ଅସୁବିଧାରେ ଅଛନ୍ତି, ସେମାନଙ୍କୁ ଭୋଜି ନ ଦେବା ପାଇଁ ଅପମାନିତ କରିବା ଉଚିତ ନୁହେଁ । ପ୍ରତ୍ୟେକ ପରିବାର ନିଜ ଆୟ ଓ ଆବଶ୍ୟକତା ଅନୁସାରେ ନିଷ୍ପତ୍ତି ନେବାର ସ୍ୱାଧୀନତା ପାଇବା ଉଚିତ । ଯଦି ଆମେ ସତରେ ଏକ ସୁସ୍ଥ ସମାଜ ଗଢ଼ିବାକୁ ଚାହୁଁଛୁ, ତେବେ ଲୋକଙ୍କୁ ତାଙ୍କ ଖର୍ଚ୍ଚ ଆଧାରରେ ନୁହେଁ, ତାଙ୍କ ଚରିତ୍ର, ବ୍ୟବହାର ଓ ମାନବିକତା ଆଧାରରେ ସମ୍ମାନ ଦେବା ଶିଖିବାକୁ ହେବ । କାହାର ଘରେ ଭୋଜି ନ ହେଲେ ତାଙ୍କୁ ଛୋଟ ମନେ କରିବା ନୁହେଁ; ବରଂ ତାଙ୍କ ଆର୍ଥିକ ପରିସ୍ଥିତିକୁ ବୁଝିବା ଦରକାର । ଶୋକାକୁଳ ପରିବାରକୁ ଭୋଜିର ଆଶା ଦେଖାଇବା ପରିବର୍ତ୍ତେ ସେମାନଙ୍କ ପାଖରେ ଛିଡ଼ା ହେବା ଦରକାର । କାହାର ଖୁସିରେ ଭାଗୀଦାର ହେବା ଅର୍ଥ ତାଙ୍କଠାରୁ ଖାଇବା ଆଶା କରିବା ନୁହେଁ, ବରଂ ତାଙ୍କ ଖୁସିକୁ ହୃଦୟରୁ ଅନୁଭବ କରିବା । ଜୀବନ ବହୁତ ଛୋଟ । ଆଜି ଯିଏ ଭୋଜି ଦେଉଛି, କାଲି ସେ ଆର୍ଥିକ ସଙ୍କଟରେ ପଡ଼ିପାରେ । ଆଜି ଯିଏ ଅନ୍ୟର ଆୟୋଜନକୁ ସମାଲୋଚନା କରୁଛି, କାଲି ସେ ନିଜେ ସେହି ପରିସ୍ଥିତିର ସମ୍ମୁଖୀନ ହୋଇପାରେ । ତେଣୁ ଅନ୍ୟର ପରିସ୍ଥିତିକୁ ବୁଝିବା, ସହାନୁଭୂତି ଦେଖାଇବା ଓ ଅନାବଶ୍ୟକ ଆଶା ରଖିବାରୁ ଦୂରେଇ ରହିବା ହିଁ ପ୍ରକୃତ ସାମାଜିକ ଦାୟିତ୍ୱ । ଆସନ୍ତୁ, ଆମେ ଏପରି ଏକ ସମାଜ ଗଢ଼ିବା, ଯେଉଁଠାରେ ଖୁସି ପାଳନ କରିବା ପାଇଁ ଋଣ କରିବାକୁ ପଡ଼ିବ ନାହିଁ, ଶୋକ ପାଳନ କରିବା ସମୟରେ ଭୋଜିର ଚିନ୍ତା କରିବାକୁ ପଡ଼ିବ ନାହିଁ, ଆଉ ଅତିଥିଙ୍କୁ ସନ୍ତୁଷ୍ଟ କରିବା ପାଇଁ କେହି ନିଜ ପରିବାରର ଆବଶ୍ୟକତାକୁ ବଳି ଦେବେ ନାହିଁ । ଯେଉଁଠାରେ ଭୋଜି ଦେବା ଏକ ଇଚ୍ଛା ହେବ, ବାଧ୍ୟବାଧକତା ନୁହେଁ; ଯେଉଁଠାରେ ସମ୍ମାନ ଖର୍ଚ୍ଚରେ ନୁହେଁ, ମଣିଷର ମାନବିକତାରେ ମାପ କରାଯିବ । ମନେ ରଖିବା ଉଚିତ, ଭୋଜିରେ ଲୋକମାନେ କିଛି ଘଣ୍ଟା ଖାଇ ଚାଲିଯିବେ, କିନ୍ତୁ ଋଣର ବୋଝ ମାସ ମାସ ଧରି ପରିବାରର ପିଠିରେ ରହିଯିବ । ଆଡ଼ମ୍ବରର ଚମକ କିଛି ସମୟ ପାଇଁ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ପରିଣାମ ଦୀର୍ଘଦିନ ଧରି ଭୋଗିବାକୁ ପଡ଼ିପାରେ । ତେଣୁ ଆଜି ପ୍ରଶ୍ନ ଏହା ନୁହେଁ ଯେ ଭୋଜିରେ ଲୁଣ କମ୍ ଥିଲା କି ବେଶି । ପ୍ରଶ୍ନ ହେଉଛି— ଆମ ସମାଜରେ ସମ୍ବେଦନଶୀଳତା, ସହାନୁଭୂତି ଓ ମାନବିକତା କମିଯାଉନାହିଁ ତ? ଆମେ ଅନ୍ୟର ଥାଳିରେ କେତେ ପ୍ରକାର ଖାଦ୍ୟ ଥିଲା ତାହା ଦେଖିବା ପୂର୍ବରୁ, ତାଙ୍କ ମନରେ କେତେ ଚିନ୍ତା ଓ ତାଙ୍କ ପକେଟ୍‌ରେ କେତେ ସାମର୍ଥ୍ୟ ଅଛି, ସେଥିକୁ ବୁଝିବା ଶିଖିପାରିବା ନାହିଁ କି? ପରମ୍ପରା ଆମର ପରିଚୟ, କିନ୍ତୁ ଅନ୍ଧ ଅନୁକରଣ ଆମର ବାଧ୍ୟତା ନୁହେଁ । ଭୋଜିଠାରୁ ଭାବନା ବଡ଼, ଆଡ଼ମ୍ବରଠାରୁ ଆତ୍ମୀୟତା ବଡ଼ ଏବଂ ଲୋକଦେଖାଣିଠାରୁ ମଣିଷର ମାନବିକତା ସବୁବେଳେ ବଡ଼ । ସମାଜର ପ୍ରକୃତ ଉନ୍ନତି ସେତେବେଳେ ହେବ, ଯେତେବେଳେ ଆମେ ଅନ୍ୟକୁ ଖର୍ଚ୍ଚ କରିବାକୁ ବାଧ କରିବା ପରିବର୍ତ୍ତେ ତାଙ୍କ ଉପରୁ ଚାପ କମାଇବାକୁ ଚେଷ୍ଟା କରିବା । ଆସନ୍ତୁ, ଆମେ ଭୋଜି ଆଶା କରୁଥିବା ସମାଜ ନୁହେଁ, ବରଂ ସୁଖଦୁଃଖରେ ସାଥୀ ହେଉଥିବା ସମାଜ ଗଢ଼ିବା । କାରଣ ଶେଷରେ ମଣିଷର ପରିଚୟ ସେ କେତେ ଲୋକଙ୍କୁ ଖୁଆଇଲା ସେଥିରେ ନୁହେଁ, ବରଂ ସେ କେତେ ଲୋକଙ୍କ ଦୁଃଖ ବୁଝିଲା ଓ କେତେ ଲୋକଙ୍କ ପାଖରେ ଛିଡ଼ା ହେଲା, ସେଥିରେ ରହିଛି ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ମନୁଷ୍ୟ ଭକ୍ତ ଭିତରେ ରହସ୍ୟ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଶିଷ୍ୟ ହେଉକି ଭକ୍ତ ହେଉ ସେ ସଦାସର୍ବଦା ଶ୍ରୀ ଗୁରୁଙ୍କ ପଦ୍ମ ପାଦରେ ଲୟ ରଖି ଶ୍ରୀଗୁରୁଙ୍କ ଆଦେଶକୁ ଗୁରୁଜ୍ଞାନ ଭାବି ସେ ତାର କର୍ମକୁ ସମ୍ପାଦନ କରିଥାଏ । କିନ୍ତୁ ମନୁଷ୍ୟ ତାର ନିଜର କର୍ମ ପାଇଁ ବ୍ୟକ୍ତି ଭାବରେ ନିଜକୁ ଦିନହୀନ ଭାବି କର୍ମ ସମ୍ପାଦନ କରିଥାଏ । ମନୁଷ୍ୟ ନିଜ ପାଇଁ କରେ ଶିଷ୍ୟ ଭଗବାନଙ୍କ ପାଇଁ କର୍ମ କରେ ଏହାହିଁ ପ୍ରକୃତ ରହସ୍ୟ । ମନୁଷ୍ୟ, ଶିଷ୍ୟ ଭକ୍ତ ଭିତରେ ଆଉ ଗୋଟିଏ କଥା ଜୀବ(ବା) ମନୁଷ୍ୟ ନିଜପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ । ମୁଁ ଏବଂ ମୋର ସଂସାରରେ କିପରି ଉନ୍ନତି ହେବ କିନ୍ତୁ ଭକ୍ତ ବା ଶିଷ୍ୟ ସମାଜର, ଦେଶର, ବିଶ୍ୱର କିପରି ମଙ୍ଗଳ ହେବ ସେ ନିରନ୍ତର ଭଗବାନଙ୍କୁ ଜଣାଇଥାଏ । ଅର୍ଥାତ୍ ସେ ନିଜକୁ ଭୁଲି ପରମାତ୍ମା ସରଣରେ ବୁଡି ରହିଥାଏ। ଆଉ ଏ ବଦ୍ଧଜିବ ନିଜକୁ ଜାବୁଡ଼ି ଧରି ମୋହ ମାୟାର ପଙ୍କିଳ ଭିତରେ ମନକୁ ବୁଡାଇ ରଖିଥାଏ । ଗୋଟିଏ (ମହୁମାଛି ହେଲେ ଅନ୍ୟଟି ମାଛି) ତାର ଅର୍ଥ ଭକ୍ତ ବା ଶିଷ୍ୟ ମଧୁ ସଂଗ୍ରହ କରି ଅନ୍ୟକୁ ବାଣ୍ଟିଥାଏ ଏବଂ ଆନନ୍ଦ ଅନୁଭବ କରୁଥାଏ । କିନ୍ତୁ ଏ ବଦ୍ଧଜିବ ପଚାଷଢା ପୁତି ଗନ୍ଧରେ ମନକୁ ଛନ୍ଦି ନର୍କକୁ ଗମନ କରିଥାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ






ନିତ୍ୟାନନ୍ଦ ପଣ୍ଡା

ପିଲାଙ୍କ ମହାଭାରତ-୧୦୮

ରୁକ୍ମିଣୀ ବିବାହ-୨



ବିଦର୍ଭ ରାଜଧାନୀ କୁଣ୍ଡୀନଗ୍ର । ରୁକ୍ମିଣୀଙ୍କ ବାହାଘର ପାଇଁ ରାଜଧାନୀ ସଜାଯାଇଛି । ଶିଶୁପାଳ ଆସି ପହଞ୍ଚିଗଲେଣି । ଏବଂ ପହଞ୍ଚିଗଲେଣି ତାଙ୍କର ବଂଧୁରାଜା ଜରାସନ୍ଧ । କୁଣ୍ଡୀନଗ୍ର ଉତ୍ସବମୁଖର ।

ଠିକ୍ ସମୟରେ ବଳରାମ ଜାଣିପାରିଲେ, କୃଷ୍ଣ ବିଦର୍ଭ ଉଦ୍ଦେଶ୍ୟରେ ଏକୁଟିଆ ଯାତ୍ରା କରିଛି । ନିଶ୍ଚୟ ରୁକ୍ମିଣୀଙ୍କ ବିବାହ ପାଇଁ । ତାଙ୍କର ଶତ୍ରୁମାନେ ତାଙ୍କୁ ଆକ୍ରମଣ କରିପାରନ୍ତି, ସେ ଆଶଙ୍କା କଲେ । ସାନ ଭାଇକୁ ସାହାଯ୍ୟ କରିବା ପାଇଁ ଏକ ବିରାଟ ସେନା ନେଇ ବଳରାମ ବିଦର୍ଭ ବାହାରିଲେ ।

ପରଦିନ ସକାଳେ । ରୁକ୍ମିଣୀ କନ୍ୟା ବେଶରେ ରାଜପ୍ରାସାଦରୁ ବାହାରିଲେ । ସାଥିରେ ବାଜା ରୋଷଣି । ପହଞ୍ଚିଲେ ମନ୍ଦିରରେ । ମା' ପାର୍ବତୀଙ୍କୁ ପ୍ରାର୍ଥନା କଲେ - ମା, ମୋର ସହାୟ ହୁଅ । ମୋର ମନର କଥା ତୁମକୁ ଜଣା । ମୋତେ କୃଷ୍ଣ ମିଳନ୍ତୁ ....

ମନ୍ଦିରରୁ ବାହାରିଲେ ରୁକ୍ମିଣୀ । ବାହାରିବା ମାତ୍ରେ ସେ ଦେଖିପାରିଲେ କୃଷ୍ଣଙ୍କ ରଥ ଆସୁଛି । ସେ କାଳବିଳମ୍ବ ନକରି ଧାଇଁଗଲେ ଓ କୃଷ୍ଣଙ୍କ ରଥ ମଧ୍ୟକୁ ଉଠିଗଲେ । କୃଷ୍ଣ ରଥର ଗତିବେଗ ବଢେଇଦେଲେ ଓ ଅଦୃଶ୍ୟ ହୋଇଗଲେ । ଉପସ୍ଥିତ ସହଚରୀ ମାନେ ଦେଖୁଥିଲେ ମଧ୍ୟ କିଛି ବୁଝିପାରୁନଥିଲେ । ରାଜକୁମାର ରୁକ୍ମଙ୍କ ପାଖରେ ପହଞ୍ଚିଲେ ପରିଚାରିକାମାନେ ଓ ଯାହା ଘଟିଥିଲା କହିଲେ ।

"ମୁଁ କୃଷ୍ଣଙ୍କୁ ଜୀବନରୁ ନମାରି ଫେରୁନାହିଁ।" - ଘୋଷଣା କଲେ ରୁକ୍ମ ଓ ବିରାଟ ସେନା ନେଇ କୃଷ୍ଣଙ୍କୁ ଅନୁସରଣ କଲେ । କିନ୍ତୁ କୃଷ୍ଣଙ୍କ ବଦଳରେ ଭେଟିଲେ ବଳରାମଙ୍କୁ । ଉଭୟଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହେଲା ଓ ରାଜକୁମାର ରୁକ୍ମ ପରାସ୍ତ ହେଲେ । ବଳରାମ ଓ କୃଷ୍ଣ ଦ୍ୱାରକାରେ ପହଞ୍ଚିଲେ । ବିଧି ଅନୁସାରେ ରୁକ୍ମିଣୀ ଓ କୃଷ୍ଣଙ୍କ ବିବାହ ଅନୁଷ୍ଠିତ ହେଲା ।


ରାଜକୁମାର ରୁକ୍ମ ଲଜ୍ଜାରେ ଆଉ କୁଣ୍ଡୀନଗ୍ର ଫେରିଲେ ନାହିଁ । ଯୁଦ୍ଧ ସ୍ଥଳରେ ଏକ ନଗ୍ରବସେଇ ସେଠି ଶାସନ କଲେ । ସେବେଠାରୁ କୃଷ୍ଣଙ୍କ ସହିତ ତାଙ୍କର ଶତ୍ରୁତା ।

ବର୍ତ୍ତମାନ କୁରୁକ୍ଷେତ୍ର ଯୁଦ୍ଧ ହେବାକୁ ଯାଉଛି । ଖବର ପାଇଲେ ରୁକ୍ମ । ସେ ଭାବିଲେ, ଯୁଦ୍ଧରେ ପାଣ୍ଡବମାନଙ୍କୁ ସାହାଯ୍ୟ କରିବେ ଯାହାଫଳରେ କୃଷ୍ଣଙ୍କ ସହ ବନ୍ଧୁତା ହୋଇପାରିବ। **(କ୍ରମଶଃ ...)**

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

ଶିଶୁ ଦିବସରେ ଶିଶୁ ମେଳା

ଧ୍ରୁବ ଚରଣ ଘିବେଲା



ଶିଶୁଙ୍କ ପାଇଁକି ଶିଶୁମାନଙ୍କର
ସୁନ୍ଦର ଦିବସଟିଏ
ଶିଶୁଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ
ସୁଯୋଗ ସେ ଆଣି ଦିଏ।
ଶିଶୁଙ୍କ ଭିତରେ ହୁଏ ଆୟୋଜିତ
କେତେ କଣ ପ୍ରତିଯୋଗିତା
ପ୍ରତିଯୋଗୀ ସାଜି ନିଜ ଜ୍ଞାନ ହେଜି
କରିଥାନ୍ତି ପ୍ରତିଦ୍ୱନ୍ଦ୍ୱିତା ।
ଗପ ଗୀତ ଚିତ୍ର ପ୍ରବନ୍ଧ ଲିଖନ
ବକ୍ତୃତା ଆଦି କଥନ
ନାଚ ଗୀତ ସହ ସଙ୍ଗୀତ ଗାନର
ସୁନ୍ଦର ପରିବେଷଣ ।
ସ୍କୁଲ ବ୍ଲକସ୍ତରୁ ଜିଲ୍ଲା ସ୍ତର ଯାଏ
ଭାଗ ନେଇ ପ୍ରତିଯୋଗୀ
କୃତିତ୍ୱ ହାସଲ କରିକି ସଫଳ
ହୁଅନ୍ତି ସେ ସହଭାଗୀ ।
ସାରା ରାଇଜର ପ୍ରତିଟି ଜିଲ୍ଲାର
ବଛା ବଛା ଶିଶୁଗଣ
ରାଇଜ ସ୍ତରର ପ୍ରତିଯୋଗିତାରେ
ଅରଜିଥାନ୍ତି ସୁନାମ ।
ପ୍ରତିଯୋଗିତା ସରିଗଲା ପରେ
ସଭା ଆୟୋଜିତ ହୁଏ
ଅତିଥି ହାତରୁ ପୁରସ୍କାର ନେବାକୁ
କୃତୀ (ଶିଶୁ) ନାମ ଡକାଯାଏ ।
ଜ୍ଞାନ ବିଜ୍ଞାନର ମେଳା ମଧ୍ୟ ହୁଏ
ଶିଶୁ ମେଳା ସୁରଭିରେ
ନାଚ ନୃତ୍ୟ ଗୀତ ହୁଏ ପ୍ରଦର୍ଶିତ
ସୁସଜ୍ଜିତ ସେ ମଞ୍ଚରେ ।
ଆଜିର ଦିନରେ ଶିଶୁ ଦିବସରେ
ନେହେରୁ ମନେ ପଡ଼ନ୍ତି
ତାଙ୍କ ଜନ୍ମଦିନ ହୁଅଇ ପାଳନ
ଜାକଜମକରେ ଅତି ।

ବଡଦରାଜ-୭୨୨୦୧୪, ଜି- ବୌଦ୍ଧ
ମୋ- ୯୪୩୭୪୭୮୪୬୬



ଶିଶୁ ଦିବସଟି ଆସିଲା

ନିରଞ୍ଜନ ସାହୁ

ନଭେମ୍ବର ମାସ ଚଉଦ ତାରିଖ
ଶିଶୁ ଦିବସଟି ଆସିଲା
ଚାଚା ନେହେରୁଙ୍କ ପ୍ରତିଛବି ପରା
ଆମ ଆଖି ଆଗେ ଭାସିଲା ।
ଶିଶୁମାନଙ୍କୁ ସେ ଭଲ ପାଉଥିଲେ
ଏକଥା ସରବେ ଜାଣିଛେ
ତାଙ୍କ ଜନ୍ମଦିନ ପାଳନ କରିବା
ଏକଥା ମନରେ ଆଣିଛେ ।
ପ୍ରତି ବିଦ୍ୟାଳୟେ ତାଙ୍କ ଜନ୍ମତିଥି
ନିଶ୍ଚୟ ହୋଇବ ପାଳନ
ତାଙ୍କ ବାବଦରେ କବିତା ଲେଖିବା
କରିବା କଲମ ଚାଳନ ।
ବିଦ୍ୟାଳୟ ଯାଇ ଚାଚା ନେହେରୁଙ୍କ
ଫୋଟୋଚିତ୍ର ଆମେ ଆଣିକି
ପୋଛାପୋଛି କରି ଟେବୁଲ ଉପରେ
ଥୋଇବା ତାହାକୁ ଜାଣିକି ।
ଫୁଲମାଳ ଗୋଟି ତହିଁରେ ଟାଙ୍ଗିବା
ଫୋଟୋ ତଳେ ଫୁଲ ଦେଇକି
ଚନ୍ଦନ, ସିନ୍ଦୂର ଫୋଟୋରେ ଲଗାଇ
ଧୂପଦୀପ ଦେବା ନେଇକି ।
ଚାଚାଙ୍କର ପ୍ରିୟ ଗୋଲାପ ଫୁଲଟି
ଚାଚାଙ୍କୁ ଅର୍ପଣ କରିବା
ଚାଚା ନେହେରୁଙ୍କୁ ପୂଜା କରି ଆମେ
ମନରେ ଖୁସିକୁ ଭରିବା ।
ସଭାଟିଏ କରି ଚାଚା ନେହେରୁଙ୍କ
ବାବଦରେ କିଛି କହିବା
ଆମ ପାଇଁ ସିଏ କଣ କରିଛନ୍ତି
ସେ ଭାବନା ମନେ ବହିବା ।
ଗୁରୁଜୀ ଗୁରୁମା କହିବେ ବୁଝାଇ
ଶିଶୁ ଦିବସଟି ଏମିତି
ସେହି କଥା ବୁଝି ଆଦର୍ଶ ହୋଇବା
ଭୁଲିବାନି ତାହା ଯେମିତି ।
ଶେଷରେ ମିଷ୍ଟାନ୍ନ ବଣ୍ଟନ ହୋଇବ
ସମସ୍ତେ ମିଷ୍ଟାନ୍ନ ଖାଇବା
ଚାଚା ନେହେରୁଙ୍କ ଆଦର୍ଶର କଥା
ଦୁନିଆ ଆଗରେ ଗାଇବା ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୫
ମୋ- ୯୯୩୮୭୪୧୫୮୩

ଶିଶୁ ଦିବସ ପାଳିବା ଆସ

ନଳିନୀ ଦାଶ

ଶିଶୁ ଦିବସ ପାଳିବା ଆସ
ସଭିଏଁ ମିଳିମିଶି
ଫୁଲ ଚନ୍ଦନ ଲଗାଇ ଦେଇ
ପୂଜିବା ହୋଇ ଖୁସି ।
ଆମରି ଚାଚା ଅତି ସରଳ
ମଣିଷଟିଏ ଥିଲେ
ପାଖକୁ ଡାକି ଶିଶୁମାନଙ୍କୁ
ଶରଧା କରୁଥିଲେ ।
ପିଲାଙ୍କ ଓଠେ ହସ ଦେଖିଲେ
ହେଉଥିଲେ ସେ ଖୁସି
ପାଖେ ବସେଇ ଗପ କାହାଣୀ
କହୁଥିଲେ ସେ ହସି ।
ଏକ ସ୍ୱରରେ ଗାଇବା ଗୀତ
ତାଙ୍କ ଜନମ ଦିନେ
ଅମରାବତୀ ଛାଡ଼ି ଆସହେ
ଚାଚା ପଡୁଛ ମନେ ।
ଗୋରା ବିରୁଦ୍ଧେ ଯାଇ ହେ ଚାଚା
ଆନ୍ଦୋଳନତ କଲ
ଅହିଂସା ମନ୍ତ୍ରେ ଦିକ୍ଷୀତ ହେଇ
ସ୍ୱାଧୀନ ଆଣିଥିଲ ।
ଲାଠିମାଡକୁ ସହିଲ ଚାଚା
ଭୋଗିଲ କେତେ କାରା
ସ୍ୱାଧୀନ ଦେଶ ନବ ନିର୍ମାତା
ସାଜିଲ ତୁମେ ପରା ।
ଶିଶୁଙ୍କ ପାଇଁ ଶିକ୍ଷା ନୀତିର
ପ୍ରଣେତା ଥିଲ ତୁମେ
ଦେଶ ରାଇଜେ ପୂଜା ପାଉଛ
ଚାଚା ନେହେରୁ ନାମେ ।



ଦେଶେ ପ୍ରଥମ ପ୍ରଧାନମନ୍ତ୍ରୀ
ହୋଇ ରଖିଲ ଖ୍ୟାତି
ଶାନ୍ତିର ବାର୍ତ୍ତା ଦେଇ କରିଲ
ପଞ୍ଚଶୀଳର ନୀତି ।
ଗରିବ ଶିଶୁ ଲୁହ ପୋଛିଲ
ଚାଚା ପ୍ରଣାମ ଘେନ
ଶିଶୁ ଦିବସ ନାମେ ପାଳିତ
ତୁମ ଜନମ ଦିନ ।

ଭିକାରିପଡା, ଶରଣକୁଜ, ନୟାଗଡ଼
ମୋ-୯୨୩୮୯୯୬୬୪୯

ଚାଚା ନେହେରୁ...

ରାମଚନ୍ଦ୍ର ବେହେରା

ବାଞ୍ଛିଥିଲ ତୁମେ ସେନେହ ମମତା
ଶିଶୁଂକ କୋମଳ ପରାଣେ
ଶିଶୁ ହିତ ପାଇଁ କରିଥିଲ କାମ
କିଏ ବା ତୁମକୁ ନଜାଣେ।
ନୀତି ଆଦର୍ଶର ବୀରପୁତ୍ର ତୁମେ
ଧନ୍ୟ ତୁମ ଉଚ୍ଚ ଭାବନା
ଗରିବ ଶିଶୁଂକ ମୁକ୍ତ ଶିକ୍ଷା ପାଇଁ
କରିଥିଲ ତୁମେ କଳ୍ପନା।
ଇଂରେଜ ଶାସନ ବିରୁଦ୍ଧରେ ତୁମେ
କରିଥିଲ କାରାବରଣ
ବାପୁ ସହ ମିଳି ଆନ୍ଦୋଳନ କଲ
ଭାରତ ହୋଇଲା ସ୍ୱାଧୀନ।
ନଭେମ୍ବର ମାସ ଚଉଦ ତାରିଖେ
ତୁମରି ଜନମ ଦିବସ
ଶିଶୁ ଦିବସରେ ଖ୍ୟାତ ଏହି ଦିନ
ବାଞ୍ଛିବ ଆନନ୍ଦ ଉଲ୍ଲାସ।
ସେହିଦିନ ଆମେ ତୁମ ପାଦ ତଳେ
ପୁଷ୍ପ ଦୀପ ଦେବୁ ସଜେଇ
ଶ୍ରଦ୍ଧାରେ ପୂଜିବୁ ତୁମକୁ ଚାଚା ହେ
ଭେଦଭାବ ମନୁ ଦୂରେଇ।
ତୁମ ପ୍ରିୟ ସେହି ଗୋଲାପ ଫୁଲକୁ
ଭେଟି ଦେବୁ ଆମେ ଶ୍ରଦ୍ଧାରେ
ତୁମେ ଖୁସି ହୋଇ ଆଶିଷ ଢାଳିବ
ଲାଗିଯିବୁ ଦେଶ ସେବାରେ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬



ଶିଶୁ ଦିବସ ପାଳିବା

ଜୟନ୍ତ କୁମାର ମଲ୍ଲିକ

ଶିଶୁ ଦିବସ ପାଳିବା ଆସ
ମନରେ ଖୁସି ଭରି
ମିଳି ମିଶିକି ଗାଇବା ଗୀତ
ଗୋଟିଏ ସ୍ୱର ଧରି ।
ପାଳିବା ଆମେ ଚାଚାଜୀଙ୍କର
ଶୁଭ ଜନମ ଦିନ
ତାଙ୍କ ମମତା ମହା ସାଗରେ
ହୋଇବା ଆମେ ଲୀନ ।
ସବୁ ଶିଶୁଙ୍କୁ ନିଜର ଭାବି
ପାଉଥିଲେ ସେ ଭଲ
ଓଠରେ ତାଙ୍କ ହେଉଥିଲା ତ
ହସଟି ଝଲମଲ ।
ଗୋଲାପ ଫୁଲେ ଭାରି ଶରଧା
ତାଙ୍କର ରହିଥିଲା
ପିଲାଙ୍କ ସାଥେ ମିଶୁଥିଲେ ସେ
ନିଜେ ସାଜିକି ପିଲା ।
ଜନମ ଦିନ ପକାଇ ମନେ
ପୂଜିବା ତାଙ୍କୁ ଆମେ
ତାଙ୍କ ସୁଗୁଣ ଆଦରି ନେଇ
ଲଗାଇବା ତ କାମେ ।

ଶୂରଡିହ, ନଦିପୁର, ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୨

ସଭିଙ୍କ ନେହେରୁ ଚାଚା

ନଗେନ୍ଦ୍ର ନାଥ ପଟ୍ଟନାୟକ

ରକତ ଗୋଲାପ ଶୋହେ ଯା'ର ଜାମେ
ଜବାହାରଲାଲ ସିଏ
ଶିଶୁ ଦିବସ ତ ତାଙ୍କ ଜନ୍ମଦିନ
ପାଳିଥାନ୍ତି ଝିଅ-ପୁଏ ।
ମଉଡମଣି ସେ ଆମରି ଦେଶର
ସଭିଙ୍କ ନେହେରୁ ଚାଚା
ଆଜିର ଶିଶୁ ଏ କାଲି ନାଗରିକ
କଥାଟା ନିହାତି ଆଚ୍ଛା ।
ଶିଶୁଟି କଳିକା ସମାଜ ଉଦ୍ୟାନେ
ଫୁଟେ ଫୁଲଟିଏ ହୋଇ
ଚଉଦିଗେ ତାର ସୁବାସ ଖେଳଇ
ସବୁରିଙ୍କ ମନ ମୋହି ।



ଶିଶୁ ସଦା ପରା ଈଶ୍ୱରଙ୍କ ରୂପ
ମନେ ତାର ନାଇଁ ଛଳ
ଗୁଲୁରୁ ଗୁଲୁରୁ ଦ ରୋଟି ଭାଷାରେ
ଭରପୂର କୁତୁହଳ ।
ଶିଶୁ ପରା ରତ୍ନ ପ୍ରାଣ ଗଣ୍ଠିଧନ
ସୃଷ୍ଟି ତା ଈଶ୍ୱର ଦାନ
ସାନଟେ ହେଲେ ବି ହୀନ ମଣିବାନି
ଦେବା ତାକୁ ଯଥା ମାନ ।
ଶିଶୁଟି ହସିଲେ ଦୁନିଆ ହସିବ
କଥାଟି ମନରେ ହେଜି
ଚାଚା ଶିଶୁ ପ୍ରୀତି ଆଗେ ମଥାପାତି
ନମନ କରିବା ଆଜି ।


ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର
ଓସ୍କାର ସିଟି,ଲକ୍ଷ୍ମୀସାଗର କେନାଲରୋଡ,ଭୁବନେଶ୍ୱର
ମୋ- ୯୪୩୮୩୩୨୧୩୮

ଶିଶୁ ଦିବସ

ଜୟକୃଷ୍ଣ ସାହୁ

ଶିଶୁର ଗୋଲାପି ଓଠରୁ ଚାଚା ହେ !
ଗୋଲାପ ସୁବାସ ପାଇ
ଜାବୁଡ଼ି ଧରିଲ ଛାତିରେ ତାହାକୁ
ସେନେହ ମମତା ଦେଇ
ଅରପିଲ ଜନ୍ମଦିନ,
'ଶିଶୁ ଦିବସ'ରେ ନାମିତ କରିଲ
ତୁମେ କେଡ଼େ ମହୀୟାନ।
ନଭେମ୍ବର ମାସ ଚଉଦ ତାରିଖ
ଅଠରଶ ଅଣାନବେ
ହୋଇଥିଲ ଜନ୍ମ ପ୍ରୟାଗରାଜରେ
ଦେଇ ପାଦ ସେଇ ଧାମେ
ଦେଶର ଶାସକ ହୋଇ,
ପ୍ରଧାନମନ୍ତ୍ରୀଙ୍କ ଆସନରେ ତୁମେ
ଆସିନ ହୋଇଲଯାଇ।
ସ୍ୱାଧୀନ କରିଲ ଭାରତ ମାଆକୁ
ସଂଗ୍ରାମରେ ଝାସ ଦେଇ
ତୁମେ ଗଢ଼ିଥିଲ ପଞ୍ଚଶିଳ ନୀତି
ଏ ଦେଶ ପ୍ରଗତି ପାଇଁ
ପଡ଼ିଯାଅ ଆଜି ମନେ,
ନଭେମ୍ବର ମାସ ଚଉଦ ତାରିଖ
ତୁମ ଶୁଭ ଜନ୍ମଦିନେ।
ତୁମ ଜନ୍ମଦିନ ପାଳନ କରୁଛୁ
ଯେତେକ ଭଉଣୀ ଭାଇ
ବଡ଼ ସାନ ଭେଦ ଜାତି ଅଜାତିର
ସବୁକୁ ପାଶୋରି ଦେଇ
କରି ଦୁଃଖୀରଙ୍କୀ ସେବା,
ସଭିଙ୍କ ମୁଖରେ ଫୁଟାଇବୁ ହସ
ଶିଖିଛୁ ଜୀବନ ଦେବା।

କପିଳପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭



ବୁଦ୍ଧିର ବଳ

ସୁରମା ମିଶ୍ର

ଗାଆଁରେ ଗୋଟିଏ ଚାଷୀ ଥିଲା
ଛେଳି ଗୋଠେ ସିଏ ରଖିଥିଲା
ନିତି ଜଙ୍ଗଲକୁ ଯାଉଥିଲା
ଛେଳି ଚରାଇ ସେ ଫେରୁଥିଲା ॥

ଦିନେ ଫେରୁ ଫେରୁ ସନ୍ଧ୍ୟା ହେଲା
ଭୁଲ୍ ରେ ଛେଳି ଟା ରହିଗଲା
ଅନ୍ଧାରରେ ବାଟ ଭୁଲିଗଲା
ଭୟରେ ତା ଛାତି ଥରୁଥିଲା ॥

ବିଲୁଆ ଆସିଲା ଭୁକି ଭୁକି
ଛେଳି ଟାକୁ ସିଏ ଦେଲା ଦେଖି
ମନରେ ତାର ସନ୍ଦେହ ହେଲା
କିଏ ତୁ ରେ ବୋଲି ପଚାରିଲା ॥

ଛେଳି କହେ ମୋଁ ମାଣିକ ରଜା
ଶିଂଘ ଦୁଇଟି ମୋ ଗୋଜା ଗୋଜା
ଏହି ବଣର ମୁଁ ହେବି ରଜା
ତୁମେ ସବୁ ରେ ହେବ ମୋ ପ୍ରଜା ॥

ଭୟରେ ବିଲୁଆ ଦଉଡ଼ି ଗଲା
ବାଘ ମାମୁଁକୁ ଜଣାଇ ଦେଲା
ରାଗରେ ବାଘଟା କମ୍ପି ଉଠିଲା
ସେଠାକୁ ଯିବାରେ ଚାଲ କହିଲା ॥

ଦୁହେଁ ମିଶି କରି ବଣକୁ ଗଲେ
ଛେଳି କି ଦେଖି ସେ ଦୁହେଁ ଡରିଲେ
ବାଘ କହିଲା ମୁଁ ଯିବିରେ ନାହିଁ
ମତେ ଭାରି ଡର ଲାଗୁଛି ଭାଇ ॥

ବିଲୁଆ କହିଲା ଡରୁଛ କିଆଁ
ତୁଛାଟାରେ ହେଉଅଛ ଛାନିଆଁ
ମୋ ଲାଙ୍ଗୁଡେ ତୁମ ଲାଙ୍ଗୁଡ଼ ବାନ୍ଧି
ତା ପାଖକୁ ଯାଇ ଖାଇବା ରାନ୍ଧି ॥

ଏହା କହି ଦୁହେଁ ପାଖକୁ ଗଲେ
ଡରି ଡରି ଦୂରେଇ ଠିଆ ହେଲେ
ରାଗି ଛେଳି କହେ ଆରେ ବିଲୁଆ
ଏତେ ଦୂରେ ଠିଆ ହୋଇଛୁ କିଆଁ ॥

ତତେ କହିଥିଲି ଚାରିଟା ପାଇଁ
ଗୋଟେ ବାଘ ଆଣି ଆସିଲୁ ତୁହି
ଏହା ଶୁଣି ବାଘ ହେଲା ଛାନିଆଁ
ଆଖି ପିଛୁଳାକେ ମାରିଲା ଡିଆଁ ॥



ବାଘ ଟା ଆଗକୁ ଦଉଡ଼ି ଗଲା
ପଛୁ ବିଲୁଆ ଲାଙ୍ଗୁଡ଼ ଛିଡିଲା
ବିକଳେ ବିଲୁଆ ଛାଡ଼ିଲା ରଡ଼ି
ଭୟରେ ବାଘଟା ଗଲା ଦଉଡ଼ି ॥

ରାତି ପାହି କ୍ରମେ ସକାଳ ହେଲା
ଖୁସିରେ ଛେଳି ଟା ଘରକୁ ଗଲା
ଦେଖି ପିଲାମାନେ ବୁଦ୍ଧିର ଖେଳ
ଜିତିବ ରେ ଥିଲେ ବୁଦ୍ଧିର ବଳ ॥

ବି ଏଲ-୩୯, ଭି ଏସ ଏସ
ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫


ଶିଶୁ ହସୁ ଫୁଲ ପରି

ଦଶରଥ ମାଝୀ

ପିତାମାତା କୋଳେ ଭଲ ଜ୍ଞାନ ପାଇ
ଶିଶୁ ହସୁ ଫୁଲ ପରି
ସବୁଦିନ ସିଏ ବିଦ୍ୟାଳୟ ଯାଉ
ବହିପତରକୁ ଧରି (୧)
ସବୁ ଶିଶୁମାନେ ବାପାମାଆ କଥା
ସଦାବେଳେ ମାନି ଚାଲ
ତୁମ ମାଆ ପରା ସ୍ନେହର ଝରଣା
ବାପା ହିଁ ତୁମରି ବଳ (୨)
ମୋବାଇଲ ଧରି ନିତି ଖେଳ ନାହିଁ
ଭଲ ଭାବେ ପାଠପଢ଼
ଜ୍ଞାନ ଶିକ୍ଷା ସବୁ ଅର୍ଜନ କରିକି
ଦୁନିଆରେ ହେବ ବଡ଼ (୩)
ଆସ ସଭେ ମିଶି ଭଲ ପାଉଥିବା
ଚାଚା ନେହେରୁଙ୍କ ଭଳି
ଛୋଟ ଛୋଟ ଶିଶୁ ଆମର ଭବିଷ୍ୟ
ଶିକ୍ଷା ସ୍ନେହ ଦେବା ଢାଳି (୪)
ନଭେମ୍ବର ମାସ ଚଉଦ ତାରିଖ
ଆସିଅଛି ପୁଣିଥରେ
ଶିଶୁଙ୍କ ଓଠରେ ହସଫୁଲ ଦେଇ
ଚାଲିବା ନୂଆ ବାଟରେ (୫)

କୁରୁମାଟୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ-୮୨୪୯୨୧୨୪୭୨

ତୁମ ପରି ଛୋଟ ପିଲାଟିଏ



ଅନୁଲିପ୍ତା ମିଶ୍ର

ସ୍କୁଲରୁ ଫେରି ଗୋଡ ହାତ ଧୋଇ ଦୁଇ ଭଉଣୀ ଆଭା ଆଉ ଧୂନ୍ ସିଧା ଚାଲିଲେ ଜେଜେଙ୍କ ପାଖକୁ। ଏଇଟା ତାଙ୍କର ନିତିଦିନିଆ କାମ। ସ୍କୁଲରୁ ଫେରିଲା ପରେ ସ୍କୁଲରେ କଣ ସବୁ ହେଲା, କଣ ପାଠପଢ଼ା ହେଲା ସବୁ ବିଷୟ ଜେଜେଙ୍କ ସହ ଆଲୋଚନା ଚାଲେ ଦୁଇ ଭଉଣୀଙ୍କର। ଆଭା ତୃତୀୟ ଶ୍ରେଣୀରେ ଓ ଧୂନ୍ ପଞ୍ଚମ ଶ୍ରେଣୀରେ ପଢେ। ସେଦିନ ମନ ଖୁସିରେ ଦୁଇ ଭଉଣୀ ଯାଇ ଜେଜେଙ୍କ ପାଖରେ ବସିପଡିଲେ।

ଜେଜେ ଦୁହିଁଙ୍କୁ କୋଳେଇ ନେଇ ପଚାରିଲେ କଥା କଣ ?

ଆଜି ଦୁଇ ଭଉଣୀ ଏତେ ଖୁସି ! !ଆଭା କହିଲା ଜେଜେ ଆମ ସ୍କୁଲରେ ଆଜି ସ୍ୱାଧୀନତା ଦିବସ ପାଇଁ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ହେଉଥିଲା। ମୁଁ ସଙ୍ଗୀତରେ ପ୍ରଥମ ଓ ଦିଦି ବକ୍ତୃତାରେ ପ୍ରଥମ ହୋଇଛି।

ଜେଜେ ଏକଥା ଶୁଣି ଖୁସି ହେଇଗଲେ ଓ ଦୁହିଁଙ୍କୁ ଖୁବ୍ ପ୍ରଶଂସା କଲେ। ଏଥର ଜେଜେ କହିଲେ ଆଚ୍ଛା ତୁମେ ଦୁହେଁ ମୋର ଗୋଟେ ପ୍ରଶ୍ନର ଉତ୍ତର ଦେଇପାରିବ ?

ଧୂନ୍ କହିଲା,'ଜେଜେ କୋଉ ପ୍ରଶ୍ନ ?'

ଜେଜେ ପଚାରିଲେ କହିଲ ଦେଖି, 'ଭାରତର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ କିଏ' ?

ଆଭା ଓ ଧୂନ୍ ପରସ୍ପରକୁ ଚାହିଁ କହିଲେ,'ଆମେ ଜାଣିନୁ ଜେଜେ, ଉତ୍ତରଟା ତୁମେ କହିଦିଅ।'

ଜେଜେ କହିଲେ ହଉ ତେବେ ଶୁଣ... 'ବାଜି ରାଉତ ଭାରତର କନିଷ୍ଠତମ ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦ ଅଟନ୍ତି। ସେ ମାତ୍ର ବାରବର୍ଷ ବୟସରେ ଦେଶ ପାଇଁ ଶହୀଦ ହୋଇଥିଲେ। ସେ ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ନୀଳକଣ୍ଠପୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମାଣିକ ରାଉତ ଥିଲା ଓ ସେ ଜଣେ ନାଉରୀ ଥିଲେ। ସେ ମାତ୍ର ବାରବର୍ଷ ବୟସରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୩୮ ମସିହା ଅକ୍ଟୋବର ୧୧ ତାରିଖ ରାତିରେ ବ୍ରାହ୍ମଣୀ ନଦୀର ଘାଟ ଜଗିଥିଲାବେଳେ ବ୍ରିଟିଶ ପୋଲିସ ତାଙ୍କୁ ନଦୀ ପାର କରେଇ ଦେବାକୁ କହିଥିଲେ। କିନ୍ତୁ ସେମାନଙ୍କୁ ନଦୀ ପାର କରାଇବାକୁ ବାଜିରାଉତ ଦୃଢ଼ ଭାବରେ ମନା କରିଥିଲେ। ଏଥିରେ କ୍ରୋଧିତ ହୋଇ ବ୍ରିଟିଶ ପୋଲିସ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ତୁମ ପରି ଛୋଟ ପିଲାଟିଏ ଦେଶ ପାଇଁ ଶହୀଦ ହୋଇଯାଇଥିଲା। ତୁମେ ବଡ଼ ହେଲେ ତାଙ୍କ ବିଷୟରେ ଆହୁରି ଅଧିକ ଜାଣିବ।'

ଆଭା ଓ ଧୂନ୍ ମନଦେଇ ଜେଜେଙ୍କ କଥା ଶୁଣୁଥିଲେ। ଦୁହେଁ ଏକାଠି କହିଲେ ଜେଜେ ଆମେ ମଧ୍ୟ ବଡ଼ ହେଲେ ଭଲ କାମ କରି ଆମ ଦେଶର ନାଁ ରଖିବୁ। ଆମେ ପ୍ରତିଜ୍ଞା କରିଛୁ ଦରକାର ପଡ଼ିଲେ ଆମେ ଆମ ଦେଶ ପାଇଁ ଜୀବନ ମଧ୍ୟ ଦବୁ। ଜେଜେ ଦୁଇ ନାତୁଣୀଙ୍କ କଥା ଶୁଣି ବହୁତ ଖୁସି ହେଲେ।

ସହକାରୀ ଶିକ୍ଷୟିତ୍ରୀ ମହିଳା,
ଜଗତସିଂହପୁର
ମୋ-୯୯୩୮୪୦୦୨୦୫

ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଟିମ୍ ଘୋଷଣା କଲା ନ୍ୟୁଜିଲାଣ୍ଡ



ୱେଲିଂଟନ

ଭାରତ ବିପକ୍ଷରେ ହେବାକୁ ଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ନ୍ୟୁଜିଲାଣ୍ଡ ୧୪ ଜଣିଆ ଦଳ ଘୋଷଣା କରିଛି। ଟମ୍ ଲାଥମଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ନଭେମ୍ବର ୧୯ ତାରିଖରୁ ଏହି ସିରିଜ ଆରମ୍ଭ ହେବ। ପ୍ରଥମ ଟେଷ୍ଟ ମ୍ୟାଚ୍ ୱେଲିଂଟନରେ ଖେଳାଯିବ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଘରୋଇ ଦଳ ନିଜ ସ୍କ୍ୱାଡରେ ୩ ଜଣ ଆହତ ଖେଳାଳିଙ୍କୁ ମଧ୍ୟ ସ୍ଥାନ ଦେଇଛି। ଆହତ ଖେଳାଳିଙ୍କ ମଧ୍ୟରେ ଟମ୍ ବ୍ଲଣ୍ଡେଲ, ଡେଭନ କନୱେ ଏବଂ ରଚିନ ରବୀନ୍ଦ୍ର ସାମିଲ ଅଛନ୍ତି। ବ୍ଲଣ୍ଡେଲ କ୍ୱାଡ୍ରିସେପ୍ସ ଇଞ୍ଜୁରୀରେ ପୀଡ଼ିତ ଥିଲେ। ଦିନିକିଆ ସିରିଜ ପାଇଁ ଅଭ୍ୟାସ କରୁଥିବା ସମୟରେ କନୱେଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ କନକସନ କାରଣରୁ ସେ ଦିନିକିଆ ସିରିଜରୁ ବାଦ ପଡ଼ିଥିଲେ। ସେହିପରି ରଚିନ ରବୀନ୍ଦ୍ର କାନ୍ଧ ଜନିତ ଆଘାତରେ ପୀଡ଼ିତ ଥିଲେ।

ଏହା ପୂର୍ବରୁ ୨୦୨୪ରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଟେଷ୍ଟ ସିରିଜ ଖେଳାଯାଇଥିଲା। ଭାରତୀୟ ମାଟିରେ ଖେଳାଯାଇଥିବା ଏହି ସିରିଜକୁ ନ୍ୟୁଜିଲାଣ୍ଡ ୩-୦ରେ ଜିତିଥିଲା। ଏବେ ନ୍ୟୁଜିଲାଣ୍ଡ ମାଟିରେ ହେବାକୁ ଥିବା ଏହି ଟେଷ୍ଟ ସିରିଜ ଉପରେ ସମସ୍ତଙ୍କ ନଜର ରହିବ।

ଉଲ୍ଲେଖଯୋଗ୍ୟ, ନ୍ୟୁଜିଲାଣ୍ଡ ବର୍ତ୍ତମାନ ୱାର୍ଲଡ ଟେଷ୍ଟ ଚାମ୍ପିୟନସିପ୍ ୨୦୨୫-୨୭ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଇଂଲଣ୍ଡ ବିପକ୍ଷରେ ନିଜ ଘରୋଇ ମାଟିରେ ଖେଳିଥିବା ଦଳର ସଦସ୍ୟମାନଙ୍କ ସହ ପ୍ରାୟ ସମାନ ଟିମ ଚୟନ କରାଯାଇଛି। ଦ୍ରୁତ ବୋଲର ଜ୍ୟାକବ ଡଫି ଦଳକୁ ଫେରିଛନ୍ତି। ଅନ୍ୟପଟେ ଗୋଡ଼ର ଗୋଇଠି ଆଘାତ କାରଣରୁ ବେନ ସିୟର୍ସ, ନିତମ୍ବ ଆଘାତ କାରଣରୁ ଜ୍ୟାକ ଫଲକ୍ସ ଏବଂ ୱିଲ ଓ'ରୁର୍କେ ଦଳରେ ସ୍ଥାନ ପାଇନାହାନ୍ତି।

ଟେଷ୍ଟ ସିରିଜ ପାଇଁ ନ୍ୟୁଜିଲାଣ୍ଡ ଦଳ : ଟମ୍ ଲାଥମ୍ (ଅଧିନାୟକ), ଟମ୍ ବ୍ଲଣ୍ଡେଲ, ଡେଭନ କନୱେ, ଜ୍ୟାକବ ଡଫି, ମ୍ୟାଟ ହେନରୀ, କାଇଲ ଜେମିସନ, ଡାରିଲ ମିଚେଲ, ହେନରୀ ନିକୋଲ୍ସ, ଗ୍ଲେନ ଫିଲିପ୍ସ, ରଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର, ନାଥନ ସ୍ମିଥ, ବ୍ଲେୟାର ଟିକନର ଏବଂ ୱିଲ ୟଙ୍ଗ।

ହାଇପ୍ରୋଫାଇଲ ଆଇପିଏଲ ଟ୍ରେଡ୍

ମୁମ୍ବାଇ ଇଣ୍ଡିଆନ୍ସକୁ ଗଲେ ଅର୍ଶଦୀପ ଓ ପଞ୍ଜାବ କିଙ୍ଗସ୍‌କୁ ପାଣ୍ଡ୍ୟା

ନୂଆଦିଲ୍ଲୀ



ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ) ୨୦୨୭ ସିଜିନ୍ ପୂର୍ବରୁ ଖେଳାଳିଙ୍କ ଏକ ବଡ଼ ଧରଣର ଟ୍ରେଡ୍ ଡିଲ୍ ହୋଇଛି। ଅଲ୍-ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ଛାଡ଼ି ପଞ୍ଜାବ କିଙ୍ଗସ୍ (ପିବିକେଏସ୍)ରେ ଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ପଞ୍ଜାବ କିଙ୍ଗସ୍ ସହ ୮ଟି ସିଜିନ୍ ଖେଳିବା ପରେ ଦ୍ରୁତ ବୋଲର ଅର୍ଶଦୀପ ସିଂହ ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହୋଇଛନ୍ତି।

ଉଭୟ ଖେଳାଳିଙ୍କୁ ୧୮-୧୮ କୋଟି ଟଙ୍କା ମୂଲ୍ୟରେ ଟ୍ରେଡ୍ କରାଯାଇଛି। ଯାହା ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଟ୍ରେଡ୍ ଡିଲ୍ ସହ ସମାନ। ଏହା ପୂର୍ବରୁ, ୨୦୨୫ ମସିହାରେ ଚେନ୍ନାଇ ସୁପର କିଙ୍ଗସ୍ ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନଙ୍କୁ ୧୮ କୋଟି ଟଙ୍କାରେ ନିଜ ଦଳରେ ସାମିଲ କରିଥିଲା, ଯାହା ସେହି ସମୟରେ ଆଇପିଏଲର ସବୁଠାରୁ ମହଙ୍ଗା ଟ୍ରେଡ୍ ଡିଲ୍ ଥିଲା।

ବୁଧବାର ଆଇପିଏଲ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତି ଅନୁଯାୟୀ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାରିଶ୍ରମିକ ପୂର୍ବର ୧୬.୩୫ କୋଟି ଟଙ୍କାରୁ ବୃଦ୍ଧି ପାଇ ୧୮ କୋଟି ଟଙ୍କା ହୋଇଛି। ସେହିପରି, ଅର୍ଶଦୀପଙ୍କ ପୂର୍ବ ପାରିଶ୍ରମିକ ମଧ୍ୟ ୧୮ କୋଟି ଟଙ୍କା ଥିଲା ଏବଂ ସେ ସେହି ସମାନ ମୂଲ୍ୟରେ ମୁମ୍ବାଇ ଦଳରେ ଯୋଗ ଦେଇଛନ୍ତି। ଉଲ୍ଲେଖନୀୟ ଯେ, ପଞ୍ଜାବ କିଙ୍ଗସ୍ ବ୍ୟତୀତ କୋଲକାତା ନାଇଟ୍ ରାଇଡର୍ସ, ରାଜସ୍ଥାନ ରୟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟସ୍ ମଧ୍ୟ ହାର୍ଦ୍ଦିକଙ୍କୁ ନିଜ ଦଳରେ ସାମିଲ କରିବାକୁ ଆଗ୍ରହୀ ଥିଲେ।

ଏହି ଟ୍ରେଡ୍ ଡିଲ୍ ସହିତ ମୁମ୍ବାଇ ଇଣ୍ଡିଆନ୍ସ ସହ ପାଣ୍ଡ୍ୟାଙ୍କ ଦ୍ୱିତୀୟ ପର୍ଯ୍ୟାୟର ଯାତ୍ରା ଶେଷ ହୋଇଛି। ଏହି ଫ୍ରାଞ୍ଚାଇଜ୍ ସହ ଜଡ଼ିତ ଥିବା ସମୟରେ ସେ ୪ ଥର ଆଇପିଏଲ୍ ଟାଇଟଲ୍ ଜିତିଛନ୍ତି। ୨୦୧୫ ମସିହାରେ ପ୍ରଥମ ଥର ପାଇଁ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେବା ପରଠାରୁ, ପାଣ୍ଡ୍ୟା ନିଜକୁ ଲିଗ୍‌ର ଅନ୍ୟତମ ପ୍ରଭାବଶାଳୀ ଅଲ୍‌ରାଉଣ୍ଡର ଭାବେ ପ୍ରତିଷ୍ଠିତ କରିଥିଲେ। ୨୦୧୫, ୨୦୧୭, ୨୦୧୯ ଏବଂ ୨୦୨୦ ମସିହାରେ ଦଳର ଚାମ୍ପିଅନ ହେବା ଯାତ୍ରାରେ ସେ ବ୍ୟାଟିଂ ଏବଂ ବୋଲିଂ ଉଭୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ମୁମ୍ବାଇ ଇଣ୍ଡିଆନ୍ସ ସହ ସାତୋଟି ସିଜିନ୍ ଖେଳିବା ପରେ, ୨୦୨୨ ଆଇପିଏଲ୍ ସିଜିନ୍ ପୂର୍ବରୁ ପାଣ୍ଡ୍ୟା ଗୁଜୁରାଟ ଟାଇଟନ୍ସରେ ଯୋଗ ଦେଇଥିଲେ। ଦଳର ଅଧିନାୟକ ଭାବରେ ସେ ତୁରନ୍ତ ନିଜର ପ୍ରଭାବ ଦେଖାଇଥିଲେ ଏବଂ ନିଜର ପ୍ରଥମ ସିଜିନ୍‌ରେ ହିଁ ଦଳକୁ ଚାମ୍ପିଅନ୍ କରାଇଥିଲେ। ଏହା ବ୍ୟତୀତ, ୨୦୨୩ ମସିହାରେ ମଧ୍ୟ ସେ ଗୁଜୁରାଟ ଟାଇଟନ୍ସକୁ ଫାଇନାଲ୍ ପର୍ଯ୍ୟନ୍ତ ପହଞ୍ଚାଇଥିଲେ।

ଏହା ପରେ ୨୦୨୪ରେ ପାଣ୍ଡ୍ୟା ପୁଣିଥରେ ମୁମ୍ବାଇ ଇଣ୍ଡିଆନ୍ସକୁ ଫେରିଲେ ଏବଂ ଦଳର ଅଧିନାୟକତ୍ୱ ଗ୍ରହଣ କରିଥିଲେ। ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସକୁ ଫେରିବା ପରେ ସେ ରୋହିତ ଶର୍ମାଙ୍କ ଠାରୁ ଅଧିନାୟକ ଦାୟିତ୍ୱ ନେଇଥିଲେ। ତେବେ, ଏହି ସମୟ ମଧ୍ୟରେ ଦଳର ପ୍ରଦର୍ଶନ ବହୁତ ଖରାପ ହୋଇଥିଲା। ନିଜର ୧୬୨ ମ୍ୟାଚ୍ ବିଶିଷ୍ଟ ଆଇପିଏଲ୍ କ୍ୟାରିୟରରେ, ସେ ୧୪୬.୨୮ ଷ୍ଟ୍ରାଇକ୍ ରେଟ୍ ସହିତ ମୋଟ ୨,୯୫୫ ରନ୍ ସଂଗ୍ରହ କରିଥିଲେ ଏବଂ ୮୨ଟି ୱିକେଟ୍ ନେଇଥିଲେ।

ଅନ୍ୟପକ୍ଷରେ ପଞ୍ଜାବ କିଙ୍ଗସ୍ ସହିତ ୮ଟି ସିଜିନ୍ ଖେଳିବା ପରେ ଅର୍ଶଦୀପ ଏବେ ମୁମ୍ବାଇ ଇଣ୍ଡିଆନ୍ସକୁ ଯାଉଛନ୍ତି। ସେ ୨୦୧୯ ମସିହାରେ ଏହି ଫ୍ରାଞ୍ଚାଇଜ୍ ସହିତ ନିଜର ଆଇପିଏଲ ଯାତ୍ରା ଆରମ୍ଭ କରିଥିଲେ ଏବଂ ଲିଗର ଅନ୍ୟତମ ଶ୍ରେଷ୍ଠ ବାମହାତୀ ଦ୍ରୁତ ବୋଲର ଭାବରେ ନିଜକୁ ପ୍ରତିଷ୍ଠିତ କରିଥିଲେ। ୯୬ଟି ଓଟଖ ମ୍ୟାଚରେ ୧୧୧ଟି ୱିକେଟ୍ ନେଇ, ଅର୍ଶଦୀପ ପଞ୍ଜାବ କିଙ୍ଗସ ପାଇଁ ସର୍ବକାଳୀନ ସର୍ବାଧିକ ୱିକେଟ୍ ନେଇଥିବା ଖେଳାଳି ହୋଇ ରହିଛନ୍ତି।

୨୦୨୭ ବିଶ୍ୱକପ ପରେ ବିରାଟଙ୍କ ଅବସର ଚର୍ଚ୍ଚାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ !



ନୂଆଦିଲ୍ଲୀ

ବିରାଟ କୋହଲି ଭାରତ ପାଇଁ ବର୍ତ୍ତମାନ କେବଳ ଦିନିକିଆ ଫର୍ମାଟ୍‌ରେ ଖେଳୁଛନ୍ତି। ସେ ୨୦୨୪ରେ ଟି-୨୦ ଅନ୍ତର୍ଜାତୀୟ ଏବଂ ୨୦୨୫ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ଏବେ ଚର୍ଚ୍ଚା ଜୋର ଧରିଛି ଯେ, ସେ ୨୦୨୭ ବିଶ୍ୱକପ ପରେ ଦିନିକିଆ କ୍ରିକେଟରୁ ମଧ୍ୟ ଅବସର ନେଇପାରନ୍ତି। ତେବେ ଏହି ପ୍ରସଙ୍ଗରେ ତାଙ୍କ ବାଲ୍ୟକାଳର କୋଚ୍ ରାଜକୁମାର ଶର୍ମା ଏକ ବଡ଼ ଖୁଲାସା କରିଛନ୍ତି, ଯାହା କ୍ରିକେଟ ପ୍ରଶଂସକଙ୍କ ପାଇଁ ଖୁସି ଖବର ହୋଇପାରେ।

ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏସନ (ଡିଡିସିଏ)ର ଏକ କାର୍ଯ୍ୟକ୍ରମରେ ରାଜକୁମାର ଶର୍ମା କିଙ୍ଗ କୋହଲିଙ୍କୁ ନେଇ ନିଜର ମତ ରଖିଥିଲେ। ବର୍ତ୍ତମାନ କୋହଲିଙ୍କ ବୟସ ୩୮ ବର୍ଷ। ଆଗାମୀ ବିଶ୍ୱକପ ସମୟରେ ତାଙ୍କୁ ୩୯ ବର୍ଷ ହୋଇଥିବ। ଏହି ବୟସକୁ ଦେଖି ତାଙ୍କ ଅବସରକୁ ନେଇ ଚର୍ଚ୍ଚା ହେଉଛି।

କୋଚ ରାଜକୁମାର ଶର୍ମା କହିଛନ୍ତି, ବିରାଟ କହିଥିଲେ ଯେ ଏହା ତାଙ୍କର ଶେଷ ବିଶ୍ୱକପ ହେବ, ଭାରତ ପାଇଁ ତାଙ୍କର ଶେଷ ମ୍ୟାଚ୍ ନୁହେଁ। ସେ ଏପରି କହିବାର କାରଣ ହେଉଛି, ବିଶ୍ୱକପ ପ୍ରତିବର୍ଷ ଆସେ ନାହିଁ। ଏହା ଚାରି ବର୍ଷରେ ଥରେ ଆୟୋଜିତ ହୋଇଥାଏ। ବିରାଟ କୋହଲି ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ସିରିଜ୍ ଖେଳୁଛନ୍ତି। ପ୍ରଥମ ମ୍ୟାଚ୍‌ରେ କୋହଲି ୭୪ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଦ୍ୱିତୀୟ ମ୍ୟାଚରେ ସେ ମାତ୍ର ୭ ରନ କରି ଆଉଟ ହୋଇଥିଲେ। ତୃତୀୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ଫଳରେ କୋହଲିଙ୍କୁ ବ୍ୟାଟିଂ କରିବାର ସୁଯୋଗ ମିଳିନଥିଲା।

ବିରାଟ କୋହଲି ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ୧୨୩ଟି ଟେଷ୍ଟ ଏବଂ ୧୨୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେହିପରି ଦିନିକିଆ ଫର୍ମାଟ୍‌ରେ ସେ ୩୨୦ଟି ମ୍ୟାଚ୍ ଖେଳିସାରିଛନ୍ତି।

ଟେଷ୍ଟ କ୍ରିକେଟରେ ୨୧୦ଟି ଇନିଂସରେ ସେ ୪୬.୮୫ ହାରରେ ୯,୨୩୦ ରନ ସଂଗ୍ରହ କରିଛନ୍ତି। ଏଥିରେ ୩୦ଟି ଶତକ ଏବଂ ୩୧ଟି ଅର୍ଦ୍ଧଶତକ ସାମିଲ ରହିଛି। ଟି-୨୦ ଅନ୍ତର୍ଜାତୀୟରେ ୧୧୭ଟି ଇନିଂସରେ କୋହଲି ୪୮.୬୯ ହାର ଏବଂ ୧୩୭.୦୪ ଷ୍ଟ୍ରାଇକ ରେଟ୍ରେ ୪,୧୮୮ ରନ କରିଛନ୍ତି। ସେହିପରି ଦିନିକିଆ କ୍ରିକେଟରେ ୩୦୭ଟି ଇନିଂସରେ ତାଙ୍କ ବ୍ୟାଟରୁ ୧୫,୧୯୦ ରନ ବାହାରିଛି। ଏଥିରେ ୫୫ଟି ଶତକ ଏବଂ ୮୦ଟି ଅର୍ଦ୍ଧଶତକ ରହିଛି। ଦିନିକିଆରେ ତାଙ୍କର ସର୍ବାଧିକ ସ୍କୋର ୧୮୩ ରନ।

ଦିନିକିଆ ଓ ଟେଷ୍ଟ ଶୃଙ୍ଖଳା ଲାଗି ଭାରତୀୟ ଦଳ ୨ ଭାଗ : ଶ୍ରେୟସଙ୍କ ଦଳ ତୌରଙ୍ଗା, ଗିଲ୍‌ବାହିନୀ ୱେଲିଂଟନ୍ ଗସ୍ତ

ହାମିଲଟନ୍

ଏଠାରେ ଖେଳାଯିବାକୁ ଥିବା ଘରୋଇ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଦିନିକିଆ ବର୍ଷା ଯୋଗୁଁ ବାତିଲ ହେବା ପରେ ଭାରତୀୟ ଦଳ ୨ ଭାଗ ହୋଇଯାଇଛି। ଦିନିକିଆ ଶୃଙ୍ଖଳାର ଅବଶିଷ୍ଟ ୨ ମ୍ୟାଚ୍ ଲାଗି ଭାରତୀୟ ଦଳ ତୌରଙ୍ଗାର ମାଉଣ୍ଟମୌଙ୍ଗନଇ ଗସ୍ତ କରିଥିଲା ବେଳେ ଟେଷ୍ଟ୍ ଶୃଙ୍ଖଳା ଲାଗି ପ୍ରସ୍ତୁତ ହେବାକୁ ଅନ୍ୟ ଏକ ଦଳ ୱେଲିଂଟନ ଯାଇଛନ୍ତି। ଶେଷ ଦୁଇ ଦିନିକିଆ ମାଉଣ୍ଟମୌଙ୍ଗନୁଇର ବେ ଓଭାଲରେ ଚଳିତ ମାସ ୧୩ ଓ ୧୫ ତାରିଖରେ ଖେଳାଯିବ। ଏହି ଶୃଙ୍ଖଳା ପରେ ନଭେମ୍ବର ୧୯ରୁ ୱେଲିଂଟନ୍‌ର ବାସିନ୍ ରିଜର୍ଭରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆରମ୍ଭ ହେବ।

ପ୍ରଥମ ୩ ଦିନିକିଆରେ ନେତୃତ୍ୱ ନେଇଥିବା ଶୁବମନ ଗିଲ୍ଙ୍କ ବଦଳରେ ଶେଷ ଦୁଇ ଦିନିକିଆରେ ପୂର୍ଣ୍ଣକାଳୀନ ଟ୍ୱେଣ୍ଟି-୨୦ ଅଧିନାୟକ ଶ୍ରେୟସ ଆୟର ନେତୃତ୍ୱ ନେବେ। ଈଶାନ କିଶନ ତାଙ୍କର ଡେପୁଟି ରହିବେ। ଏହି ଚତୁର୍ଥ ଓ ପଞ୍ଚମ ଦିନିକିଆ ଦଳରେ ତିଳକ ବର୍ମା, ଯଶ ଠାକୁର ଓ କୁମାର କୁଶଗ୍ରା ଯୋଗଦେବେ। ନ୍ୟୁଜିଲାଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ବିଜୟୀ ଦଳରେ ସଦସ୍ୟ ଥିବା ତିଳକ ୨୦୨୫ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶେଷ ଥର ଲାଗି ଖେଳିଥିଲେ। ଯଶ ଓ କୁଶଗ୍ରା ପ୍ରଥମ ଥର ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଦିନିକିଆ ଦଳ ସହ ରହିଛନ୍ତି।

ପ୍ରଥମ ୩ ଦିନିକିଆ ଦଳରେ ଥିବା ଗିଲ, କେଏଲ ରାହୁଲ ଓ ଅଂଶୁଲ କମ୍ବୋଜ ଟେଷ୍ଟ୍ ଶୃଙ୍ଖଳା ଲାଗି ୱେଲିଂଟନ ଗସ୍ତ କରିଛନ୍ତି। ପ୍ରଥମ ଦିନିକିଆ ଦଳରେ ଥିବା ନୀତୀଶ କୁମାର ରେଡ୍ଡୀ ମଧ୍ୟ ଟେଷ୍ଟ୍ ଦଳରେ ସଦସ୍ୟ ରହିଛନ୍ତି। ଦଳ ସହ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟାକ, ବୋଲିଂ ପ୍ରଶିକ୍ଷକ ମର୍ଣ୍ଣେ ମର୍କେଲଙ୍କ ସହ କିଛି ଅଧିକାରୀ ରହିବେ। ଶେଷ ଦିନିକିଆର ମାତ୍ର କିଛି ଦିନ ପରେ ଟେଷ୍ଟ୍ ଶୃଙ୍ଖଳା ଖେଳାଯିବାକୁ ଥିବାରୁ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍ସିପ୍ ଫାଇନାଲ୍ ସ୍ଥାନ ପାଇଁ ଭାରତ ଲାଗି ଏହି ଟେଷ୍ଟ୍ ଶୃଙ୍ଖଳା ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରମୁଖ ଖେଳାଳିଙ୍କୁ ସତେଜ ରଖିବା ଲାଗି ବିସିସିଆଇ ଏଭଳି ପନ୍ଥା ଅବଲମ୍ବନ କରିଛି।

ସଂପ୍ରତି ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିଲା ବେଳେ ଦିନିକିଆ ଶୃଙ୍ଖଳାରେ ୨-୦ରେ ଆଗରେ ରହିଛି। ଭାରତୀୟ ଦଳ (ଚତୁର୍ଥ ଓ ପଞ୍ଚମ): ଶ୍ରେୟସ ଆୟର (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ତିଳକ ବର୍ମା, ଈଶାନ କିଶନ (ଉପଅଧିନାୟକ ଓ ୱିକେଟକିପର), ଅକ୍ଷର ପଟେଲ, ନମନ ଧୀର, ଆକ୍ୱିବ ନବି, ଗୁରନୂର ବ୍ରାର, ଋତୁରାଜ ଗାଏକ୍ୱାଡ, ଅର୍ଶଦୀପ ସିଂହ, କୁମାର କୁଶଗ୍ରା (ୱିକେଟକିପର), ମହମ୍ମଦ ସିରାଜ, ଯଶ ଠାକୁର, କୁଲଦୀପ ଯାଦବ।



ପାରାକ୍ରୀଡ଼ାବିତ୍ ପାୟଲ ନାଗ ପାଇଲେ ୧୦ ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର



ଓଡ଼ିଶାର ପାରା କ୍ରୀଡ଼ାବିତ୍ ପାୟଲ ନାଗଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ମହିଳା ପାରା କମ୍ପାଉଣ୍ଡ ଡବଲ୍ସ ବର୍ଗରେ ପାରା ତୀରନ୍ଦାଜ ପାୟଲ ନାଗ ରୌପ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆଜି କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ଏବଂ ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ ପାୟଲଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ କହିଛନ୍ତି ଯେ, ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ପାୟଲ ନାଗ ରୌପ୍ୟ ପଦକ ହାସଲ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ପାୟଲଙ୍କ ଏହି ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ପ୍ରଦାନ କରିଛି। ପାୟଲଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିବା ସହ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ନିରନ୍ତର ଭାବେ କାର୍ଯ୍ୟ କରାଯାଉଛି ବୋଲି ସଚିବ ଭୂପେନ୍ଦ୍ର ସିଂହ ପୁନିଆ ମତପ୍ରକାଶ କରିଛନ୍ତି।

ୟୁ-୧୯ : ଏସିଆ କପ୍ ସେମିଫାଇନାଲରେ ଭାରତ-ପାକିସ୍ତାନ !

ନୂଆଦିଲ୍ଲୀ

ଏସିସି ଅଣ୍ଡର-୧୯ ୟୁଥ ଏସିଆ କପରେ ଭାରତର ଦମ୍‌ଦାର ବିଜୟ। ଶେଷ ଗ୍ରୁପ ଷ୍ଟେଜ୍ ମ୍ୟାଚ୍‌ରେ ୟୁଏଇକୁ ୭୦ ରନରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଛି ଟିମ୍ ଇଣ୍ଡିଆ। ଏହା ପୂର୍ବରୁ ପାକିସ୍ତାନ ମଧ୍ୟ ସେମିଫାଇନାଲରେ ପହଞ୍ଚି ସାରିଥିଲା। ଗ୍ରୁପ-ବିରୁ ଆଫଗାନିସ୍ତାନ ଓ ବାଂଲାଦେଶ ସେମିଫାଇନାଲକୁ ଯୋଗ୍ୟତା ହାସଲ କରିଛନ୍ତି।

ୟୁଏଇ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଭାରତ ୩୦୯ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଆର୍ଯ୍ୟବୀର ସେହ୍ୱାଗ ଚମତ୍କାର ବ୍ୟାଟିଂ କରି ୧୬୦ ରନର ଦମ୍‌ଦାର ଇନିଂସ ଖେଳିଥିଲେ। ୧୬୮ଟି ବଲରେ ସମ୍ମୁଖୀନ ହୋଇ ସେ ୭ଟି ଛକା ଓ ୧୭ଟି ଚୌକା ମାରିଥିଲେ।

୩୧୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୟୁଏଇ ଦଳ ମାତ୍ର ୨୩୯ ରନ କରିପାରିଥିଲା। ଭାରତ ପକ୍ଷରୁ ଇଶାନ ଧୀରଜ ସୁଦ ସର୍ବାଧିକ ୪ଟି ଉଇକେଟ୍ ନେଇଥିଲେ। ସେ ୭ ଓଭରରେ ୩୭ ରନ ଦେଇଥିଲେ। ମୌନାଲ ଚୌହାନ, ମୋହିତ, ପରେଶ ପଟେଲ, ଯଶବର୍ଦ୍ଧନ, ଆର୍ଯ୍ୟନ ଓ ଅର୍ଜୁନ ରାଜପୁତ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ଚମତ୍କାର ୧୬୦ ରନର ଇନିଂସ ପାଇଁ



ଆର୍ଯ୍ୟବୀର ସେହ୍ୱାଗଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ପୁରସ୍କାର ମିଳିଥିଲା।

ଗ୍ରୁପ-ଏରୁ ଭାରତ ଓ ପାକିସ୍ତାନ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପାକିସ୍ତାନ ଗ୍ରୁପରେ ଶୀର୍ଷ ସ୍ଥାନରେ ରହିଛି। ଦଳ ଗ୍ରୁପ ଷ୍ଟେଜ୍‌ରେ ଖେଳିଥିବା ତିନୋଟି ଯାକ ମ୍ୟାଚ୍ ଜିତିଛି। ଏଥିରେ ଭାରତ ବିପକ୍ଷ ବିଜୟ ମଧ୍ୟ ସାମିଲ ରହିଛି। ଅନ୍ୟପଟେ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଛାଡ଼ି ଭାରତ ଅନ୍ୟ ଦୁଇଟି ମ୍ୟାଚ୍ ଜିତି ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଗ୍ରୁପ-ବିରେ ଆଫଗାନିସ୍ତାନ ଶୀର୍ଷ ସ୍ଥାନ ହାସଲ କରିଛି। ଦଳ ନିଜର ତିନୋଟି ଯାକ ମ୍ୟାଚ ଜିତିଛି। ତିନୋଟି ମ୍ୟାଚରୁ ଦୁଇଟିରେ ବିଜୟୀ ହୋଇ ବାଂଲାଦେଶ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଫଳରେ ଶ୍ରୀଲଙ୍କା ଓ ମାଲେସିଆ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି।

ଅଣ୍ଡର-୧୯ ୟୁଥ ଏସିଆ କପର ସେମିଫାଇନାଲରେ ଭାରତର ମୁକାବିଲା ଆଫଗାନିସ୍ତାନ ସହ ହେବ। ଆଫଗାନିସ୍ତାନ ଗ୍ରୁପ ଷ୍ଟେଜ୍‌ରେ ଗୋଟିଏ ମଧ୍ୟ ମ୍ୟାଚ୍ ହାରିନାହିଁ। ଅନ୍ୟ ସେମିଫାଇନାଲରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ।

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ସେମିଫାଇନାଲ ମ୍ୟାଚ ଗୁରୁବାର, ନଭେମ୍ବର ୧୨ ତାରିଖରେ ଖେଳାଯିବ। ସେହିଦିନ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ହେବ। ଉଭୟ ମ୍ୟାଚ୍‌ର ବିଜେତା ଦଳ ଶନିବାର, ନଭେମ୍ବର ୧୪ ତାରିଖରେ ଫାଇନାଲରେ ମୁହାଁମୁହିଁ ହେବେ।

ଆଇଓଏ ନିର୍ବାଚନରେ ହାଇଡ୍ରାମା : ଜାଲିଆତି ଅଭିଯୋଗ ଆଣି ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ପିଟି ଉଷା

ନୂଆଦିଲ୍ଲୀ

ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର ସଭାପତି କିମ୍ବଦନ୍ତୀ ପିଟି ଉଷା ସ୍ପୋର୍ଟ୍‌ପର୍ସନ ଅଫ୍ ମେରିଟ (ଏସ୍‌ଓଏମ) ତାଲିକା ନିର୍ବାଚନରେ ପରାଜୟକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ନିର୍ବାଚନରେ ଜାଲିଆତି ହୋଇଥିବା ଦର୍ଶାଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି। ଆଇଓଏର ୨୦୨୬ କାର୍ଯ୍ୟକାରିଣୀ ପରିଷଦର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହାପୂର୍ବରୁ ଏସ୍‌ଓଏମ ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଥିଲା। ପୁରୁଷ ବର୍ଗରେ ୪ ଜଣ ଗଗନ ନାରଙ୍ଗ, କମଲେଶ ମେହେଟା, ଯୋଗେଶ୍ୱର ଦତ୍ତ ଓ ବିଜେନ୍ଦର ସିଂ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ମହିଳା ବର୍ଗରେ ୪ଟି ପଦ ପାଇଁ ୬ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା



କରିଥିଲେ। ପିଟି ଉଷା ୪୦ଟି ଭୋଟ ପାଇ ପଞ୍ଚମ ସ୍ଥାନରେ ରହିଥିଲେ।

ଆଇଓଏର ଉପ ସଭାପତି ଅଞ୍ଜୁ ବବି ଜର୍ଜ ସର୍ବାଧିକ ୫୩ଟି ଭୋଟ ପାଇ ପ୍ରଥମ, ରାଣୀ ରାମପାଲ (୫୦ ଭୋଟ) ଦ୍ୱିତୀୟ, ଦୋଳ ବାନାର୍ଜୀ (୪୫) ତୃତୀୟ ଏବଂ ସାଇନା ନେହ୍ୱାଲ (୪୩) ଚତୁର୍ଥ ସ୍ଥାନରେ ରହିଥିଲେ। ନିର୍ବାଚନରେ ହାରିବା ପରେ ପିଟି ଉଷା ପୁଣି ଥରେ ସଭାପତି ଭାବେ ନିର୍ବାଚିତ ହେବାର ଆଶା ମଉଳି ଯାଇଛି। ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ସେ। ନିର୍ବାଚନର ଗୋଟିଏ ଦିନ ପୂର୍ବରୁ, ଉଷା ନିର୍ବାଚନ ଅଧିକାରୀଙ୍କ ନିକଟରେ ଆଦର୍ଶ ଆଚରଣ ସଂହିତାର ଉଲ୍ଲଂଘନ ଅଭିଯୋଗ ପତ୍ର ଦାଖଲ କରିଥିଲେ। ପୂର୍ବତନ ତୀରନ୍ଦାଜ ଡୋଲା ବାନାର୍ଜୀଙ୍କ ନାମରେ ଏକ ଆକାଉଣ୍ଟ ମାଧ୍ୟମରେ ପ୍ରସାରିତ ହ୍ୱାଟ୍ସଆପ୍ ମେସେଜକୁ ସେ ବିରୋଧ କରିଥିଲେ। ନିଜର ପରାଜୟ ପରେ, ଉଷା ଅଭିଯୋଗ କରିଛନ୍ତି ଯେ, ଭୋଟ୍ ପ୍ରକ୍ରିୟାରେ ଜାଲିଆତି କରାଯାଇଛି। ଏଥିରେ ହସ୍ତକ୍ଷେପ କରିବା ପାଇଁ ସେ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆଇଓସି ନିକଟରେ ନିବେଦନ କରିଛନ୍ତି। 'ଦ ଟ୍ରିବ୍ୟୁନ'କୁ ଉଷା କହିଛନ୍ତି, 'ମୋତେ ନେତୃତ୍ୱରୁ ହଟାଇବା ପାଇଁ ଏକ ବଡ଼ ଧରଣର ଜାଲିଆତି ରଚା ଯାଇଛି। ଜିତିବା ଓ ହାରିବା ଏକ ସାଧାରଣ କଥା କିନ୍ତୁ ଫଳାଫଳ ନିରପେକ୍ଷ ହେବା ଉଚିତ୍। ମୁଁ ନିଶ୍ଚିତ ଯେ ଏଥିରେ ଜାଲିଆତି ହୋଇଛି। ମୁଁ ପ୍ରଥମ ସ୍ଥାନରେ ରହିବା କଥା। ମୋତେ ୨୫ରୁ ଅଧିକ 'ସିଙ୍ଗଲ୍-ପ୍ରିଫରେନ୍ସ' ଭୋଟ୍ ମିଳିଥିଲା। ସଂଖ୍ୟା ଦୃଷ୍ଟିରୁ ଅଞ୍ଜୁ ବବି ଜର୍ଜଙ୍କୁ ୫୩ଟି ଭୋଟ୍ ମିଳିବା ଅସମ୍ଭବ।'

ଡିସେମ୍ବର ୫ ତାରିଖରେ ଆଇଓଏ ନିର୍ବାଚନ ହେବାକୁ ତାରିଖ ଧାର୍ଯ୍ୟ ହୋଇଛି। ନୂଆ ସଭାପତି ପାଇଁ ସାଇନା ନେହ୍ୱାଲ, ଅଞ୍ଜୁ ବବି ଓ ଗଗନ ନାରଙ୍ଗ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଲୋଚନା ହେଉଛି। ଏସ୍‌ଓଏମ ନିର୍ବାଚନରେ ପରାଜିତ ହେବା ପରେ ମଧ୍ୟ ଉଷାଙ୍କ ପାଖରେ ଆଇଓଏ ସାଧାରଣ ସଭାକୁ ଫେରିବାର ଏକ ସମ୍ଭାବ୍ୟ ପଥ ଖୋଲା ଥିଲା। ଯାହା ଜାତୀୟ କ୍ରୀଡ଼ା ସଂଘର ଏକ ଅନୁବନ୍ଧିତ ସଂଘ, ବିଶେଷ କରି ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ମାଧ୍ୟମରେ ସମ୍ଭବ ହୋଇପାରିଥାନ୍ତା। ବର୍ତ୍ତମାନର ନିୟମ ଅନୁଯାୟୀ, ୩୦ଟି ଯୋଗ୍ୟ ଜାତୀୟ କ୍ରୀଡ଼ା ସଂଘ ପ୍ରତ୍ୟେକ ଦୁଇଜଣ ଲେଖାଏଁ ପ୍ରତିନିଧି (ଜଣେ ପୁରୁଷ ଓ ଜଣେ ମହିଳା) ପଠାଇ ପାରିବେ। କିନ୍ତୁ ଏଏଫ୍‌ଆଇ ତାଙ୍କୁ ମନୋନୀତ କରିବାର ସମ୍ଭାବନା ବହୁତ କମ୍। ଯଦି ଏପରି ହୁଏ, ତେବେ ସାଧାରଣ ସଭାକୁ ଫେରିବାକୁ ଉଷାଙ୍କ ପାଇଁ ଥିବା ଶେଷ ରାସ୍ତା ମଧ୍ୟ ବନ୍ଦ ହୋଇଯାଇପାରେ।

ବିଶ୍ୱକପ ପାଇଁ ଭାରତକୁ ମିଳିଲା ୩ ଇନ୍ ୱାନ୍ ପ୍ଲେୟାର !

ନୂଆଦିଲ୍ଲୀ



୨୦୨୭ ଦିନିକିଆ ବିଶ୍ୱକପ ପାଇଁ ଈଶାନ କିଷନ ବଡ଼ ନାମ ଭାବେ ଉଭା ହୋଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ୨ଟି ଦିନିକିଆରେ ଈଶାନ ଭାଇସ୍ କ୍ୟାପ୍ଟେନ୍ ଭାର ସମ୍ଭାଳିବେ। ଭଲ ଫର୍ମରେ ଈଶାନଙ୍କୁ ଏହି ଦାୟିତ୍ୱ ଦିଆଯିବା ଗୁରୁତ୍ୱ ବହନ କରୁଛି। ଓପନି, ୱିକେଟକିପିଂ ଏବଂ ମିଡିଲ ଅର୍ଡରରେ ଈଶାନ ସବୁଥିଲେ ମାହିର। ଈଶାନଙ୍କର ଏହି ଟ୍ୟାଲେଣ୍ଟ ଜୈସ୍ୱାଲଙ୍କ ପରି ଷ୍ଟାର ପ୍ଲେୟାରଙ୍କୁ ପଛକୁ ଠେଲି ଦେଇଛି। ନିକଟରେ ଜୈସ୍ୱାଲଙ୍କୁ କିପିଂ ପ୍ରାକ୍ଟିସ୍ କରୁଥିବାର ଦେଖିବାକୁ ମିଳିଥିଲା।

ଟପ୍ ଅର୍ଡରରେ ରୋହିତ-କୋହଲିଙ୍କ ସ୍ଥାନ ପକ୍କା। ଜୈସ୍ୱାଲଙ୍କ ପରି ପ୍ରତିଭାବାନ ଖେଳାଳିଙ୍କ ପାଇଁ ରାସ୍ତା ସହଜ ହେବନାହିଁ। ଏପରି ସ୍ଥିତିରେ ଈଶାନ କିଷନଙ୍କ ଏଣ୍ଟ୍ରୀ ଚୟନକର୍ତ୍ତାଙ୍କ ପାଇଁ ବିକଳ୍ପ ହୋଇଛି। ଈଶାନ କେବଳ ଓପନର ନୁହନ୍ତି ୱିକେଟ୍ କିପିଂ ବି କରନ୍ତି। ଦରକାର ପଡିଲେ ମିଡିଲ ଅର୍ଡରରେ ବ୍ୟାଟିଂ କରିପାରିବେ। ଅର୍ଥାତ ଗୋଟିଏ ପ୍ଲେୟାରଙ୍କ ଚୟନରେ ଟିମ୍ ଇଣ୍ଡିଆ ୩ଟି ଅଲଗା ବିକଳ୍ପ ମିଳିବ। ୨୦୨୭ ବିଶ୍ୱକପକୁ ଦେଖିଲେ ୩ ଇନ୍ ୱାନ୍ ଟ୍ୟାଲେଣ୍ଟ ଈଶାନଙ୍କ ବଡ଼ ଶକ୍ତି ହୋଇଛି। କେଏଲ ରାହୁଲଙ୍କ ପରେ ଈଶାନ ୱିକେଟ୍ କିପିଂ ଏବଂ ବ୍ୟାଟିଂ ଭାର ତୁଲାଇପାରିବେ। ଟପ୍ ଅର୍ଡରରେ ସୁଯୋଗ ନମିଳିଲେ ଚତୁର୍ଥ କିମ୍ବା ପଞ୍ଚମରେ ଖେଳିବାର ଦକ୍ଷତା ତାଙ୍କ ପାଖରେ ଅଛି। ଏହି ୩ଟି ଭୂମିକା ପାଇଁ ଜୈସ୍ୱାଲଙ୍କ ବାଟରେ କଣ୍ଟା ହୋଇପାରନ୍ତି ଈଶାନ।

ଯଶସ୍ୱୀ ଜୈସ୍ୱାଲଙ୍କ ପାଇଁ ସବୁଠାରୁ ବଡ଼ ଅସୁବିଧା ତାଙ୍କ ପ୍ରତିଭା ନୁହେଁ, ଦଳର ବର୍ତ୍ତମାନ କମ୍ବିନେସନ। ରୋହିତ-ଗିଲ୍ ଯୋଡି ଜୈସ୍ୱାଲଙ୍କୁ ଅସୁବିଧାରେ ପକାଇଛି। ଜୁନରେ ଚେନ୍ନାଇରେ ଆଫଗାନିସ୍ତାନ ବିପକ୍ଷରେ ୧୧୦ ରନ୍ କରି ବି ଦଳରେ ସ୍ଥାନ ପାଇପାରିନାହାନ୍ତି। ଜୈସ୍ୱାଲ ଏକମାତ୍ର ଭାରତୀୟ ବ୍ୟାଟର ଯିଏକି ଦିନିକିଆର ପ୍ରଥମ ୬ଟି ଇନିଂସରେ ୨ଟି ଶତକ ହାସଲ କରିଛନ୍ତି। ନିକଟରେ ନ୍ୟୁଜିଲାଣ୍ଡ ଏ ବିପକ୍ଷ ଅନଅଫିସିଆଲ ଟେଷ୍ଟରେ ବ୍ୟାକ୍ ଟୁ ବ୍ୟାକ୍ ଶତକ ହାସଲ କରିଛନ୍ତି ଯଶସ୍ୱୀ।

୨୦୨୭ ବିଶ୍ୱକପ ପାଇଁ ଈଶାନ ଏବଂ ଜୈସ୍ୱାଲଙ୍କୁ ତୁଳନା କଲେ ଏହା କେବଳ ୨ ବ୍ୟାଟରଙ୍କ ମଧ୍ୟରେ ଲଢେଇ ନୁହେଁ। ଏହା ଦୁଇଟି ଭିନ୍ନ ଉପଯୋଗିତାର ପ୍ରଶ୍ନ। ଜୈସ୍ୱାଲ ଜଣେ ସ୍ପେସାଲ୍ ଓପନର, ଯାହାଙ୍କ ରେକର୍ଡ ବହୁତ ଭଲ। ଈଶାନଙ୍କ ପାଖରେ ଓପନିଂ ସହ ମଧ୍ୟକ୍ରମରେ ବ୍ୟାଟିଂ କରିବାର ଶକ୍ତି ଅଛି। ବିଶ୍ୱକପରେ ଚୟନକର୍ତ୍ତାଙ୍କୁ ଦେଖିବାକୁ ପଡ଼ିବ ଯେ, ସେମାନେ କେଉଁ ପ୍ରକାରର କମ୍ବିନେସନ ଆବଶ୍ୟକ କରନ୍ତି। ଯଦି ଦଳକୁ ଜଣେ ଅତିରିକ୍ତ ଓପନରଙ୍କ ଆବଶ୍ୟକ ପଡ଼ିବ, ତେବେ ଜୈସ୍ୱାଲଙ୍କ ପଲ୍ଲା ଭାରି ରହିବ। ଯଦି ୩ଟି ଭୂମିକାରୁ ଗୁରୁତ୍ୱ ଦିଆଯିବ ତେବେ ଈଶାନ ଆଗରେ ରହିବେ। ବିଶ୍ୱକପ ପାଇଁ ଈଶାନଙ୍କୁ ନିଜକୁ ପ୍ରମାଣିତ କରିବାର ସୁଯୋଗ ରହିଛି। ୩ ଇନ୍ ୱାନ୍ ଟ୍ୟାଲେଣ୍ଟ ଫଇଦା ଦେଇପାରେ। ଜୈସ୍ୱାଲଙ୍କ ପାଖରେ ସ୍ଥାନ ହାସଲ କରିବାର ଚ୍ୟାଲେଞ୍ଜ ରହିଛି। ସିଲେକ୍ଟରଙ୍କ ପାଇଁ ସବୁଠୁ ବଡ଼ ପ୍ରଶ୍ନ ଦଳ ପାଇଁ କିଏ ଅଧିକ କାମରେ ଆସିବ।

OFFICE OF THE EXECUTIVE ENGINEER
GROUND WATER DEVELOPMENT DIVISION-1HP BUILDING,UNIT-8,DELTA SQUARE,BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com]
32001/1314/2627
"e" Procurement Notice No.1473 of 2026-27 Dt-7·11·26
Bid Identification No. GWD DIV-IBBSR-23/26-27
Executive Engineer, GWD Division-I, Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line Percentage-rate tender through "e" Procurement in Single cover system for execution of the following work.

1	Nature of the Work :	Civil Work
2	Name of the Work	Construction of 12nos of Recharge Shafts at Bajapur GP, khordha block, ph-2 of Khordha district for the FY -2026-27.
3	Approximate amount put to tender	Rs.20.14Lakh
4	Period of Completion	2 (Two) Calendar Month
5	Class of Contractor	"B" & "C" Class Contractor
6	Date & time of Availability of Bid document in the portal	Dt. 18.11.2026 at 11.00 AM to 30.11.2026 up to 11.00 AM
7	Last date & time of receipt of Bids in the Portal	Dt. 30.11.2026 up to 11.00 AM
8	Date, time & place of opening of Technical/ Financial Bid/s	Dt. 30.11.2026 at 11.30 AM in 0/0 the EE GWD Divn-1
9	Name & address of the officer inviting Bid	OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING.UNIT-8, DELTA SQUARE,BHUBANESWAR-751012

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.
Sd/- Executive Engineer
GWD division 1
OIPR-32001/32372/2/26-27/0017

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୧୨ ନଭେମ୍ବର, ୨୦୨୬ ଗୁରୁବାର
















ଯାଜପୁର : ସହରର ବିଭିନ୍ନ ପୂଜା ମଣ୍ଡପରେ ମହାକାଳୀ ଓ ଲକ୍ଷ୍ମୀ ନାରାୟଣ ପୂଜା ପାଉଛନ୍ତି। (ଫଟୋ : ସମ୍ବାଦ କଳିକା)

ଆନ୍ଧ୍ର ରାଜ୍ୟ ଗଠନ ହେବା ପରେ ଓଡ଼ିଶାର ସୀମାନ୍ତରେ ବିବାଦ ଲାଗି ରହିଥିଲା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

୧୯୫୬ ମସିହାର କଥା। ନବଗଠିତ ଆନ୍ଧ୍ର ରାଜ୍ୟର ତତ୍କାଳୀନ ନେତୃବୃନ୍ଦ ପାରଳାଖେମୁଣ୍ଡିକୁ ନିଜ ରାଜ୍ୟରେ ମିଶାଇବା ନିମନ୍ତେ ଆରମ୍ଭରୁ ଉଦ୍ୟମ ଚଳାଇ ଆସୁଥିଲେ। ଏପରି ପରିସ୍ଥିତି ହେଲା ଯେ ଓଡ଼ିଶା ସହିତ ଆନ୍ଧ୍ରର ବିବାଦ କ୍ରମଶଃ ଘନେଇବାକୁ ଲାଗିଲା। ଓଡ଼ିଶା ରାଜ୍ୟର ଅନ୍ୟତମ ସ୍ରଷ୍ଟା ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କୁ ଆନ୍ଧ୍ର ଗୁଣ୍ଡାମାନେ ତାଙ୍କ ରାଜ ପ୍ରସାଦରେ ଗୃହବନ୍ଦୀ କରି ରଖିନେଲେ ଯାହା ଫଳରେ ସେ ଆଉ ପଦାକୁ ଯାଇପାରିଲେ ନାହିଁ। ସେତେବେଳେ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିଲେ ଓ ତତ୍କାଳୀନ କଂଗ୍ରେସ ସରକାର ଓଡ଼ିଶାରେ ଶାସନ କରୁଥାଆନ୍ତି। ଘରୋଇ ମନ୍ତ୍ରୀ ଥିଲେ ସତ୍ୟପ୍ରିୟ ମହାନ୍ତି। ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କୁ ଗୃହ ବନ୍ଦି ଭାବରେ ଆନ୍ଧ୍ରର ଆନ୍ଦୋଳନକାରୀମାନେ ରଖିଥିବାରୁ ଓଡ଼ିଶାରେ ଚହଳ ପଡ଼ିଯାଇଥିଲା। ଓଡ଼ିଶା ସରକାର ଏଥିରେ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଲେ। ସେତେବେଳେ ଶ୍ରୀକାନ୍ତ ଘୋଷ ପୋଲିସ୍ ମହାନିର୍ଦ୍ଦେଶକ ପଦବୀରେ ଅଧିଷ୍ଠିତ ହୋଇଥିଲେ। ଗୃହମନ୍ତ୍ରୀ ଭାବରେ ଦାୟିତ୍ୱରେ ଥିବା ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି ଶ୍ରୀକାନ୍ତ ଘୋଷଙ୍କୁ ଡାକି ଗୁପ୍ତମନ୍ତ୍ରଣା କଲେ ଯେ କିପରି ଭାବରେ ପାରଳା ମହାରାଜଙ୍କୁ ସୁରକ୍ଷା ଦିଆଯାଇପାରିବ। ଏହା ଉପରେ ନିଷ୍ପତ୍ତି ନେଇ ସ୍ଥିର କଲେ ଯେ ଏକ ତିନି ଦଳିଆ ପୋଲିସ ଦଳ ପାରଳାଖେମୁଣ୍ଡି ଅଭିମୁଖେ ଯିବା ସହିତ ସମ୍ପୃକ୍ତ ତେଲେଗୁ ନେତାଙ୍କୁ ଧରି ଆଣିବା। ଏହି ପୋଲିସ୍ ଦଳ ପିଚୁ ରାସ୍ତାରେ ନଯାଇ ବଣ ଜଙ୍ଗଲ ଚାଷ ଜମି ମଧ୍ୟ ଦେଇ ରାତିରେ ଅତି ଗୁପ୍ତ ଭାବରେ ଯାତ୍ରା ଆରମ୍ଭ କରି ପାରଳାଖେମୁଣ୍ଡିରେ ପହଞ୍ଚିବେ ଏବଂ ପୋଲିସ୍ ମହାନିର୍ଦ୍ଦେଶକ ଓ ଗୃହମନ୍ତ୍ରୀ ଉଭୟେ ଜିପ୍‌ରେ ଯିବାର ସ୍ଥିର ହେଲା ଓ ସେହି ଅନୁସାରେ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଗଲା। ଏପରି କଥା ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ମଧ୍ୟ ଜଣାଇ ଦିଆଗଲା ଓ ଏଥିରେ ସେ ସମ୍ମତି ପ୍ରକାଶ କରିଥିଲେ। ନିର୍ଦ୍ଧାରିତ ଦିନ ପୋଲିସ୍ ଦଳ ସହିତ ଗୃହମନ୍ତ୍ରୀ ଓ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀକାନ୍ତ ଘୋଷଙ୍କ ସହିତ ପାରଳାଖେମୁଣ୍ଡିରେ ରାତି ୧୨ଟାରେ ପହଞ୍ଚି ପ୍ରତ୍ୟେକ ବିରୋଧିଙ୍କୁ ସେମାନଙ୍କ ଘର ଘେରାଇ କରି ଧରିଥିଲେ। ଏଥିରେ ୮ ଜଣ ସମ୍ପୃକ୍ତ ଥିଲେ ଏବଂ ତାଙ୍କୁ ତୁରନ୍ତ ଧରି ସେହି ରାତିରେ ବ୍ରହ୍ମପୁର ଜେଲକୁ ପଠାଇଦିଆଯାଇଥିଲା। ଏହା ପରେ ମନ୍ତ୍ରୀ ଏବଂ ପୋଲିସ୍ ମହାନିର୍ଦ୍ଦେଶକ ପାରଳାଖେମୁଣ୍ଡି ରାଜାଙ୍କ ଘରକୁ ଗଲେ। ପ୍ରଥମେ ମହାରାଜୀ କବାଟ ଖୋଲୁ ନଥିଲେ। ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି ନିଜର ପରିଚୟ ଦେଲା ପରେ ସେ କବାଟ ଖୋଲିଥିଲେ ଏବଂ ସେମାନଙ୍କର ଏପରି କାର୍ଯ୍ୟ ଶୁଣି ଅଭିନନ୍ଦନ ଜଣାଇ ଘର ଭିତରକୁ ନେଇଥିଲେ। ଏହା ପରେ ସେହି ଆନ୍ଧ୍ର ବିଦ୍ରୋହୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଜିପ୍‌ରେ କଟକ ନିଆଯାଇଥିଲା ଓ ସେଠାର ଜେଲ୍‌ରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରଖାଗଲା। ଏହିଭଳି ଭାବରେ ଆନ୍ଧ୍ର ନେତାମାନଙ୍କର ବିଦ୍ରୋହ ବନ୍ଦ ହୋଇଯାଇଥିଲା। ତାହା ନହୋଇଥିଲେ ପାରଳାଖେମୁଣ୍ଡି ଆଜି ଆନ୍ଧ୍ରର କବ୍‌ଜାରେ ରହିଥାଆନ୍ତା। ଆଜି ସେପରି ଦୃଢ଼ମନା ସରକାର ନାହାନ୍ତି ବୋଲି ବିଶିଷ୍ଟ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ କହିଛନ୍ତି। ଏପରି କଥାଟି ଲେଖକ ସ୍ୱର୍ଗତ ମହାନ୍ତିଙ୍କ ଠାରୁ ଶୁଣିଥିବାର କହିଥାନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସ୍ୱଚ୍ଛ ଉପକୂଳ ସହର...

ଚଳିତ ବର୍ଷର ବିଷୟବସ୍ତୁ 'ସ୍ୱଚ୍ଛତା କି ନୟୀ ପହେଲ୍ – ବଡ଼ାଏଁ ହାଥ, କରେଁ ସଫାଇ ସାଥ୍' ମାଧ୍ୟମରେ ନାଗରିକଙ୍କ ସହଭାଗିତା, ଅନୁଷ୍ଠାନିକ ଉତ୍ତରଦାୟିତ୍ୱ ଏବଂ ସହରଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଜରିଆରେ ସହରାଞ୍ଚଳ ପରିମଳ ବ୍ୟବସ୍ଥାରେ ଗତ ଏକ ଦଶନ୍ଧି ଧରି ଆସିଥିବା ପରିବର୍ତ୍ତନକୁ ଉତ୍ସବ ଭାବେ ପାଳନ କରାଯାଇଛି।

ଏହି ପୁରସ୍କାର ସମାରୋହରେ ସ୍ୱତନ୍ତ୍ର ଶାସନ ସଚିବ ତଥା ସ୍ୱଚ୍ଛ ଭାରତ ମିଶନ୍ (ସହରାଞ୍ଚଳ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ମହାନଗର ନିଗମର କମିଶନର, ପୁରୀ ମହାନଗର ନିଗମର ପ୍ରତିନିଧି ଏବଂ ଆସିକା ପୌରପାଳିକାର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କ ସମେତ ରାଜ୍ୟ ପ୍ରତିନିଧି ଦଳର ସଦସ୍ୟମାନେ ଉପସ୍ଥିତ ରହି ଏହି ଗୌରବମୟ ଉପଲବ୍ଧିର ଅଂଶୀଦାର ହୋଇଥିଲେ।

ଏହି ସଫଳତା ରାଜ୍ୟର ସମସ୍ତ ସହରରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ସୁସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତିକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଚ୍ଛ, ସମାବେଶୀ ଓ ବାସଯୋଗ୍ୟ ସହର ଗଠନର ସଂକଳ୍ପକୁ ଆଗକୁ ବଢ଼ାଇବା ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।

ଜଳବାୟୁ ପରିବର୍ତ୍ତନର...

ବର୍ଷ ଭାବେ ଘୋଷଣା କରାଯିବା ପ୍ରସଙ୍ଗ ଉଲ୍ଲେଖ କରି ଡ. ମିଶ୍ର କହିଥିଲେ ଯେ, ଏହାଦ୍ୱାରା ମୋଟା ଶସ୍ୟର ପୁଷ୍ଟିକର ଗୁରୁତ୍ୱ ଓ ପରିବେଶ ଅନୁକୂଳ ଗୁଣକୁ ବିଶ୍ୱସ୍ତରରେ ସ୍ୱୀକୃତି ମିଳିଛି। ଏଥିସହ ବିବିଧ ଓ ଜଳବାୟୁ ଅନୁକୂଳ ଖାଦ୍ୟ ବ୍ୟବସ୍ଥାର ଅଂଶ ଭାବେ ଏହାର ବ୍ୟବହାରକୁ ମଧ୍ୟ ପ୍ରୋତ୍ସାହନ ମିଳିଛି।

ପ୍ରଭାବିତ ପରିବାରଙ୍କୁ ମିଳିବ ୫୦...

ଟଙ୍କା ଏବଂ ଚାଷଜମିରୁ ପଙ୍କୁ ହଟାଇବା ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ସହାୟତା ଦିଆଯିବ। ତେବେ କ୍ଷୟକ୍ଷତି ଆକଳନ ପରେ ସହାୟତା ରାଶି ବଢ଼ିପାରେ ବୋଲି ଜଣାପଡିଛି।

କଟକ ବାଲିଯାତ୍ରା ଉଦ୍‌ଘାଟନ...

କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବାଲିଯାତ୍ରା ଇତିହାସରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଅନୁରୋଧ କରାଯାଇଥିଲା। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ମତି ମିଳିଥିବା ଜଣାଯାଇଛି। ବିଧିବଦ୍ଧ ଭାବେ ଏନେଇ ଘୋଷଣା କରାଯାଇନଥିଲେ ପ୍ରଶାସନ ପକ୍ଷରୁ ଏନେଇ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଆସନ୍ତା ୨୪ ତାରିଖ ଦିନ ୧୨ଟା ବେଳେ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିବେ। ଏହାପରେ ସେ ଅପରାହ୍ନରେ କଟକରେ ପହଞ୍ଚିବେ। ସନ୍ଧ୍ୟାରେ ସେ ଏହି କାର୍ଯ୍ୟକ୍ରମର ଉଦଘାଟନ କରିବେ।

ଓଡ଼ିଶା-ଜାପାନ ଟୋଟୋରି...

ମଧ୍ୟରେ ଦୁଇଟି ପ୍ରତିଷ୍ଠାନଗତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଫଳରେ ଶିକ୍ଷା, ସ୍କିଲ୍ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ସହଯୋଗ ବଢ଼ିବା ସହ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ନୂଆ ରାସ୍ତା ଖୋଲିବ। ଉଦ୍ୟୋଗ, ନବସୃଜନ ଓ ଦକ୍ଷତା ବିକାଶ କ୍ଷେତ୍ରରେ ଦୁଇ ଅଞ୍ଚଳ ମଧ୍ୟରେ ସହଯୋଗ ଆହୁରି ସୁଦୃଢ଼ ହେବା ଆଶା କରାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତ ଓ ଜାପାନ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏହି ଚୁକ୍ତି ଦ୍ୱାରା ଓଡ଼ିଶା ଓ ଟୋଟୋରି ମଧ୍ୟରେ ସାଂସ୍କୃତିକ, ବାଣିଜ୍ୟିକ, ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇବ। ଷ୍ଟାର୍ଟଅପ୍, ଦକ୍ଷତା ବିକାଶ ଓ ପୁଞ୍ଜିନିବେଶ କ୍ଷେତ୍ରରେ ଏହି ଚୁକ୍ତି ନୂଆ ସୁଯୋଗ ସୃଷ୍ଟି କରିବ। ଆଗାମୀ ଦିନରେ ଏହି ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଓଡ଼ିଶାର ସାମାଜିକ ଓ ଆର୍ଥିକ ବିକାଶକୁ ନୂଆ ଦିଗ ଦେବ। ରାଜ୍ୟର ଅର୍ଥନୀତି, ଶିଳ୍ପ ଓ ନିଯୁକ୍ତି କ୍ଷେତ୍ରରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ଆଶା ରହିଛି।

ପାଣିରେ ବୁଡ଼ି ଗୋଟିଏ ପରିବାରର...

ଏହି ସମୟରେ ହଠାତ୍ ଜଣେ ଝିଅ ଜଳପୂର୍ଣ୍ଣ ଜଳାଶୟ ମଧ୍ୟକୁ ଖସି ପଡ଼ିଥିଲା। ଭଉଣୀ ପାଣିରେ ବୁଡ଼ିଯାଉଥିବାର ଦେଖି, ସେଠାରେ ଉପସ୍ଥିତ ଥିବା ତା'ର ଭାଇ ଏବଂ ଅନ୍ୟ ସମ୍ପର୍କୀୟ ଭାଇ (ଦାଦା ପୁଅ) ତାକୁ ଉଦ୍ଧାର କରିବା ପାଇଁ ଜଳାଶୟ ଭିତରକୁ ଡେଇଁ ପଡ଼ିଥିଲେ। ଭଉଣୀକୁ ଉଦ୍ଧାର କରିବାକୁ ଯାଇ ଜଣଙ୍କ ପରେ ଜଣେ କରି ୪ ଜଣ ଯାକ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି।

୧୨ ବର୍ଷ ପରେ ସୋନିଆ...

୨୦୦୪ ଲୋକସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ବିଜୟୀ ହେବା ପରେ ସୋନିଆ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସେ ଏହି ପଦ ଗ୍ରହଣ କରିନଥିଲେ। ତାଙ୍କ ସ୍ଥାନରେ ଡ. ମନମୋହନ ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ। ନିଜ ପୁସ୍ତକରେ ସୋନିଆ ଲେଖିଛନ୍ତି, ନିର୍ବାଚନ ପୂର୍ବରୁ ତାଙ୍କର ଜଣେ ସନ୍ତାନ ପଚାରିଥିଲେ ଯେ କଂଗ୍ରେସ ଜିତିଲେ ସେ ପ୍ରଧାନମନ୍ତ୍ରୀ ହେବେ କି ? ଏହାର ଉତ୍ତରରେ ସେ ସ୍ପଷ୍ଟ ଭାବେ ମନା କରିଦେଇଥିଲେ। ତାଙ୍କ ମତରେ, ତାଙ୍କ ପିଲାମାନେ ଚାହୁଁନଥିଲେ ଯେ ସେ ପ୍ରଧାନମନ୍ତ୍ରୀ ହୁଅନ୍ତୁ। କାରଣ ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ହତ୍ୟାର ଦୁଃଖଦ ଅନୁଭୂତି ସେମାନଙ୍କ ମନରେ ଗଭୀର ଭାବେ ରହିଥିଲା। ପ୍ରଧାନମନ୍ତ୍ରୀ ପଦକୁ ସେମାନେ ଅଧିକ ବିପଦ ସହ ଜଡ଼ିତ ବୋଲି ଭାବୁଥିଲେ। ସୋନିଆଙ୍କ ଆତ୍ମଜୀବନୀରେ ୨୦୦୪ର ଏକ ରୋଚକ ଘଟଣାର ମଧ୍ୟ ଉଲ୍ଲେଖ ରହିଛି। ୟୁପିଏ ସହଯୋଗୀ ଦଳଗୁଡ଼ିକ ସୋନିଆଙ୍କୁ ପ୍ରଧାନମନ୍ତ୍ରୀ ହେବା ପାଇଁ ବୁଝାଇବାରେ ଲାଗିଥିଲେ। ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା ପରେ ସୋନିଆ ଶେଷରେ 'ଠିକ୍ ଅଛି' ବୋଲି କହିଥିଲେ। କିନ୍ତୁ ଏହି ନିଷ୍ପତ୍ତିରେ ରାହୁଲ ଗାନ୍ଧୀ ଖୁସି ନଥିଲେ। ସୋନିଆଙ୍କ ଲେଖା ଅନୁଯାୟୀ, ରାହୁଲ ଏହା ଜାଣିବା ପରେ ରାଗିଯାଇଥିଲେ। ସେ ମା'ଙ୍କୁ ପଚାରିଥିଲେ, ଆପଣ ହଁ କହିଦେଲେ ? ଆପଣଙ୍କ ଉପରେ ଚାପ ପକାଯାଉଛି ? ତାହେଲେ ଆମ କଥା କ'ଣ ? ଏହା କହି ସେ ରାଗରେ ସେଠାରୁ ଚାଲିଯାଇଥିଲେ। ତେବେ ଶେଷରେ ପ୍ରଧାନମନ୍ତ୍ରୀ ନହେବାର ନିଷ୍ପତ୍ତିକୁ ସୋନିଆ ନିଜର ଆଭ୍ୟନ୍ତରୀଣ ଆବାଜ ବା 'Inner Voice' ସହ ଯୋଡ଼ିଛନ୍ତି। ୨୦୧୪ରେ ପୂର୍ବତନ ବୈଦେଶିକ ମନ୍ତ୍ରୀ ନଟବର ସିଂହଙ୍କ ପୁସ୍ତକ "One Life Is Not Enough' ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସେଥିରେ ନଟବର ସିଂହ ଦାବି କରିଥିଲେ ଯେ ସୋନିଆ ଗାନ୍ଧୀ ନିଜର ଆଭ୍ୟନ୍ତରୀଣ ଆବାଜ ପାଇଁ ପ୍ରଧାନମନ୍ତ୍ରୀ ପଦ ଛାଡ଼ିନଥିଲେ। ବରଂ ରାହୁଲ ଗାନ୍ଧୀ ତାଙ୍କ ମା'ଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ଥିଲେ। ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ଭଳି ସୋନିଆଙ୍କ ହତ୍ୟା ହୋଇପାରେ ବୋଲି ରାହୁଲ ଆଶଙ୍କା କରୁଥିବା ସେ ଲେଖିଥିଲେ। ସୋନିଆଙ୍କ ପୁସ୍ତକରେ ରାହୁଲଙ୍କ ଅସନ୍ତୋଷର କଥା ରହିଛି। କିନ୍ତୁ ନଟବର ସିଂହଙ୍କ ଦାବି ଅନୁଯାୟୀ ରାହୁଲ ତାଙ୍କୁ ୨୪ ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନେବାକୁ କହିଥିଲେ କି ନାହିଁ, ସେ ବିଷୟରେ ସୋନିଆ କିଛି ଉଲ୍ଲେଖ କରିନାହାନ୍ତି। ଏପରିକି ୨୦୧୪ରେ ନଟବର ସିଂହଙ୍କୁ ଭେଟି ପୁସ୍ତକରୁ ଏହି ଘଟଣା ବାଦ୍ ଦେବାକୁ ଅନୁରୋଧ କରିଥିବା ଅଭିଯୋଗର ମଧ୍ୟ ଉତ୍ତର ଦେଇନାହାନ୍ତି। ସୋନିଆ ଗାନ୍ଧୀଙ୍କ ଆତ୍ମଜୀବନୀର ସବୁଠାରୁ ଚର୍ଚ୍ଚିତ ଅଂଶ ହେଉଛି ସଞ୍ଜୟ ବାରୁଙ୍କ ପୁସ୍ତକ "The Accidental Prime Minister'କୁ ନେଇ ତାଙ୍କ ପ୍ରତିକ୍ରିୟା। ୨୦୧୪ ଏପ୍ରିଲରେ ଲୋକସଭା ନିର୍ବାଚନ ସମୟରେ ଏହି ପୁସ୍ତକ ପ୍ରକାଶ ପାଇଥିଲା। ସଞ୍ଜୟ ବାରୁ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ମନମୋହନ ସିଂହଙ୍କ ମିଡିଆ ପରାମର୍ଶଦାତା ଥିଲେ। ନିଜ ପୁସ୍ତକରେ ସେ ଦାବି କରିଥିଲେ ଯେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିଲେ ମଧ୍ୟ ସରକାରର ପ୍ରକୃତ କ୍ଷମତା ସୋନିଆ ଗାନ୍ଧୀଙ୍କ ହାତରେ ଥିଲା। ଏପରିକି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୋନିଆଙ୍କୁ ନିୟମିତ ଭାବେ ସରକାରୀ ଫାଇଲ୍ ସମ୍ପର୍କରେ ତଥ୍ୟ ଦେଉଥିଲେ ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ତାଙ୍କ ମତାମତ ନେଉଥିଲେ। ଏହି ଅଭିଯୋଗକୁ ସୋନିଆ ନିଜ ପୁସ୍ତକରେ "Malicious and Totally False' ଅର୍ଥାତ୍ ଉଦ୍ଦେଶ୍ୟପ୍ରଣୋଦିତ ଓ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ତାଙ୍କ ମତରେ, ସରକାରୀ କାର୍ଯ୍ୟାଳୟର ଫାଇଲ୍ ମଗାଇବା କିମ୍ବା ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ କରିବା ନିୟମ ବିରୋଧୀ। ସେ ସବୁବେଳେ ନିୟମ ପାଳନ କରିଥିବା ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଖାଲି ଏତିକି ନୁହେଁ, ସଞ୍ଜୟ ବାରୁଙ୍କ ପୁସ୍ତକ ପ୍ରକାଶ ପାଇବା ପରେ ଏହାକୁ ନେଇ ବିବାଦ ବଢ଼ିଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଝିଅ ତଥା ଇତିହାସକାର ଉପିନ୍ଦର ସିଂହ ମଧ୍ୟ ଏହି ପୁସ୍ତକକୁ ସମାଲୋଚନା କରିଥିଲେ। ସେ ଏହାକୁ ବିଶ୍ୱାସର ବଡ଼ ଧୋକା ଏବଂ ଅନୈତିକ କାର୍ଯ୍ୟ ବୋଲି କହିଥିଲେ। ଅନ୍ୟପଟେ ସଞ୍ଜୟ ବାରୁ ନିଜ ଦାବିରେ ଅଟଳ ରହିଥିଲେ। ତାଙ୍କ କହିବା ଅନୁଯାୟୀ, ସେ କେବଳ ପିଏମଓର ଜଣେ ଅଧିକାରୀ ସୋନିଆଙ୍କୁ ନିୟମିତ ତଥ୍ୟ ଦେଉଥିବା କଥା ଲେଖିଥିଲେ, ସରକାରୀ ଫାଇଲ୍ ତାଙ୍କ ପାଖକୁ ନିଆଯାଉଥିବା କଥା ନୁହେଁ। ସୋନିଆ ଗାନ୍ଧୀ ୨୦୧୪ ଜୁଲାଇ ୩୧ରେ ଏକ ସାକ୍ଷାତକାର ଦେଇ କହିଥିଲେ ଯେ ସତ୍ୟ ସାମ୍ନାକୁ ଆଣିବାର ଏକମାତ୍ର ଉପାୟ ହେଉଛି ନିଜେ ପୁସ୍ତକ ଲେଖିବା। କିନ୍ତୁ ଏବେ ପ୍ରକାଶିତ ଆତ୍ମଜୀବନୀରେ ସେହି ସମୟର ପ୍ରତିଶ୍ରୁତିର ସିଧାସଳଖ ଉଲ୍ଲେଖ ନାହିଁ। ପୁସ୍ତକର ପ୍ରାକ୍‌କଥାରେ ସେ ଲେଖିଛନ୍ତି, ପରିବାର ଓ ବନ୍ଧୁମାନେ ତାଙ୍କୁ ନିଜ ଜୀବନର ଅନୁଭୂତି ଲେଖିବାକୁ ବାରମ୍ବାର ଉତ୍ସାହିତ କରିଥିଲେ। ଇଟାଲୀର ଏକ ଛୋଟ ସହରରୁ ଭାରତ ଆସିବା, ଏଠାକାର ସାମାଜିକ ଓ ରାଜନୈତିକ ପରିବର୍ତ୍ତନକୁ ନିକଟରୁ ଦେଖିବା ଏବଂ ପରେ ସେଥିରେ ନିଜେ ସାମିଲ ହେବାର ଅନୁଭୂତିକୁ ସେ ପାଠକଙ୍କ ସହ ବାଣ୍ଟିବାକୁ ଚାହିଁଥିଲେ। ସେ ଆହୁରି କହିଛନ୍ତି ଯେ ଏହା କେବଳ ରାଜନୈତିକ ପୁସ୍ତକ ନୁହେଁ। ବରଂ ରାଜନୀତିକୁ ପୃଷ୍ଠଭୂମିରେ ରଖି ନିଜ ବ୍ୟକ୍ତିଗତ ଜୀବନର କାହାଣୀ ଲେଖିଛନ୍ତି। ୫୪୪ ପୃଷ୍ଠାର ଏହି ପୁସ୍ତକ ଲେଖିବା ପାଇଁ ତାଙ୍କୁ ଦୀର୍ଘ ସମୟ ଲାଗିଥିବା କଥା ସୋନିଆ କହିଛନ୍ତି। ଲେଖିବା, ପୁଣିଥରେ ସଂଶୋଧନ କରିବା ଏବଂ ମଝିରେ ଅନେକଥର ବିରତି ନେବାକୁ ପଡ଼ିଥିଲା। ତାଙ୍କ ବନ୍ଧୁ ମଞ୍ଜୁଲିକା ଦୁବେ ଏହି ପୁସ୍ତକ ଲେଖିବା ପାଇଁ ତାଙ୍କୁ ଉତ୍ସାହିତ କରିଥିବା କଥା ମଧ୍ୟ ସେ କୃତଜ୍ଞତା ଜଣାଇବା ସମୟରେ ଉଲ୍ଲେଖ କରିଛନ୍ତି। ସୋନିଆଙ୍କ ଏହି ଆତ୍ମଜୀବନୀ କେବଳ ତାଙ୍କ ବ୍ୟକ୍ତିଗତ ଜୀବନର କାହାଣୀ ନୁହେଁ, ବରଂ ଭାରତୀୟ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ସମୟର ଅନେକ ଘଟଣାକୁ ନେଇ ନୂଆ ଚର୍ଚ୍ଚା ସୃଷ୍ଟି କରିଛି। ବିଶେଷକରି ୨୦୦୪ରେ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବାର ନିଷ୍ପତ୍ତି ଏବଂ ମନମୋହନ ସିଂହଙ୍କ ସରକାରରେ ତାଙ୍କ ଭୂମିକାକୁ ନେଇ ଦୀର୍ଘ ବର୍ଷ ଧରି ରହିଥିବା ବିବାଦ ଉପରେ ସେ ନିଜର ପକ୍ଷ ରଖିଛନ୍ତି। ତେବେ ୧୨ ବର୍ଷ ପରେ ସୋନିଆଙ୍କ ଏହି ଆତ୍ମଜୀବନୀ ପୁରୁଣା ରାଜନୈତିକ ବିବାଦକୁ ପୁଣି ଥରେ ସାମ୍ନାକୁ ଆଣିଛି। ତାଙ୍କ ଲେଖା ଓ ପୂର୍ବରୁ ଉଠିଥିବା ଅଭିଯୋଗ ମଧ୍ୟରୁ କାହାର ଦାବି କେତେ ସତ, ତାହାକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିବା ସ୍ୱାଭାବିକ।

୮ ଦେଶରେ କୋଭିଡ୍-୧୯ର...

ଉପରେ କଡ଼ା ନଜର ରଖିଛନ୍ତି। କାନାଡ଼ା, ଆମେରିକା, ସ୍ପେନ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଇସ୍ରାଏଲ, ସିଙ୍ଗାପୁରରେ ଏହି ଭାରିଆଣ୍ଟରେ ଲୋକେ ଆକ୍ରାନ୍ତ ହୋଇଥିବାର ରିପୋର୍ଟ ମିଳିଛି। ଜର୍ଣ୍ଣାଲ ଅଫ୍ ଇନଫେକ୍ସନ ଏହି ଭାରିଆଣ୍ଟ ଉପରେ ଏକ ପ୍ରାରମ୍ଭିକ ଅଧ୍ୟୟନ ପ୍ରକାଶ କରିଛି। ଅଧ୍ୟୟନରୁ ଜଣାପଡିଛି ଯେ, ଏହାର ଦ୍ରୁତ ପ୍ରସାର ଏସିଇ-୨ ରିସେପ୍ଟର ସହିତ ଦ୍ରୁତ ଭାବରେ ବନ୍ଧନ ଯୋଗୁଁ ହୋଇପାରେ। ଏହି ପରିବର୍ତ୍ତନ ଯୋଗୁଁ, ଏହା ଅନ୍ୟ ଭାରିଆଣ୍ଟ ତୁଳନାରେ ମାନବ କୋଷରେ ଅଧିକ ସହଜରେ ପ୍ରବେଶ କରିବାକୁ ସକ୍ଷମ। ଗବେଷକମାନେ ଏପରି କୌଣସି ପ୍ରମାଣ ପାଇନାହାନ୍ତି ଯେ, ଏହା ଅନ୍ୟ ଭାରିଆଣ୍ଟ ତୁଳନାରେ ଟୀକାରୁ ପ୍ରାପ୍ତ ଆଣ୍ଟିବଡିକୁ ଅକାମୀ କରିବାକୁ ଅଧିକ ସକ୍ଷମ। ଏହାର ଲକ୍ଷଣ ସାଧାରଣ ଥଣ୍ଡା ଏବଂ ଫ୍ଲୁ ପରି।

ତାଳଦଣ୍ଡା କେନାଲରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

କଟକ, ନ୍ୟୁଜ ବ୍ୟୁରୋ

ତାଳଦଣ୍ଡା କେନାଲରେ ରାତିର ଅନ୍ଧାର ଭିତରେ ଭାସୁଥିବା ଏକ ମୃତଦେହକୁ ନେଇ କଟକ ସହରରେ ଆଲୋଡ଼ନ ସୃଷ୍ଟି ହୋଇଛି। କେନାଲରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ଘଟଣାକୁ ନେଇ ରହସ୍ୟ ବଢ଼ିଛି। ମୃତ ଯୁବକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ମୃତ୍ୟୁ କିପରି ହେଲା, ତାହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, କଟକର ମଧୁପାଟଣା ଥାନା ଅଧୀନ ତାଳଦଣ୍ଡା କେନାଲରେ ଗତ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତଦେହ ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହା ଦେଖି ତୁରନ୍ତ ପୋଲିସକୁ ଖବର ଦିଆଯାଇଥିଲା। ଖବର ପାଇ ମଧୁପାଟଣା ଥାନା ପୋଲିସ ସହ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ କେନାଲରୁ ମୃତଦେହକୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ମୃତ ଯୁବକଙ୍କ ବୟସ ଓ ପରିଚୟ ସମ୍ପର୍କରେ ତୁରନ୍ତ କୌଣସି ସୂଚନା ମିଳିପାରିନାହିଁ। ମୃତଦେହ ଉଦ୍ଧାର ସମୟରେ ଯୁବକ ଜଣକ ଜିନ୍ସ ପ୍ୟାଣ୍ଟ ଓ ଟି-ସାର୍ଟ ପିନ୍ଧିଥିବା ଜଣାପଡ଼ିଛି। ପରିଚୟ ଚିହ୍ନଟ ହୋଇନଥିବାରୁ ପୋଲିସ ମୃତଦେହକୁ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଅନ୍ୟପଟେ ମୃତକଙ୍କ ପରିଚୟ ଜାଣିବା ପାଇଁ ପୋଲିସ ବିଭିନ୍ନ ଥାନାକୁ ତାଙ୍କ ଫଟୋ ଓ ବିବରଣୀ ପଠାଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ନିଖୋଜ ଅଭିଯୋଗ ସହ ମୃତକଙ୍କ ତଥ୍ୟ ମେଳ କରାଯାଉଛି। ତେବେ ଯୁବକ ଜଣକ କେଉଁ ପରିସ୍ଥିତିରେ କେନାଲକୁ ଆସିଲେ, ତାହା ଏବେ ବଡ଼ ପ୍ରଶ୍ନ ହୋଇ ରହିଛି।

ପୂର୍ଣ୍ଣଚନ୍ଦ୍ର ରଥଙ୍କ ବିୟୋଗରେ ଫରେଷ୍ଟ ପାର୍କ ସଦସ୍ୟଙ୍କ ଶୋକ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଜନ୍ମ ମରଣ ପ୍ରତିଟି ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତଥାପି ଜନ୍ମ ଖୁସିର ବାହକ ଏବଂ ମୃତ୍ୟୁ ଶୋକର। ନିତିଦିନ ଭେଟୁଥିବା, କଥା ହେଉଥିବା, ଫୋନ୍ କରୁଥିବା ଏବଂ ସୁସ୍ଥ ଲୋକ ଜଣକ ହଠାତ୍ ଯେତେବେଳେ ଚାଲି ଯାନ୍ତି ବିଶ୍ୱାସ କରି ହୁଏନି। ଫରେଷ୍ଟ ପାର୍କର ସଦସ୍ୟ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥଙ୍କର ଅକାଳ ବିୟୋଗରେ ଠିକ୍ ଏହିପରି ସମସ୍ତ ସଦସ୍ୟ ସ୍ତମ୍ଭିଭୂତ ହୋଇଯାଇଛନ୍ତି । ପୂର୍ଣ୍ଣଚନ୍ଦ୍ର ଯେ ତାଙ୍କ ଗହଣରେ ଆଉ ନାହାନ୍ତି ଏ କଥା ବିଶ୍ୱାସ କରିବାକୁ ସମସ୍ତଙ୍କୁ କଷ୍ଟ ହୋଇଛି। ତାଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ, ଦଶାହ ଅବସରରେ ଫରେଷ୍ଟ ପାର୍କର ସଦସ୍ୟମାନେ- ଦୁର୍ଯ୍ୟୋଧନ, ସକିଲ, ରାକେ, ବାପି, ପପୁ, ଆଇଚ, ଟୋପିସାହୁ, ସୋନୁ, ସିତୁ, ଅରୁଣ, ଅନୁଜ, ବାଟୁ, ସତ୍ୟବ୍ରତ, ପ୍ରଶାନ୍ତ, ଅଶୋକ, ରୁବୁ, ସୂର୍ଯ୍ୟ, ରାଜେଶ, ରାଜେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି, ତାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା, ଶୋକସଭା, ସ୍ମୃତିଚାରଣ, ଶ୍ରଦ୍ଧାଞ୍ଜଳି, ସକାଳ ୧୦ ଘଣ୍ଟା ସମୟରେ ଫରେଷ୍ଟ ପାର୍କ ପରିସରରେ ପାଳନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଆତ୍ମାର ବୈକୁଣ୍ଠପ୍ରାପ୍ତି ନିମନ୍ତେ କାମନା କରିଥିଲେ।

ଗୋଷ୍ଠୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛି ଏଏମ୍/ଏନ୍‌ଏସ୍‌ଇଣ୍ଡିଆ



ବଡ଼ବିଲ, ନ୍ୟୁଜ ବ୍ୟୁରୋ

ଆର୍ସେଲରମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ନିଜର ପ୍ରମୁଖ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) ପଦକ୍ଷେପ ପ୍ରକଳ୍ପ 'ଆରୋଗ୍ୟ' ଅଧୀନରେ ଓଡ଼ିଶାର ଖଣି ଅଞ୍ଚଳଗୁଡ଼ିକରେ ବ୍ୟାପକ ସ୍ତରରେ ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ଅଭିଯାନ ଆରମ୍ଭ କରିଛି। ଏହା ମାଧ୍ୟମରେ କମ୍ପାନୀ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଓ ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରୁଛି। ସାଗାସାହି ଖଣି ନିକଟରେ ୨୦ ଦିନିଆ ଅଭିଯାନ ସଫଳତାର ସହ ଶେଷ ହେବା ପରେ, କମ୍ପାନୀ ପକ୍ଷରୁ ଠାକୁରାଣୀ ଖଣି ନିକଟସ୍ଥ କରା ବସ୍ତିରେ ମଧ୍ୟ ସମାନ ଧରଣର ୨୦ ଦିନିଆ ସଚେତନତା ଓ ମଶା ନିୟନ୍ତ୍ରଣ ଅଭିଯାନ ଆରମ୍ଭ କରାଯାଇଛି। ଉଭୟ ସ୍ଥାନରେ ଏହି ପଦକ୍ଷେପଗୁଡ଼ିକ ଯୋଜନାବଦ୍ଧ ଭାବେ କାର୍ଯ୍ୟକାରୀ କରାଯାଉଛି। ଏହା ଅନ୍ତର୍ଗତ ଜମା ହୋଇ ରହିଥିବା ପାଣିରେ ଲାର୍ଭା ନାଶକ ଔଷଧ ସିଞ୍ଚନ, ମଶା ପ୍ରବଣ ଅଞ୍ଚଳରେ ଥର୍ମାଲ୍ ଫଗିଂ, ମଶାଙ୍କ ପ୍ରଜନନ ସ୍ଥଳୀ ନଷ୍ଟ କରିବା ପାଇଁ ପରିମଳ ଓ ବୁଦା ସଫେଇ ଅଭିଯାନ ସହିତ ମାଇକ୍‌ରେ ପ୍ରଚାର, ଘରକୁ ଘର ଯାଇ ସଚେତନତା ଅଭିଯାନ ଏବଂ ବିଦ୍ୟାଳୟରେ ଶିକ୍ଷଣୀୟ ଅଧିବେଶନ ମାଧ୍ୟମରେ ବ୍ୟାପକ ଜନସମ୍ପର୍କ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହି ପଦକ୍ଷେପ ମାଧ୍ୟମରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ୨୩ଟି ଗ୍ରାମ, ୫,୫୦୦ରୁ ଅଧିକ ପରିବାର ଏବଂ ୨୭ଟି ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ସାମିଲ କରିବାକୁ ଯୋଜନା କରାଯାଇଛି।

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ଶିକ୍ଷା ଦିବସ ପାଳିତ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ୍ କଲାମ ଆଜାଦଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି।ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ତରଫରୁ ଏହି ଉପଲକ୍ଷେ ଏକ ବିଶେଷ ବକ୍ତୃତାର ଆୟୋଜନ କରାଯାଇଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ମଧୁମିତା ଦାସ ଏହି ବକ୍ତୃତା ପ୍ରଦାନ କରି ଭାରତୀୟ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରା ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି ଜାତୀୟ ଶିକ୍ଷା ନୀତି ୨୦୨୦କିଭଳି ଶିକ୍ଷା ବ୍ୟବସ୍ଥାକୁ ଫଳପ୍ରଦ ଓ ବ୍ୟବସ୍ଥିତ କରିବାର ଆଭିମୁଖ୍ୟ ରଖିଛି ସେ ବିଷୟରେ ଅବଗତ କରାଇଥିଲେ। ପ୍ରଫେସର ରୀତାଞ୍ଜଳି ଦାଶ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ଏହି ବକ୍ତୃତା ଆୟୋଜନର ଆଭିମୁଖ୍ୟ ସୂଚାଇ ଥିଲେ। ପରିଶେଷରେ ସହକାରୀ ପ୍ରଫେସର ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ ଏବଂ ସେଲ୍ ପକ୍ଷରୁ ଝାରସୁଗୁଡାରେ ଜ୍ଞାନ ଆଦାନପ୍ରଦାନ



ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାସ୍ଥିତ କାରଖାନାରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ବରିଷ୍ଠ ଅଧିକାରୀମାନଙ୍କ ଏକ ପ୍ରତିନିଧିମଣ୍ଡଳୀଙ୍କୁ ନେଇ ସୁରକ୍ଷା କ୍ଷେତ୍ରରେ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି ଅନୁଧ୍ୟାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୧୧ ଜଣିଆ ଏହି ପ୍ରତିନିଧିମଣ୍ଡଳୀ କମ୍ପାନୀର ପରିଚାଳନା ମଣ୍ଡଳୀ ସହ ସୁରକ୍ଷା ସଂସ୍କୃତି, ଡିଜିଟାଲ୍ ରୂପାନ୍ତରଣ ଓ କାର୍ଯ୍ୟକ୍ଷେତ୍ରର ଉତ୍କର୍ଷତା ସମ୍ପର୍କରେ ବ୍ୟାପକ ଭାବେ ମତ ବିନିମୟ କରିଥିଲେ। ଏହି ଗସ୍ତ ଅବସରରେ ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମର ବହୁସ୍ତରୀୟ ସୁରକ୍ଷା ପଦକ୍ଷେପଗୁଡ଼ିକ ସମ୍ପର୍କରେ ପ୍ରତିନିଧିମଣ୍ଡଳୀଙ୍କୁ ଅବଗତ କରାଯାଇଥିଲା। ସେମାନେ କାରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ସୁରକ୍ଷା ସମ୍ପର୍କିତ ପ୍ରମୁଖ ଧାରଣା ଓ ବ୍ୟବସ୍ଥାକୁ ପ୍ରଦର୍ଶିତ କରୁଥିବା ବିସ୍ତୃତ ସୁରକ୍ଷା ଗ୍ୟାଲାକ୍ସି ପାର୍କ ପରିଦର୍ଶନ କରିଥିଲେ। ଏହାସହ ଆଲୁମିନିୟମ ଉତ୍ପାଦନର ମୁଖ୍ୟ କେନ୍ଦ୍ର ପଟ୍‌ଲାଇନ୍ ଓ କାଷ୍ଟହାଉସ୍ ଅଞ୍ଚଳ ବୁଲି ସେଠାରେ ଅନୁସରଣ କରାଯାଉଥିବା ସୁରକ୍ଷା ପ୍ରକ୍ରିୟା ଓ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବୃହତ୍ ଶିଳ୍ପାନୁଷ୍ଠାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ଭୂମିକା ଉପରେ ମଧ୍ୟ ଝାରସୁଗୁଡ଼ା ପରିଚାଳନା ମଣ୍ଡଳୀ ସହ ଆଲୋଚନା ହୋଇଥିଲା। ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, "କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ସୁରକ୍ଷା ହେଉଛି ମୌଳିକ ଆଧାର। ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମରେ ଆମର ଲକ୍ଷ୍ୟ ହେଉଛି ଏଭଳି ଏକ କାର୍ଯ୍ୟପରିବେଶ ଗଠନ କରିବା, ଯେଉଁଠାରେ ସୁଦୃଢ଼ ବ୍ୟବସ୍ଥା, ପ୍ରଯୁକ୍ତିବିଦ୍ୟା ଓ ସ୍ପଷ୍ଟ ଉତ୍ତରଦାୟିତ୍ୱ ମାଧ୍ୟମରେ ସମ୍ଭାବ୍ୟ ବିପଦକୁ ଆଗୁଆ ଚିହ୍ନଟ କରି କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ନିରନ୍ତର ଉନ୍ନତି ଏକ ଅବିରତ ପ୍ରକ୍ରିୟା। ସେଲ୍ ଭଳି ଶିଳ୍ପ ସହଯୋଗୀଙ୍କ ସହ ଏଭଳି ମତ ବିନିମୟ ଆମକୁ ନୂତନ ଦୃଷ୍ଟିକୋଣ ହାସଲ କରିବା, ଶ୍ରେଷ୍ଠ କାର୍ଯ୍ୟପଦ୍ଧତି ଆଧାରରେ ନିଜକୁ ମୂଲ୍ୟାୟନ କରିବା ଏବଂ ଧାତୁ ଓ ଉତ୍ପାଦନ ଶିଳ୍ପରେ ସୁରକ୍ଷାର ମାନଦଣ୍ଡକୁ ଆହୁରି ଉଚ୍ଚତର କରିବାର ସୁଯୋଗ ଦେଇଥାଏ।" ସେହିପରି ସେଲ୍‌ର ଏସ୍‌ଏସ୍‌ଓ ସୁରକ୍ଷା ବିଭାଗର ମହାପ୍ରବନ୍ଧକ ଇନ୍‌ଚାର୍ଜ ସୁରେଶ କୁମାର କହିଛନ୍ତି, "ସୁରକ୍ଷା ଏଭଳି ଏକ କ୍ଷେତ୍ର, ଯେଉଁଠାରେ ପାରସ୍ପରିକ ଜ୍ଞାନ ଆଦାନପ୍ରଦାନ ଓ ବିଭିନ୍ନ କାର୍ଯ୍ୟପଦ୍ଧତିର ଅନୁଭୂତିରୁ ଶିଳ୍ପଜଗତ ବ୍ୟାପକ ଭାବେ ଉପକୃତ ହୋଇଥାଏ। ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା କାରଖାନା ଗସ୍ତ ଆମକୁ ଏକ ବୃହତ୍ ଓ ଜଟିଳ ଆଧୁନିକ ଉତ୍ପାଦନ ବ୍ୟବସ୍ଥାରେ କିଭଳି ସୁରକ୍ଷାକୁ କାର୍ଯ୍ୟପ୍ରଣାଳୀର ଅବିଚ୍ଛେଦ୍ୟ ଅଙ୍ଗ କରାଯାଇଛି, ସେ ସମ୍ପର୍କରେ ଉପଯୋଗୀ ଧାରଣା ପ୍ରଦାନ କରିଛି। ଏଭଳି ଆଦାନପ୍ରଦାନ ବିଭିନ୍ନ ସଂସ୍ଥାକୁ ପ୍ରମାଣିତ କାର୍ଯ୍ୟପଦ୍ଧତିରୁ ଶିଖିବା, ନିଜସ୍ୱ ବ୍ୟବସ୍ଥାର ସମୀକ୍ଷା କରିବା ଏବଂ ଦେଶରେ ଅଧିକ ସୁରକ୍ଷିତ ଶିଳ୍ପ ପରିଚାଳନା ଦିଗରେ ସାମୂହିକ ଅବଦାନ ରଖିବାରେ ସହାୟକ ହୋଇଥାଏ।"

ଭୁବନେଶ୍ୱର, ୧୨ ନଭେମ୍ବର, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

୨୧ରୁ ପଞ୍ଚୁକ, ଦର୍ଶନାର୍ଥୀଙ୍କ ପାଇଁ ବଡ଼ଦାଣ୍ଡରେ ବ୍ୟାରିକେଡ୍ ଆରମ୍ଭ

ପୁରୀ, ୧୧/୧୧ ନ୍ୟୁଜ ବ୍ୟୁରୋ

ଶ୍ରୀକ୍ଷେତ୍ରରେ ଆସନ୍ତା ୨୧ ତାରିଖ ଶନିବାର ଠାରୁ ଆରମ୍ଭ ହେଉଛି ପବିତ୍ର ପଞ୍ଚୁକ ବ୍ରତ । ବ୍ରତପାଳନ ସାଙ୍ଗକୁ ଶ୍ରୀମନ୍ଦିରରେ ଠାକୁରଙ୍କ ଦୁର୍ଲଭ ବେଶ ଦର୍ଶନ କରିବେ ବ୍ରତଧାରୀ । ଏଣୁ ଏବେଠୁ ବଡ଼ଦାଣ୍ଡରେ ଆରମ୍ଭ ହେଲାଣି ବ୍ୟାରିକେଡ୍ । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରୁ ଲୁହା ବ୍ୟାରିକେଡ୍ ମରିଚିକୋଟ ଛକ ଆଡ଼କୁ ଲମ୍ବୁଛି । ପଞ୍ଚୁକର ପ୍ରଥମ ଦିବସ ଶ୍ରୀମନ୍ଦିରରେ ହେବ ମହାପ୍ରଭୁଙ୍କ ହରିଉତ୍ଥାପନ ଏକାଦଶୀ ନୀତି । ୨୪ ତାରିଖ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମାରେ ଦାରୁବ୍ରହ୍ମଙ୍କ ରାଜାଧିରାଜ ବେଶ ହେବ। ପଞ୍ଚୁକରେ ଜନସମାଗମକୁ ଦେଖି ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାରିକେଡ୍



ମାର୍କେଟ ଛକ ପର୍ଯ୍ୟନ୍ତ କରାଯିବ ବୋଲି ସୂଚନା ରହିଛି। ପଞ୍ଚୁକ ଅବସରରେ ଅସଂଖ୍ୟ ଶ୍ରଦ୍ଧାଳୁ ଶ୍ରୀମନ୍ଦିରକୁ ଯାଇ ଅନନ୍ୟ ବେଶରେ ଠାକୁରଙ୍କୁ ଦର୍ଶନ କରିବେ । କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଧର୍ମ ମାସ ପବିତ୍ର କାର୍ତ୍ତିକରେ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ । ଏଣୁ ଏହାକୁ ଆଖିରେ ରଖି ବଡ଼ଦାଣ୍ଡରେ ବ୍ୟାରିକେଡ୍ ତିଆରି ଆରମ୍ଭ ହୋଇଛି । ବ୍ୟାରିକେଡ୍‌ରେ ଦର୍ଶନାର୍ଥୀମାନେ ଶୃଙ୍ଖଳାର ସହ ଶ୍ରୀମନ୍ଦିରକୁ ଯାଇ ଠାକୁରଙ୍କ ଦର୍ଶନ କରିବେ ଓ ମହାପ୍ରସାଦ ପାଇବେ । ପ୍ରଥମଦିନ ଶ୍ରୀମନ୍ଦିରରେ ହରିଉତ୍ଥାପନ ନୀତି ସହ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ସାଧାରଣତଃ ପଞ୍ଚୁକ ୫ଦିନରେ ଦାରୁଦେବତାଙ୍କର ୫ଟି ବେଶ ହୋଇଥାଏ । ଚଳିତ ବର୍ଷ ଦ୍ୱାଦଶୀ କ୍ଷୟ ଯାଇଥିବାରୁ ଠାକୁରଙ୍କ ବାଙ୍କଚୁଡ଼ ବେଶ କିମ୍ବା ବାବନ ବେଶ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବ ସୂଚନା ଦିଆଯାଇଛି । ୨୨ ତାରିଖ ରବିବାର ମହାପ୍ରଭୁଙ୍କ ଡାଳିକିଆ ବେଶ ତଥା ତ୍ରିବିକ୍ରମ ବେଶ ଓ ୨୩ ତାରିଖ ସୋମବାର ଲକ୍ଷ୍ମୀନୃସିଂହ ବେଶ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ମହାପ୍ରସାଦ ଦରର ଟୋକନ କାଉଣ୍ଟର ପାଇଁ ସୁଆର ମହାସୁଆର ନିଯୋଗର ଦାବି

ପୁରୀ,୧୧/୧୧ ନ୍ୟୁଜ ବ୍ୟୁରୋ

ମହାପ୍ରସାଦକୁ କରିଦେଲେଣି ବ୍ୟବସାୟୀକରଣ । ଖୁଲମଖୁଲା ଶ୍ରୀମନ୍ଦିର ବାହାରେ ଚଢ଼ାଦରରେ ଭକ୍ତଙ୍କୁ ବିକ୍ରି ହେଉଛି ମହାପ୍ରସାଦ। ୧୦୦ ଟଙ୍କାର ଥାଳିକୁ ତିନି ଗୁଣା ଦରରେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଭକ୍ତଙ୍କୁ ମହାପ୍ରସାଦ ବିକ୍ରି କରୁଛନ୍ତି ଦଲାଲ। ମହାପ୍ରସାଦ ବିକ୍ରି ନାମରେ ଖୁଲମ୍ ଖୁଲା ଭକ୍ତଙ୍କୁ ଶୋଷଣ କରାଯାଉଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ ଚୁପ୍। ଭକ୍ତଙ୍କୁ ଶୋଷଣରୁ ରକ୍ଷା ପାଇଁ ଦଲାଲଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ବାହାରେ ମହାପ୍ରସାଦ ବିକ୍ରି ହେଉଥିବା ବେଳେ ଏନେଇ ପୁଲିସ ପ୍ରଶାସନ ଚୁପ୍ ବସିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଭକ୍ତ। ଜଗନ୍ନାଥ ପ୍ରେମୀ ଚକ୍ରଧର ମହାପାତ୍ର କହିଛନ୍ତି, ''କିଛି ବ୍ୟକ୍ତି ଆନନ୍ଦ ବଜାରରୁ ଖଲି ପତ୍ରରେ ମହାପ୍ରସାଦ ଆଣି ଶ୍ରୀମନ୍ଦିର ବାହାର ଭକ୍ତଙ୍କୁ ବିକ୍ରି କରିବା ଏକ ନିନ୍ଦନୀୟ ଘଟଣା। ଏହି କାର୍ଯ୍ୟ ଉପରେ ପ୍ରଶାସନ ଅଙ୍କୁଶ ଲଗାଇବା ଉଚିତ୍। ମହାପ୍ରସାଦ କେବଳ ଆନନ୍ଦ ବଜାରରେ ବିକ୍ରି ହେବାର ନିୟମ ରହିଛି। ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ। ପୂର୍ବରୁ କୋଭିଡ ସମୟରେ ଯେଭଳି ଭକ୍ତଙ୍କୁ ମହାପ୍ରସାଦ ଯୋଗାଇ ଦେବା ପାଇଁ ଶ୍ରୀମନ୍ଦିର ଉତ୍ତର ଓ ଦକ୍ଷିଣ ଦ୍ୱାରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହପ୍ରସାଦ ଟୋକନ କାଉଣ୍ଟର ହୋଇଥିଲା ସେହି ଭଳି ଏବେ ବ୍ୟବସ୍ଥା ହେଉ''। ଜଗନ୍ନାଥପ୍ରେମୀ ସ୍ୱାଧୀନ ପଣ୍ଡା କହିଛନ୍ତି, ''ଦିନକୁ ଦିନ ମହାପ୍ରସାଦ ଗାରିମା ଉପରେ ଆଞ୍ଚ ଆସିବାରେ ଲାଗିଛି। ମହାପ୍ରସାଦ ଏବେ ଖଲି ପତ୍ରରେ ଥାଳି ଭଳି ଶ୍ରୀମନ୍ଦିର ବାହାରେ ବିକ୍ରି ହେଉଛି। ଭକ୍ତ ମାନେ ଚପଲ ପିନ୍ଧି ଟେବୁଲରେ ବସି ମହାପ୍ରସାଦ ସେବନ କରୁଥିବା ଘଟଣା ନଜରକୁ ଆସୁଛି। ସରକାର କହିଥିଲେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ଅଳ୍ପ କିଛି ମହାପ୍ରସାଦ ମାଗଣାରେ ବଣ୍ଟନ କରିବେ। ଶ୍ରୀମନ୍ଦିର ବାହାରେ ମହାପ୍ରସାଦ ସେବନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ। ହେଲେ ଏହି ଘୋଷଣା କେବଳ ଘୋଷଣାରେ ରହିଯାଇଛି''। ଏବେ ଚାଲିଛି କାର୍ତ୍ତିକ ମାସ। ପ୍ରତିଦିନ ହଜାର ହଜାର ଭକ୍ତ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ସହିତ ମହାପ୍ରସାଦ ସେବନ ପାଇଁ ଆସୁଛନ୍ତି । ପ୍ରବଳ ଭକ୍ତଙ୍କ ସମାଗମ ହେଉଥିବାରୁ ଶ୍ରୀମନ୍ଦିର ଚାରିଦ୍ୱାରରେ ପ୍ରବେଶ କରିବା ପାଇଁ ଭକ୍ତଙ୍କୁ ୨ରୁ ୩ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ମହାପ୍ରସାଦ ଟିକେ ପାଇବା ପାଇଁ ଭକ୍ତଙ୍କୁ ଲାଇନରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଆଉ ଏହାର ଫାଇଦା ଉଠାଉଛନ୍ତି କିଛି ଦଲାଲ। ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ମହାପ୍ରସାଦ ନେବା ପାଇଁ ଆସୁଥିବା ଭକ୍ତଙ୍କୁ ଆନନ୍ଦ ବଜାରରୁ ମହାପ୍ରସାଦ ଆଣିଦେବା କହି ଚଢ଼ା ଦରରେ ମହାପ୍ରସାଦ ବିକ୍ରି କରୁଛନ୍ତି।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୧/୧୧/୨୦୨୬
୬,୨୯,୨୪୫/-ଟଙ୍କା
ସୁନା:- ୦୮ ଗ୍ରାମ୍ ୩୦୦ମିଲିଗ୍ରାମ
ରୂପା:- ୯୨ ଗ୍ରାମ୍ ୫୦୦ମିଲିଗ୍ରାମ

ରାଜ୍ୟପାଳଙ୍କୁ ଭେଟିଲେ ୟୁସିସିଆଇଏଲ୍ ସଭାପତି

ଭୁବନେଶ୍ୱର, ୧୧/୧୧ ନ୍ୟୁଜ ବ୍ୟୁରୋ

ଲୋକ ଭବନରେ ରାଜ୍ୟପାଳ ବ୍ରଜ ମୋହନ ରାମଙ୍କୁ ଦି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍)ର ସଭାପତି ଡ. ପ୍ରବୋଧ ମହାନ୍ତି ଓ ସମ୍ପାଦକ ଡ. ସଞ୍ଜୀବ ମହାପାତ୍ରଙ୍କ ସାକ୍ଷାତ କରିଥିଲେ। ଡ. ମହାନ୍ତି ରାଜ୍ୟପାଳଙ୍କୁ ୟୁସିସିଆଇଏଲ୍‌ର କାର୍ଯ୍ୟଧାରାଓେ ଓଡ଼ିଶାର ଶିଳ୍ପ ତଥା ଅର୍ଥନୈତିକ ବିକାଶ ପ୍ରତି ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟର ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ସମ୍ମୁଖୀନ ହେଉଥିବା ପ୍ରମୁଖ ଆହ୍ୱାନଗୁଡ଼ିକ ଉପରେ ସେ ଆଲୋକପାତ କରିଥିଲେ।

କିଟ୍ ଓ କିସ୍ ପରିଦର୍ଶନରେ ଜାପାନର ୩୫ଜଣିଆ ପ୍ରତିନିଧିମଣ୍ଡଳୀ

୪ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୧।୧୧ ନ୍ୟୁଜ ବ୍ୟୁରୋ

ଜାପାନ ଟୋଟୋରିରୁ ୩୫ ଜଣିଆ ପ୍ରତିନିଧିମଣ୍ଡଳୀ ବୁଧବାର କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି । ଏହି ପ୍ରତିନିଧିମଣ୍ଡଳୀ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍ ପରିଦର୍ଶନ କରିବା ସହ ଏଠାକାର କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷା ଓ ଗବେଷଣା ଉପରେ ଆଲୋଚନା କରିଥିଲେ। କିସ୍ ଓ କିଟ୍ ପରିଦର୍ଶନ କରିବା ପରେ ସେମାନେ ବେଶ୍ ସନ୍ତୋଷ ବ୍ୟକ୍ତ କରି ଏଭଳି ପ୍ରୟାସ ପାଇଁ ସେମାନେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଜାପାନର ଟୋଟୋରି ବିଶ୍ୱବିଦ୍ୟାଳୟ, ଓନେଷ୍ଟ୍ରବନ, ଟିଓଏ ସଫ୍ଟୱେର ଏବଂ ଆଇଇପିଏମ୍‌ଏଫ୍ ଓ ଆର ଜିରୋ ମଧ୍ୟରେ ୪ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଜରିଆରେ ଶିକ୍ଷା, ମିଳିତ ଗବେଷଣା ଏବଂ ଶିଳ୍ପ ସହଯୋଗକୁ ଅଧିକ ସୁଦୃଢ଼ କରାଯିବ। ଏହାଦ୍ୱାରା ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍, ନିଯୁକ୍ତି ଏବଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଦିଗରେ ସୁଯୋଗ ସୃଷ୍ଟି ହେବ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ



ବିଭାଗର ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହି ବୁଝାମଣା ମାଧ୍ୟମରେ ଉଚ୍ଚଶିକ୍ଷା, ଗବେଷଣା ଓ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭାରତ ଓ ଜାପାନ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି। ବିଶେଷକରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସାଇବର ସିକ୍ୟୁରିଟି, ବ୍ଲକଚେନ୍, ରୋବୋଟିକ୍ସ ଏବଂ ସେମିକଣ୍ଡକ୍ଟର ଭଳି ଅତ୍ୟାଧୁନିକ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ଏହି ଅବସରରେ ଜାପାନୀ ପ୍ରତିନିଧିମଣ୍ଡଳୀ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ବୁଝାମଣାରେ ସନ୍ତୋଷ ବ୍ୟକ୍ତ କରି ଡ. ସାମନ୍ତ କହିଲେ, ଏଭଳି ସହଯୋଗ ଜରିଆରେ ନୂତନ ପାଠ୍ୟକ୍ରମ ପ୍ରଚଳନ, ଦକ୍ଷତା ବିକାଶ, ଗବେଷଣା, ଶିଳ୍ପଭିତ୍ତିକ ପ୍ରଶିକ୍ଷଣ ଏବଂ ଜ୍ଞାନର ଆଦାନପ୍ରଦାନକୁ ଗୁରୁତ୍ୱ ଦିଆଯିବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ସଂପର୍କରେ ଶିକ୍ଷା ହାସଲ କରିବା ସହ ପ୍ରାୟୋଗିକ ଅନୁଭୂତି ପାଇପାରିବେ। ଏଥିସହ ଜାପାନ ସମେତ ଭାରତ ଓ ବିଦେଶରେ ଉଚ୍ଚଶିକ୍ଷା, ଇଣ୍ଟର୍ନସିପ୍, ଗବେଷଣା ଓ ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଡ. ସାମନ୍ତ କହିଥିଲେ। ଏଥିସହ କିଟ୍ ସହ ବୁଝାମଣା କରିଥିବାରୁ ଡ. ସାମନ୍ତ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ପୋଖରୀରେ ବୁଡ଼ି ଯୁବକ ମୃତ

ରାଇଘର, ୧୧/୧୧ ନ୍ୟୁଜ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କରଣପଦର ଗ୍ରାମରେ ସନ୍ଧ୍ୟା ସମୟରେ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଜଣେ ଯୁବକର ମୃତ୍ୟୁ ଘଟିଥିବା ବେଳେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସବିଶେଷ ଖବରରୁ ଜଣା ପଡ଼ିଛି ଯେ, ରାଇଘର ପଞ୍ଚାୟତ କରଣପଦର ଗ୍ରାମର ମାୟକ୍ଷରାମ ଗଣ୍ଡଙ୍କ ତୃତୀୟ ପୁତ୍ର ରିଙ୍କୁ ଗଣ୍ଡ (୨୩) ବହୁଦିନ ଧରି ରାଜ୍ୟ ବାହାରେ ରହି କାମ କରୁଥିଲା । ଦୀପାବଳି ଛୁଟି କାଟିବାକୁ ନିଜ ଗ୍ରାମକୁ ଆସିଥିଲା । ବୁଧବାର ସନ୍ଧ୍ୟାରେ ଗ୍ରାମ ନିକଟସ୍ଥ ଏକ ପୋଖରୀକୁ ଗାଧୋଇବାକୁ ଯାଇ ଅସାବଧାନତା ବଶତଃ ଗଭୀର ପାଣିରେ ବୁଡ଼ି ଯାଇଥିଲକ୍ଷ ଓ ମୃତ୍ୟୁ ଘଟିଥିଲା। ଖବର ପାଇ ରାଇଘର ପୋଲିସ ଘଟଣା ସ୍ଥଳରେ ପହଁଚି ଶବ ଉଦ୍ଧାର କରି ରାଇଘର ମେଡିକାଲକୁ ପଠାଇଥିଲେ । ସଂଧ୍ୟା ହୋଇ ଯାଇ ଥିବାରୁ ଶବ ବ୍ୟବଚ୍ଛେଦ ହୋଇ ପାରି ନଥିଲା । ରାଇଘର ଥାନାରେ ଏକ ଅପମୃତ୍ୟୁ ମାମଲା ନମ୍ବର ୮୨/୨୬ରେ ଏକ କେଶ ରୁଜୁ କରି ଏଏସ୍ଆଇ ସଂଗ୍ରାମ ସିଂ ଘଟଣାର ତଦନ୍ତ କରୁଥିବା ବେଳେ ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ଏବିଭିପିର ରାଜ୍ୟସ୍ତରୀୟ ଛାତ୍ରନେତା ସମ୍ମିଳନୀ : ୮୦୦୦ ଛାତ୍ରନେତା ସମ୍ବୋଧିତ

ଭୁବନେଶ୍ୱର, ୧୧/୧୧ ନ୍ୟୁଜ ବ୍ୟୁରୋ

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପ୍ରଦେଶ ତରଫରୁ ରାଜ୍ୟସ୍ତରୀୟ ଛାତ୍ରନେତା ସମ୍ମିଳନୀ ବରମୁଣ୍ଡା ପଡିଆ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ରାଜ୍ୟର କୋଣ ଅନୁକୋଣରୁ ସମସ୍ତ କ୍ୟାମ୍ପସରୁ ୮୦୦୦ରୁ ଉର୍ଦ୍ଧ୍ୱ ଛାତ୍ର ନେତା ଯୋଗ ଦେଇଥିଲେ । ଏହି ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ବକ୍ତା ଭାବରେ ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼.ବୀରେନ୍ଦ୍ର ସିଂହ ସୋଲଙ୍କି ବିଶେଷ ଭାବେ ଉପସ୍ଥିତ ଥିଲେ। ଏଥିସହିତ ରାଁଚି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଖିତି ଭୂଷଣ ଦାସ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଧାରଣ ସମ୍ପାଦକ ସୁଶ୍ରୀ ରିୟା ଛାଓଡି, ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ ସମ୍ପାଦିକା ସୁଶ୍ରୀ ଦିପ୍ତିମୟୀ ପ୍ରତିହାରୀ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବରାଇ ଓ ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ ସଭାପତି ଡ଼.ଦେବେଶ ଶଙ୍କର ହୋତା ବିଶେଷ ଭାବେ ଉପସ୍ଥିତ ଥିଲେ। ଏହି ଛାତ୍ରନେତା ସମ୍ମିଳନୀରେ ଚଳିତ ବର୍ଷର ଛାତ୍ର ସଂସଦ ନିର୍ବାଚନରେ ପ୍ରତିନିଧିତ୍ୱ କରୁଥିବା ସମସ୍ତ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଭାରତ ସମେତ ଓଡ଼ିଶାର ଜେନ ଜି ବିଦ୍ୟାର୍ଥି ପରିଷଦ ସହିତ ରହିଛନ୍ତି ଏବଂ ଯାହାର ଫଳ ସ୍ୱରୂପ ଆଜି ଏବିଭିପି ରାଜ୍ୟର ସମସ୍ତ କୋଣ ଅନୁକୋଣରେ ବିପୁଳ ସମର୍ଥନ ପାଇ ବିଜୟୀ ହୋଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼ ବୀରେନ୍ଦ୍ର ସିଂହ ସୋଲାଙ୍କି କହିଛନ୍ତି ଯେ ଓଡ଼ିଶା ଆଜି ସମଗ୍ର ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।୨୦୮ କଲେଜରେ ସଭାପତି ଏବଂ ୮ଟି ବିଶ୍ୱବିଦ୍ୟାଳୟରେ ସମ୍ପୂର୍ଣ୍ଣ କ୍ଲିନ୍ ସ୍ୱିପ ସହ ଆଜି ଏବିଭିପି ରାଜ୍ୟ ଇତିହାସରେ ରେକର୍ଡ କରିଛି। ରାଂଚି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କ୍ଷିତି ଭୂଷଣ ଦାସ କହିଛନ୍ତି,ଯେ ଆଗାମୀ ବର୍ଷ ତମାମ ଏବିଭିପି ପକ୍ଷରୁ ଜାରି ହୋଇଥିବା ସଂକଳ୍ପ ପତ୍ରକୁ ନେଇ ବିଦ୍ୟାର୍ଥୀ ପରିଷଦ କାର୍ଯ୍ୟ କରିବା ଆବଶ୍ୟକ ଏବଂ ଯାହା ଏବିଭିପି ପ୍ରାରମ୍ଭ ମଧ୍ୟ କରି ସାରିଛି। ଏବିଭିପି ଓଡ଼ିଶାର ରାଜ୍ୟ ସମ୍ପାଦକ ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତ ପ୍ରତିନିଧି ଏବଂ ମିଡିଆ,ପୁରାତନ କାର୍ଯ୍ୟକର୍ତ୍ତା,ବିଦ୍ୟାର୍ଥୀ ପରିଷଦର ଶୁଭେଚ୍ଛୁ ମାନଙ୍କୁ ଆଭାର ବ୍ୟକ୍ତ କରିଛନ୍ତି।

୧୫ରୁ ବିଜେପି ପାଳିବ ଜନଜାତି ଗୌରବ ଦିବସ

ଭୁବନେଶ୍ୱର, ୧୧/୧୧ ନ୍ୟୁଜ ବ୍ୟୁରୋ

ବିଜେପି ପାଳିବ ଜନଜାତି ଗୌରବ ଦିବସ । ବିର୍ସା ମୁଣ୍ଡାଙ୍କ ୧୫୧ ତମ ଏବଂ ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୭ ତମ ଜନ୍ମ ଜୟନ୍ତୀ ପାଳନ ହେବ । ଉଭୟ ଦେଶ ଓ ରାଜ୍ୟରେ ପାଳନ ହେବ । ଦେଶ ସ୍ୱାଧୀନ ହେବାରେ ଯେଉଁ ଜନଜାତି ଜନ ନାୟକମାନଙ୍କ ଅବଦାନ ଅଧିକ ରହିଛି ସେମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜନଜାତି ଗୌରବ ଦିବସ ପାଳନ ହେବା ନେଇ ନିଷ୍ପତ୍ତି ନିଆଯାଇଛି । ୧୫ ନଭେମ୍ବରରୁ ୨୨ ନଭେମ୍ବର ପର୍ଯ୍ୟନ୍ତ ଆଦିବାସୀ ବହୁଳ ଜିଲ୍ଲା ସହ ସମସ୍ତ ଜିଲ୍ଲାରେ ଭବ୍ୟ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏସସି ଏସଟି ଏବଂ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏନେଇ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଆୟୋଜିତ କାର୍ଯ୍ୟକ୍ରମରେ ଜନଜାତିମାନଙ୍କ ଗୌରବ, କଳା, ସଂସ୍କୃତି, ଜୀବନଯାପନ ସବୁ ପ୍ରଦର୍ଶନୀ ହେବ । ଏହା ସହ ୧୪ ନଭେମ୍ବରରେ ରାଜ୍ୟର ଓ ଦେଶର ସମସ୍ତ ଜନଜାତି ଜନ ନାୟକମାନଙ୍କ ପ୍ରତିମୂର୍ତ୍ତି ସଫା ହେବ ଏବଂ ସନ୍ଧ୍ୟାରେ ପ୍ରଦୀପ ପ୍ରଜ୍ୱଳନ କାରାଯିବ । ୧୫ ତାରିଖରେ ୭ଟି ଜିଲ୍ଲାରେ ୧୩ଟି ଏକଲବ୍ୟ ବିଦ୍ୟାଳୟର ଶିଳାନ୍ୟାସ ସହ ଉଦ୍ଘାଟନ କରିବେ ପ୍ରଧାନମନ୍ତ୍ରୀ । ଏହି ଅବସରରେ ବିଭିନ୍ନ ଜନଜାତି ସମ୍ପ୍ରଦାୟର ମହାନ ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ପ୍ରଦାନ କରାଯିବ । ସିଧୁ କାନ୍‌ହୁ, ଲକ୍ଷଣ ମୁଣ୍ଡାଙ୍କ ଭଳି ମହାନ ଜନଜାତି ନେତାଙ୍କ ସ୍ମୃତିକୁ ମଧ୍ୟ ସ୍ମରଣ କରାଯିବ । ସେମାନଙ୍କ ଜନ୍ମସ୍ଥାନ ଓ ଗାଁକୁ ଗସ୍ତ କରି ସ୍ଥାନୀୟ ଲୋକଙ୍କ ସହିତ ଯୋଡି ହେବାର କାର୍ଯ୍ୟକ୍ରମ ରହିଛି ।

ରାଜେନ୍ଦ୍ର ନଗର ମଙ୍ଗଳାମନ୍ଦିର ଛକରେ ଅଳିଆ ଗଦା, ଦୁର୍ଗନ୍ଧରେ ଅତିଷ୍ଠ ଅଞ୍ଚଳବାସୀ

କେଏମସିର ୫୨ ନମ୍ବର ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

କଟକ, ୧୧/୧୧ ନ୍ୟୁଜ ବ୍ୟୁରୋ

କଟକ ମହାନଗର ନିଗମର ୫୨ ନମ୍ବର ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ର ନଗର ମଙ୍ଗଳାମନ୍ଦିର ଛକରେ ଅଳିଆ ଆବର୍ଜନା ପରିଚାଳନାକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି । ଅଞ୍ଚଳବାସୀଙ୍କ ସୁବିଧା ପାଇଁ କେଏମସି ପକ୍ଷରୁ ଏଠାରେ ଦିନତମାମ ଅଳିଆ ସଂଗ୍ରହ ପାଇଁ ଗାଡ଼ି ରଖାଯାଇଛି। ମାତ୍ର ଏହି ବ୍ୟବସ୍ଥା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ସୁବିଧା ବଦଳରେ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗାଡ଼ିଟି ଦିନସାରା ଛକରେ ରହୁଥିବାରୁ ଏଥିରେ ବହୁ ପରିମାଣର ଅଳିଆ ଆବର୍ଜନା ଜମା ହେଉଛି। ଫଳରେ ଚାରିଆଡ଼େ ଦୁର୍ଗନ୍ଧ ବ୍ୟାପୁଥିବା ବେଳେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ସହ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି। ଏକ ଜନଗହଳିପୂର୍ଣ୍ଣ ଛକରେ ଏଭଳି ଅବ୍ୟବସ୍ଥିତ ଅଳିଆ ସଂଗ୍ରହ ବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, ଏହି ଗାଡ଼ିରେ କେବଳ ଘରୋଇ ଅଳିଆ ନୁହେଁ, ବରଂ ଆଖପାଖ ଅଞ୍ଚଳର



ହୋଟେଲ, ରେଷ୍ଟୁରାଣ୍ଟ ଓ ଗୋଷ୍ଠୀ କେନ୍ଦ୍ରରେ ଆୟୋଜିତ ଭୋଜିଭାତରୁ ବାହାରୁଥିବା ବର୍ଜ୍ୟବସ୍ତୁ ମଧ୍ୟ ପକାଯାଉଛି। ଏହାଦ୍ୱାରା ସାଧାରଣ ଅଳିଆ ସଂଗ୍ରହ ବ୍ୟବସ୍ଥାକୁ ବ୍ୟବହାର କରି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକର ବର୍ଜ୍ୟବସ୍ତୁ ନିଷ୍କାସନ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଗାଡ଼ିକୁ ଏଠାରେ ରଖିବା ପଛରେ ୱାର୍ଡରେ କାର୍ଯ୍ୟରତ ଜଣେ ଗଚଏଁଝ କର୍ମଚାରୀଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କଠାରୁ ହାତଗୁଞ୍ଜା ନେଇ ଏହି ବ୍ୟବସ୍ଥା କରାଯାଇଥିବା ନେଇ ସ୍ଥାନୀୟ ମହଲରେ ଅଭିଯୋଗ ହେଉଛି। ତେବେ ଏହି ଅଭିଯୋଗର ସତ୍ୟତା ତଦନ୍ତସାପେକ୍ଷ। ଅନ୍ୟପକ୍ଷରେ, ୱାର୍ଡରେ ସଫେଇ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଏବଂ କେଏମସିର ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ନୀରବତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଅଳିଆ ନିୟମିତ ଉଠାଇବା, ସଫେଇ ବ୍ୟବସ୍ଥାର ତଦାରଖ କରିବା ଏବଂ ସାର୍ବଜନୀନ ସ୍ଥାନରେ ଅଳିଆ ଜମା ନହେବା ସୁନିଶ୍ଚିତ କରିବା କାହାର ଦାୟିତ୍ୱ, ତାହା ସ୍ପଷ୍ଟ ହେବା ଆବଶ୍ୟକ। ସହରକୁ ସ୍ୱଚ୍ଛ ରଖିବା ପାଇଁ କେଏମସି ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ସ୍ୱଚ୍ଛତା ଅଭିଯାନ ଚାଲିଛି। ଏଥିପାଇଁ ସ୍ୱତନ୍ତ୍ର କର୍ମଚାରୀ ମଧ୍ୟ ନିୟୋଜିତ ଅଛନ୍ତି। କିନ୍ତୁ ମଙ୍ଗଳାମନ୍ଦିର ଛକର ଏହି ଚିତ୍ର କେଏମସିର ସ୍ୱଚ୍ଛତା ଅଭିଯାନର ବାସ୍ତବ କାର୍ଯ୍ୟକାରିତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ତେଣୁ ମଙ୍ଗଳାମନ୍ଦିର ଛକରୁ ଅଳିଆ ଗାଡ଼ିକୁ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବା, ନିୟମିତ ଅଳିଆ ଉଠାଇବା, ହୋଟେଲ ଓ ରେଷ୍ଟୁରାଣ୍ଟର ବର୍ଜ୍ୟବସ୍ତୁ ପରିଚାଳନା ଯାଞ୍ଚ କରିବା ସହ ଏହି ବ୍ୟବସ୍ଥା ପଛରେ ଯଦି କୌଣସି ଆର୍ଥିକ ଅନିୟମିତତା ରହିଛି, ତାହାର ନିରପେକ୍ଷ ତଦନ୍ତ କରିବାକୁ ଦାବି ହେଉଛି। କେଏମସି କର୍ତ୍ତୃପକ୍ଷ ଏହି ଅଭିଯୋଗକୁ କେତେ ଗୁରୁତ୍ୱ ଦେଉଛନ୍ତି ଏବଂ କେବେ ପଦକ୍ଷେପ ନେଉଛନ୍ତି, ତାହା ଏବେ ଦେଖିବାର କଥା।



ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-12 • Issue-18 • 11-17th November 2026 • Bhubaneswar
ବାହାନଗା ଟ୍ରେନ୍ ଟ୍ରାଜେଡ଼ିକୁ ସାଢ଼େ ୩ ବର୍ଷ
ଅଦାଳତରେ ନାହାନ୍ତି ବିଚାରପତି, ଗଡ଼ୁଛି ତାରିଖ
ଭିତର ପୃଷ୍ଠାରେ...

ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com



ରବିବାସରୀୟ କଳିକା
With Sambad Kalika ₹ 4.00
୨୦୨୭ ପଞ୍ଚାୟତ ଭୋଟ୍ : ଗାଁରେ ହେବ ବଳ କଷାକଷି
ଭିତର ପୃଷ୍ଠାରେ...
Panchayat polls

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

ଗଳ୍ପ ପତ୍ରିକା 'କଥା କଳିକା'ର ନଭେମ୍ବର ସଂଖ୍ୟା-୨୦୨୬

ଏବେ ବଜାରରେ ଉପଲବ୍ଧ ...



ଏଥର ସଂଖ୍ୟାରେ...

ସ୍ମରଣୀୟ କଥା : ଅକ୍ଷୟ କୁମାର ମିଶ୍ର
ସମକାଳର କଥା : ରବି ରାଉତ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶୈଳେନ୍ଦ୍ର କୁମାର ଜେନା, ବିଜୟଲକ୍ଷ୍ମୀ ପଟ୍ଟନାୟକ, ରୀନାରାଣୀ ରାଉତ ରାୟ, ପୀତାମ୍ବର ମହାପାତ୍ର, ଅଶୋକ ବିଶ୍ୱାଳ, ଅମ୍ବିକା ସ୍ୱାଇଁ, ମନୋଜ ଜେନା, ଅରବିନ୍ଦ ଦାସ, ଭାନୁମତୀ ସାହୁ ଓ ମୃଣାଳ।
ଅନ୍ୟଭାଷାର କଥା : ଲିଙ୍ଗରାଜ ମହାନ୍ତି
କଥାକାରଙ୍କ ସହ ଭେଟ ଘାଟ: ଗାଳ୍ପିକ ଅରବିନ୍ଦ ରାୟ
ନୂଆ ଗପ ବହି ସମୀକ୍ଷା: ମହାଶ୍ୱେତା ସାହୁଙ୍କ ଈଶ୍ୱର ମରିଗଲାପରେ
ଯୁବମାନସର କଥା : ରଜତରଶ୍ମୀ ସ୍ୱାଇଁ, ଜ୍ୟୋସ୍ନା ସାମନ୍ତ ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)